# ବାବାଜୀ ନାଟକ

ମୂଲ୍ୟ—ଏକଟଙ୍କା ପଚିଶ ନୂଆ ପଇସା

৺ ସ୍ୱର୍ଗୀୟ ଜଗନ୍ମୋହନ ଲାଲାଙ୍କ ରଚିତ

# ବାବାଜୀ ନାଟକ

ସମ୍ପାଦନା ଓ ଆଲୋଚନା

**କବିଚନ୍ଦ୍ର ଶ୍ରୀ କାଳୀଚରଣ ପଟ୍ଟନାୟକ**

— ନାଟ୍ୟାଚାର୍ଯ୍ୟ —

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର

Digitised by srujanika@gmail.com

# ଆଲୋଚନା

## ନାଟ୍ୟ

ନାଟ୍ୟ ଶବ୍ଦର ମୂଳ 'ନାଟ୍'—ନଟ୍ ଧାତୁରୁ ନିଷ୍ପାଦିତ। ଅର୍ଥ ହେଲା ଅବସ୍ପନ୍ଦନ = କମ୍ପନ। ଅବସ୍ପନ୍ଦନ କହିଲେ—"କିଞ୍ଚିତ୍ ଚଳନ", ଶରୀରର କିଞ୍ଚିତ୍ ସଞ୍ଚାଳନ,—ଯାହା ବିଶେଷ ଆବଶ୍ୟକ, ସାତ୍ତ୍ୱିକଭାବ ପ୍ରଦର୍ଶନ ଲାଗି। 'ନାଟ୍ୟ' ରସ ପ୍ରକାଶକ (Expressive of Rasa) "ରସାଶ୍ରୟଂ ନାଟ୍ୟମ୍"। ଏହା ଦୃଶ୍ୟ ଏବଂ ଶ୍ରାବ୍ୟ (Audio-visual) ଦଶରୂପକ ମତେ :—

"ଅବସ୍ଥାନୁକୃତିର୍ନାଟ୍ୟଂ ରୂପଂ ଦୃଶ୍ୟ ତୟୋଚ୍ୟତେ
ରୂପକଂ ତତ୍ସମାରୋପାଦ୍, ଦଶଧୈବ ରସାଶ୍ରୟମ୍"।

ଅବସ୍ଥା କହିଲେ—କାବ୍ୟବର୍ଣ୍ଣିତ ଧୀରୋଦାତ୍ତାଦି ଅବସ୍ଥାମାନ। କାବ୍ୟ ହେଲା—"କବ୍ ବର୍ଣ୍ଣେ"—କବିର କର୍ମ—ଦର୍ଶନ ଓ ବର୍ଣ୍ଣନ ଇତ୍ୟାଦି। ଏହା ଦୁଇଭାଗରେ ବିଭକ୍ତ:—"କାବ୍ୟ ପ୍ରେକ୍ଷଂ ଶ୍ରବ୍ୟଂଚ" ଦୃଶ୍ୟ ଏବଂ ଶ୍ରାବ୍ୟ ଦେଖିବା ଓ ଶୁଣିବା। ପ୍ରେକ୍ଷ୍ୟ—ପ୍ରେକ୍ଷ୍ୟଂ ପାଠ୍ୟଂ ଗେୟଂଚ—ଦୁଇଟି ବିଭାଗ। ପାଠ୍ୟ—ନାଟକ, ପ୍ରକରଣ, ନାଟିକା ଇତ୍ୟାଦି ଇତ୍ୟାଦି। ଗେୟ—ସ୍ଥାନକାଳପାତ୍ରୋଚିତ ଭାବାନୁସାରୀ ଭାଷା, ସ୍ୱର ରଚନା ପୂର୍ବକ ସୁକଣ୍ଠ ଗାୟକ-ପରିବେଶିତ ସଙ୍ଗୀତ।

ପ୍ରେକ୍ଷ୍ୟ ବା ଦୃଶ୍ୟକାବ୍ୟକୁ ରୂପକ ବୋଲି କହନ୍ତି। ସାହିତ୍ୟ ଦର୍ପଣକାର କହିଛନ୍ତି:—"ଦୃଶ୍ୟଂ ତତ୍ରାଭିନେୟଂ ତଦ୍ରୂପାରୋପାତ୍ତୁ ରୂପକମ୍"। ଅଭିନେୟ ଦ୍ୱାରା ପ୍ରଦର୍ଶିତ ବୋଲି କୁହାଯାଏ ଦୃଶ୍ୟ। ନଟ କୌଣସି ଚରିତ୍ର ଭୂମିକାରେ ଅବସ୍ଥାନୁକରଣ ପୂର୍ବକ ତଦ୍ରୂପ ରୂପ ଗ୍ରହଣ କରିବାରୁ ଏହା ରୂପକ ବୋଲାଏ।

Digitised by srujanika@gmail.com

ଭରତ ମୁନିଙ୍କ ସମୟରେ 'ରୂପକ' ଶବ୍ଦର ପ୍ରଚଳନ ନ ଥିଲା । ନାଟ୍ୟ ବୁଝାଉଥିଲା ନାଟକକୁ । "ନାଟକମିତ୍ୟ ନାଟ୍ୟବୃତ୍ତ । ବଚନଂ ରଞ୍ଜନା ପ୍ରବେଶେନ ସଭ୍ୟାନଂ ହୃଦୟଂ ରଞ୍ଜୟତ୍ତ ।"

ଉତ୍ପତ୍ତି—"ଲୋକ ଚିନ୍ତାନାଶାର୍ଥଂ" ସଙ୍ଗୀତ କଥାଭିନୟ ସଂଯୋଗା ନ୍ନାଟ୍ୟୋତ୍ପତ୍ତି ।" ସଙ୍ଗୀତ, କଥା (ସଂଳାପ) ଓ ଅଭିନୟ ସଂଯୋଗରେ ଜଗତର ଚିନ୍ତାହରଣ ଲାଗି ନାଟ୍ୟର ଯଥାର୍ଥ ସୃଷ୍ଟି ଘଟିଲା । ଏଥିଲାଗି ଭରତମୁନି କହିଲେ :—

"ଯୋଽୟଂ ସ୍ୱଭାବୋ ଲୋକସ୍ୟ ସୁଖଦୁଃଖ ସମନ୍ୱିତଃ
ସୋଽଙ୍ଗାଦ୍ୟଭିନୟୋପେତୋ ନାଟ୍ୟମିତ୍ୟଭିଧୀୟତେ ।"

ଏହା 'ନାଟ୍ୟବେଦ' ବୋଲାଏ । "ଯଂ ନାଟ୍ୟବେଦଂ ବେଦେଭ୍ୟ ଉଦ୍ଧୃତଃ ସାରମାଦାୟ ବ୍ରହ୍ମା କୃତବାନ୍;" ବ୍ରହ୍ମା ହେଲେ ନାଟ୍ୟର ସ୍ରଷ୍ଟା । ସୃଷ୍ଟିପାଇଁ ଚାରି ବେଦର ସାହାଯ୍ୟରେ ବ୍ରହ୍ମା ନାଟ୍ୟରେ ରଖିଲେ ପାଠ୍ୟ, ଅଭିନୟ, ଗୀତ ଏବଂ ରସ । ଏ ସମ୍ବନ୍ଧେ ନନ୍ଦୀକେଶ୍ୱର କହିଅଛନ୍ତି—

'ଋଗ୍‌ଯଜୁଃ ସାମବେଦେଭ୍ୟୋ ବେଦାଚ୍ଚାଥର୍ବଣଃ କ୍ରମାତ୍
ପାଠ୍ୟଂ ଚାଭିନୟଂ ଗୀତଂ ରସାନ୍ ସଂଗୃହ୍ୟ ପଦ୍ମଜଃ । × ×

ଏହାର ସମ୍ମେଳନରେ ହେଲା "ବାକ୍ୟାର୍ଥାଭିନୟଂ ରସାଶ୍ରୟଂ ନାଟ୍ୟଂ ।" ପ୍ରଚାରକ ଏହାର ଭରତ । "ନାଟ୍ୟବେଦଂ ଦଦୌ ପୂର୍ବଂ ଭରତାୟ ଚତୁର୍ମୁଖଃ ।"

ବାକ୍ୟ – "ବକ୍ତୃ ଭାବ ବ୍ୟଞ୍ଜକାଃ ଶବ୍ଦାଃ ବାକ୍ୟମ୍" ( ବକ୍ତାର ଭାବ ପ୍ରକାଶକ ଶବ୍ଦ, ବାକ୍ୟ ) । ଏହା ଛଡ଼ା ଅବଶ୍ୟ ନାଟ୍ୟ ସୃଷ୍ଟି ବିଷୟରେ ନାନାମତ ମଧ୍ୟ ଦେଖାଯାଏ । ସେ ଯାହା ହେଉ ଅଭିନୟ ବଶରେ ପ୍ରକାଶିତ ଦୈନନ୍ଦିନ ସୁଖଦୁଃଖାନୁଭୂତିର ପ୍ରକାଶ= ନାଟ୍ୟ । ୩ୟ ବା ୪ର୍ଥ ଶତାବ୍ଦୀରୁ ଏହା ଭାରତରେ ପ୍ରଚଳିତ ।

Digitised by srujanika@gmail.com

## —ଅଭିପ୍ରାୟ ( Purpose )—

ଧର୍ମଜ୍ଞାନରୁ ବା ଧର୍ମହେତୁରୁ ଅଥବା ଧର୍ମଧାରଣା ଅଭିପ୍ରାୟ ଘେନ ନାଟ୍ୟର ସୃଷ୍ଟି ଘଟି ନାହିଁ । ଧ୍ୱଂସ ହିଁ ଘଟାଇଛି ଏହାର ସର୍ଜନା । ଅଭିପ୍ରାୟ ହେଲା—ବର୍ଣ୍ଣିତ ବିଷୟ ପ୍ରତି ଦୃଷ୍ଟି ଆକର୍ଷିତ କରାଇ ଜଗତକୁ ଧ୍ୱଂସମୁଖରୁ ନିବୃତ୍ତି ପଥ ପ୍ରଦର୍ଶନ । ଏଣୁ ନାଟ୍ୟ ସୃଷ୍ଟିର ଲକ୍ଷ୍ୟ ବା ଅଭିପ୍ରାୟ—"ଧର୍ମକାମାର୍ଥ ମୋକ୍ଷଦମ୍ ।"

## —ସୃଷ୍ଟିରହସ୍ୟ—

ପୂର୍ବେ କୁହାଯାଇଛି ନାଟ୍ୟ—ଅବସ୍ପନ୍ଦନ । ନାଟ୍ୟ ସୃଷ୍ଟି ସମ୍ବନ୍ଧରେ କେହି କେହି ମତ ଦିଅନ୍ତି ଯେ ମନୁଷ୍ୟ ପ୍ରଥମେ ତାର ଶରୀର ସଞ୍ଚାଳନକୁ ଆୟତ୍ତ କରିପାରେ ନାହିଁ । ଯେପରି କି ଶିଶୁ କାରଣ ଅକାରଣରେ ତାର ହସ୍ତପଦ ନାନା ଭଙ୍ଗିରେ ସଞ୍ଚାଳନ କରେ—ଡ଼ିଏଁ, ମନକୁମନ ନାଚେ, ଆପଣାର ଆନନ୍ଦରେ । କାହାରି ଉପସ୍ଥିତି, କୌଣସି କଥା ବା କାରଣ ପ୍ରତି ଭ୍ରୁକ୍ଷେପ ନାହିଁ ତାର । ଏଇ ହେଲା ନୃତ୍ତ ।

ତା'ପରେ ଯେତେବେଳେ ଜଣାପଡ଼ିଲା ଯେ ଏଇପରି ହାତଗୋଡ଼ର ନିର୍ଦ୍ଦିଷ୍ଟଚାଳନ ଭଙ୍ଗିରୁ ବିଶିଷ୍ଟ ଅର୍ଥ ପ୍ରକାଶ ପାଉଛି, ସେତେବେଳେ ଏ ସବୁର ଏକ ନିୟନ୍ତ୍ରଣ ବା regularisationର କଳ୍ପନା ଉଦ୍ଭବ ମସ୍ତିଷ୍କକୁ ଆସିଲା । ନିୟମବଦ୍ଧ ଭାବରେ ସେଇଠୁ ହେଲା ଏହାର ସଂକଳନ—ସେ ହେଲା ନୃତ୍ୟ; ପ୍ରଦର୍ଶକ ବୋଲାଇଲା 'ନର୍ତ୍ତକ' । ସେଇଠୁ ଏ ଦୁଇଟିର ଉପଯୋଗରେ ମିଶିଲା ବିଷୟବସ୍ତୁ ଆଉ ରସ—ତିଆରି ହେଲା ନାଟ୍ୟ । ପରିବେଶକ 'ନଟ' ଆଖ୍ୟାରେ ପରିଚିତ ହେଲେ । କାହାରି କାହାରି ମତରେ ନାଟ୍ୟର ସ୍ୱତନ୍ତ୍ର

Digitised by srujanika@gmail.com

ଉଦ୍ଭବ ଘଟିଛି ବୋଲି ମଧ୍ୟ କୁହାଯାଇଛି । ଏହାର ସର୍ବଶେଷ ବା ସ୍ୱତନ୍ତ୍ର ବସ୍ତୁରର ସ୍ଥଳ ଅନ୍ୟତ୍ର ।

ପଞ୍ଚମ ଶତାବ୍ଦୀ ବେଳକୁ ନାଟ୍ୟ ପୁଣି ଅମରକୋଷ କର୍ତ୍ତାଙ୍କ ଦ୍ୱାରା ନୃତ୍ୟ, ନର୍ତ୍ତନର ସମନାମରେ ପ୍ରଯୁକ୍ତ ହେବାର ପ୍ରମାଣ ମିଳେ ।

## —ଆଖ୍ୟା—

ମୂଳରୁ ନାଟକ ବୋଲି କଥାଏ ନଥିଲା । ନାଟ୍ୟ ହିଁ ନାଟକ ଅର୍ଥରେ ଲାଗୁ ହେଉଥିଲା ବୋଲି କୁହାଯାଇଛି । ଧୀରେ ଧୀରେ 'ନାଟ୍' ସ୍ଥାନରେ ଆସ୍ଥାନ ପାତିଲା 'ରୂପ' । ଏ ଘଟିତ ଘଟିଲା ବର୍ଷ ହଜାରକରୁ ବେଶୀ । ପୁଣି 'ରୂପ' ଦେହଛଡ଼ା ହେଲା—ରହିଲା ସେହି 'ନାଟ୍' । ପରେ କିନ୍ତୁ 'ରୂପ' ରୂପକର ରୂପ ଧରି ଠିଆହେଲା ଆଉ ସାଧାରଣ ଅର୍ଥରେ ନାଟକକୁ ବୁଝାଇଲା ।

"ନଟେ ରାମାଦ୍ୟବସ୍ଥାରୋପେଣ ବର୍ତ୍ତମାନତ୍ୱାଦ୍ ରୂପକମ୍"
—କହିଲେ ଧନଞ୍ଜୟ-ନବମ, ଦଶମ ଶତାବ୍ଦୀରେ ।

ଏତିକିବେଳରୁ ରୂପକ ଶବ୍ଦଟା ବିଶେଷଭାବରେ ଚଳିଲା ଆଉ ବୁଝାଇଲା ନାଟକକୁ ।

ଏଗୁଡ଼ିକ ଘଟିତ ଓ ପ୍ରକାର ଇତ୍ୟାଦି ଭେଦରେ ନଆସି ନଆସି ପୂର୍ବକଥିତ କାରଣମାନଙ୍କ ଦୃଷ୍ଟିରୁ ।

ଧନଞ୍ଜୟ ନାଟୀକାକୁ ନାଟକର ଅନ୍ତର୍ଭୁକ୍ତ କରିଛନ୍ତି କିନ୍ତୁ ନାଟ୍ୟଶାସ୍ତ୍ରମତେ ନାଟକ ଏବଂ ପ୍ରକରଣର ସଂମିଶ୍ରଣରେ ପ୍ରସ୍ତୁତ ହୋଇଛି ନାଟୀ । ଏହାର ନାମ ପରେ ହେଲା ନାଟିକା । ନାଟିକା ନଟୀ ଶବ୍ଦଜ । ସମସ୍ତେ କିନ୍ତୁ ନାଟ୍ୟ ଘଟିତର ଅନ୍ତର୍ଗତ ।

Digitised by srujanika@gmail.com

"ପ୍ରସିଦ୍ଧ କଳ୍ପିତ କୃତାନୁକରଣମ୍ ନାଟ୍ୟମ ।"

ଏହି ପ୍ରସିଦ୍ଧ (ସତ୍ୟ) ଓ କଳ୍ପିତ (ମନଗଢ଼ା) ଜାଗତିକ ଘଟଣାର ଅନୁସରଣ ବା ଅନୁକରଣ ହେଉଛି ନାଟ୍ୟ । 'କୃତ' ଏଇ ଶବ୍ଦର ଠିକ୍ ଅର୍ଥହେଲା—ଯାହା କରାଯାଇ ସରିଛି, ବା ଯାହା ଘଟିଯାଇଛି —ଅର୍ଥାତ୍ ଗତକଥା । କିନ୍ତୁ ପ୍ରଚଳିତ ଅର୍ଥରେ ଏହା ବୁଝାଇବ—

"ଭବିଷ୍ୟତସ୍ଥ ଲୋକସ୍ୟ ସର୍ବକର୍ମାନୁଦର୍ଶକମ୍"

ଅର୍ଥାତ୍ ଭବିଷ୍ୟତକୁ ଲୋକର ସବୁପ୍ରକାର କାର୍ଯ୍ୟ, ଯାହାର ଅନୁକୃତି ନାଟ୍ୟରେ ଦେଖାଯାଇପାରିବ । ସେଗୁଡ଼ିକ ଯଥା:—

୧—ଯାହା ଘଟିଯାଇଛି ।

୨—ଯାହା ଘଟୁଛି ।

୩—ଯାହା ଘଟିବାର ସମ୍ଭାବନା ରହିଛି ।

୪—ଯାହା ଘଟିବା ଉଚିତ ।

ଏଇଗୁଡ଼ିକ ହେଉଛି ନାଟ୍ୟ, ନାଟକ ବା ରୂପକର ବିଷୟ ।

ଆଗରେ କୁହାଯାଇଛି ରୂପକ ସମ୍ବନ୍ଧେ ଧନଞ୍ଜୟଙ୍କ ବାକ୍ୟ । ତାହାର ଅବୟବ ଗଢ଼—କଥା, ସଂବାଦ ଓ ରଙ୍ଗନିର୍ଦ୍ଦେଶ— "କଥା ସାହିତ୍ୟ ରଙ୍ଗନିର୍ଦ୍ଦେଶାତ୍ମକଙ୍କ ରୂପକମ୍"—ଯାହା ମଧ୍ୟ ନାଟକର ମୂଳପିଣ୍ଡ । ପାଠ ବୋଲୁଛି:—

"ନାଟ୍ୟକାର କୃତ-ପ୍ରସିଦ୍ଧ କଳ୍ପିତ-କଥାସାରଗ୍ରଥିତ ରଚନାନୁସାରତଃ ରଙ୍ଗପୀଠେ ପ୍ରଯୋକ୍ତ ଶିକ୍ଷିତ ନଟାଭିନୟସଂବାଦ-ସଙ୍ଗୀତାଦିଜନ୍ୟ ରସ ଦ୍ୱାରା ପ୍ରେକ୍ଷକାଣାଂ ବିନୋଦବିଶ୍ରାନ୍ତ ଉପଦେଶ-ଜନକଂ କାର୍ଯ୍ୟଂ ନାଟକଂ ରୂପକଂ ବା ।"

ନାଟ୍ୟକାରଙ୍କ ରଚିତ ପ୍ରସିଦ୍ଧ ବା କଳ୍ପିତ କଥାବସ୍ତୁକୁ ନାଟ୍ୟ ପ୍ରଯୋକ୍ତା (ନିର୍ଦ୍ଦେଶକ)ଙ୍କ ଦ୍ୱାରା ଶିକ୍ଷାପ୍ରାପ୍ତ ଅଭିନୟ ସଂବାଦ

Digitised by srujanika@gmail.com

ସଙ୍ଗୀତାଦିଦ୍ୱାରା ରସ ପ୍ରକାଶ ପୂର୍ବକ ଦର୍ଶକ ମନବିନୋଦନ ତଥା ଉପଦେଶ ପ୍ରଦାନ କରୁଥିବାକୁ ନାଟକ ବା ରୂପକ କୁହାଯାଏ ।

ଏହିସବୁ ବିଗ୍ଭର ଦୃଷ୍ଟିରୁ ରୂପକ ଯାହା ନାଟକ ସେଇଆ । ପୁଣି ନାଟକ ମଧ୍ୟ ହେଲା ରୂପକର ଏକ ଭେଦ – ପ୍ରଧାନ ଭେଦ ।

## ନାଟ୍ୟାଙ୍ଗ –ସମନ୍ୱୟ

କୁହାଯାଇଛି –

"ବାକ୍ୟାର୍ଥାଭିନୟଂ ରସାଶ୍ରୟଂ ନାଟ୍ୟମ୍"

ବାକ୍ୟର ଅର୍ଥକୁ ଅଭିନୟଦ୍ୱାରା ପ୍ରକାଶକରି ରସପରିବେଷଣ କରେ ନାଟ୍ୟ –

## ବାକ୍ୟ

"ପରସ୍ପରାଭିସମ୍ବନ୍ଧଃ ପଦସମୂହୋ ବାକ୍ୟମ୍"

ଗୋଟିକ ସହିତ ଅନ୍ୟଟିର ସମ୍ବନ୍ଧ ଥିବା ପଦ ବା ଶବ୍ଦସମୂହକୁ ବାକ୍ୟ କୁହାଯାଏ ।

ପାତ୍ର ମୁଖରୁ ଦର୍ଶକମନରେ ନାଟକୀୟ ଚରିତ୍ରର ଗତି-ମତିଗତର ପରିଚୟ ପ୍ରଦାନ ନିମିତ୍ତ ନାଟ୍ୟକାରଙ୍କ ଦ୍ୱାରା ଲିଖିତ ଶବ୍ଦ ସମନ୍ୱୟ ହେଲା ନାଟ୍ୟର ବାକ୍ୟ । ଶବ୍ଦ କହିଲେ ଅର୍ଥହୀନ ରବ ନୁହେଁ । "ଭାବଧାରଃ ଶବ୍ଦଃ"—ଯହିଁରୁ ଭାବ ପ୍ରକଟିତ ହୁଏ । ଏହିପରି ଶବ୍ଦର ସମାବେଶରେ ଯେଉଁ ବାକ୍ୟ ରଚିତ ହୋଇଥାଏ, ଯାହା ବକ୍ତାର ଅଭିପ୍ରାୟ ଜଣାଏ – "ବକ୍ତୃ ଭାବବ୍ୟଞ୍ଜକଃ ଶବ୍ଦଃ ବାକ୍ୟମ୍" ଅର୍ଥାତ୍ ନାଟ୍ୟକାର, ନଟ, ନାଟ୍ୟପାତ୍ର ବା ନିର୍ଦ୍ଦିଷ୍ଟବକ୍ତାଙ୍କ ମୁଖରେ ଯେଉଁ ଶବ୍ଦ ସମୂହର ଏକତ୍ରୀକରଣରେ ବାକ୍ୟ କୁହାଇ କୌଣସି ନିର୍ଦ୍ଦିଷ୍ଟ ଚରିତ୍ରର ବା ବିଷୟର ପରିଚୟ ଦିଆଇ ଥାଆନ୍ତି, ସେହିପରି ବାକ୍ୟର ଅର୍ଥ ଅଭିନୟ ଦ୍ୱାରା ଫୁଟାଇବା ହେଉଛି ନାଟ୍ୟର ମର୍ମ ।

Digitised by srujanika@gmail.com

# —ଅଭିନୟ—

ଅଭିନୟ କହିଲେ **କେବଳ** ହାତ ବା ପାଦର ଗୃଳନା ନୁହେଁ । ଦେଶଜ ଚଳଣୀରେ ଏହାକୁ କହନ୍ତି **ଅବଲୟ** । ଏହାର ଅର୍ଥ ଅନୁକରଣ ଦ୍ୱାରା କାହାର କୌଣସି କର୍ମର ପ୍ରକାଶ । ଅଭିନୟ ସତ୍ୟ ନୁହେଁ ଅସତ୍ୟ ( Unreal,-act not really related to the life of the person ନହେ who shows it ) ଦର୍ଶକଙ୍କୁ କୌଣସି ପାଠ୍ୟର ଅର୍ଥ ବୁଝାଇବା ( To Communicate Something, some ଅର୍ଥ of some ପାଠ୍ୟ to the spectator ଶବ୍ଦଟି ହେଲା ଅଭି, ଣୀନ (ଧାତୁ) + ଅ, ନୀନ୍ ଧାତୁର ଅର୍ଥ 'ପ୍ରାପନ' ଅର୍ଥାତ୍ ପ୍ରେରଣ (Sending forth) ଏଇ ପ୍ରେରଣ; ଭାବ ବା ଅର୍ଥ ପ୍ରେରଣ ବୁଝାଏ । ଅର୍ଥାତ୍ ଅର୍ଥ ପ୍ରକଟିକରଣ ବା ଅର୍ଥ ବୁଝାଇବା କର୍ମ—ଦର୍ଶକଙ୍କୁ ବା ଦର୍ଶକ ମନରେ ତତ୍‌ତତ୍‌ଭାବରେ ପ୍ରଭାବପାତ ହେଲା ଏହାର ଅଭିପ୍ରାୟ ।

## ଅଭିନୟ ରସ ପ୍ରକାଶକ

ରସ—ପରିସ୍ଥିତି ବିଶେଷରୁ ଅଭିବ୍ୟକ୍ତ କୌଣସି ସ୍ଥାୟୀଭାବର ଅନୁଭୂତି ।

ରସସୃଷ୍ଟି ହୁଏ ବାକ୍ୟରୁ । ଭାବ ସୃଷ୍ଟି ହୁଏ ପଦ (ଶବ୍ଦ)ରୁ । ଭାବ, ରସର ଉତ୍ପାଦକ; ଯେପରି ପଦ(ସଂଯୋଗ) ବାକ୍ୟର ସ୍ରଷ୍ଟା । ପଦ ଏବଂ ବାକ୍ୟର ଯେ ସମ୍ପର୍କ, ଭାବ ଏବଂ ରସର ସେହି ସମ୍ପର୍କ । ନାଟ୍ୟକୁ ତେଣୁ କୁହାଯାଇଛି — "ବାକ୍ୟାର୍ଥାଭିନୟ,"—ଏହା 'ପଦାର୍ଥାଭିନୟ' ନୁହେଁ ଅର୍ଥାତ୍ ଏହା ଭାବାଶ୍ରୟୀ ନୁହେଁ ରସାଶ୍ରୟୀ ।

Digitised by srujanika@gmail.com

"ଶୃଙ୍ଗାର ହାସ୍ୟ କରୁଣ ରୌଦ୍ର ବୀର ଭୟାନକା
ବିଭତ୍ସାଦଭୁତ ଶାନ୍ତା ନବରସାଃ।"

୧ – ଶୃଙ୍ଗାର ୨ – ହାସ୍ୟ, ୩ – କରୁଣା, ୪ – ରୌଦ୍ର, ୫ – ବୀର ୬ – ଭୟାନକ, ୭ – ବିଭତ୍ସ, ୮ – ଅଦ୍ଭୁତ ଓ ୯ – ଶାନ୍ତ – ଏହି ନବରସ।

ବୈଷ୍ଣବ ସାହିତ୍ୟ ପ୍ରବର୍ତ୍ତକମାନେ ପରେ ବାତ୍ସଲ୍ୟ ରସକୁ ମଧ ଏଥି ସହିତ ଯୋଗ କରିଛନ୍ତି। ପୁଣି ମତାନ୍ତରେ ରସଶ୍ରେଣୀ ମଧ୍ୟରେ ଶାନ୍ତରସକୁ ଗଣନା ନ କରି ଅଷ୍ଟରସ ବୋଲି କୁହାଯାଇଛି। ସେ ଯାହାହେଉ ନାଟ୍ୟ ରସମୁଖ୍ୟ। ଅଭିନୟ ମାଧ୍ୟମରେ ଏଇ ରସ ପରିବେଶିତ।

ସ୍ଥାନକାଳପାତ୍ର ପ୍ରତି ଲକ୍ଷ୍ୟ ରଖି ଅର୍ଥାତ୍ କେଉଁ ସ୍ଥାନରେ କେଉଁ ସମୟରେ, କିଏ, ଯାହା ପ୍ରଦର୍ଶନ କଲେ ବା କରିଥିଲେ ତାହାର ଅଭିପ୍ରାୟ ଯଦି ନାଟ୍ୟ ପରିବେଶଣର ଉଦ୍ଦେଶ୍ୟ ହୁଏ, ତେବେ ସେହି ଅବସ୍ଥାନୁକୃତିରେ କିଭଳି ଆଙ୍ଗିକ ଚେଷ୍ଟାଦ୍ୱାରା, କପରି କଥା କହି, କପ୍ରକାର ବେଶଭୂଷା ପିନ୍ଧି ଓ କେଉଁ ରସ ପରିଣି ଦର୍ଶକ ମନରେ ସେହି ସ୍ଥାନକାଳପାତ୍ରର ଅନୁରୂପ ପ୍ରତ୍ୟୁତ୍ପାତ କରାଇବାକୁ ହେବ, ଅଭିନୟ ତାହାର ବ୍ୟବସ୍ଥା ପାଇଁ ସୃଷ୍ଟି – ଅର୍ଥାତ୍ ସେହି କାର୍ଯ୍ୟକୁ କୁହାଯାଏ ଅଭିନୟ। ଅନୁକୃତି ଶବ୍ଦର ଅର୍ଥ ଇଂରାଜୀରେ Representation ବୋଲି ଧରନେଲେ ତାହା ଠିକ୍ ଭାବାର୍ଥ ବୁଝାଇବ ନାହିଁ।

## – ଉଦଭବ –

ଅଭିନୟର ଉଦ୍ଭବସ୍ଥଳ 'କାୟମନବାକ୍ୟ'(Body, Mind, Voice)

Digitised by srujanika@gmail.com

—ବିଭାଗ—

ରସ ପରିବେଷଣ ଲାଗି ଏହି ଗ୍ରନ୍ଥରେ ଅଭିନୟକୁ ମୁଖ୍ୟ ତିନିଗୋଟି ବିଭାଗରେ ବିଭକ୍ତ କରାଯାଏ । ଯଥା—.

୧—କାୟର ଅଭିନୟ—ଆଙ୍ଗିକ

୨—ମନର ଅଭିନୟ—ସାତ୍ତ୍ୱିକ

୩—ବାକ୍ୟର ଅଭିନୟ—ବାଚିକ

ଏହି ଅଙ୍ଗଭଙ୍ଗି, ଭାବ, ସୂଚନା ଓ ବାକ୍ୟ (ସଂଳାପ ବା ବଚନିକା) ଦ୍ୱାରା ଅଭିନୟ ପ୍ରଦର୍ଶିତ ହୁଏ । କିନ୍ତୁ ଏ ତିନିପ୍ରକାର ଅଭିନୟର ପରିପୂରକ ହେଲା ବେଶଭୂଷା । ଏହା ବାହାରରୁ ଆନୀତ ଅର୍ଥାତ୍ ଶରୀର ସମ୍ପର୍କୀୟ ନୁହେଁ । ଏଣୁ ଏହାର ନାମ ରଖାଯାଇଛି "ଆହାର୍ଯ୍ୟ" (Borrowed) । ଅତଏବ 'ଅଭିନୟର ବିଭାଗ ହେଲା ଚାରିଗୋଟି । ରସ ଉପସ୍ଥାପନା ଲାଗି ଆଙ୍ଗିକ, ବାଚିକ, ସାତ୍ତ୍ୱିକ ଓ ଆହାର୍ଯ୍ୟ—ପ୍ରତ୍ୟେକ ବିଭାଗୀୟ ଅଭିନୟ ପରସ୍ପର ଅଙ୍ଗାଙ୍ଗିଭାବେ ସମ୍ବନ୍ଧିତ ।

— ଆଙ୍ଗିକ—

ଶରୀର ସଞ୍ଚାଳନ—(ଅବସ୍ପନ୍ଦନ] ଆଙ୍ଗିକ ଅଭିନୟର ଧର୍ମ । ଏଥିରେ କେବଳ ହସ୍ତପଦର ଚାଳନା ବୁଝିବା ଠିକ୍ ନୁହେଁ । ଅନ୍ୟାନ୍ୟ ଅଙ୍ଗଚାଳନା (movement of main limbs also) ମଧ୍ୟ ଲକ୍ଷିବ୍ୟ । ଏହା 'ଅବସ୍ଥାନୁକୃତି' ହେବ । କିନ୍ତୁ ଏହି ଅନୁକୃତ । ଯାହା ସତ୍ୟ ନୁହେ—ଯାହା representation ନୁହେଁ; actual ନୁହେଁ—ଅଥଚ ଯାହା ସେହି ଭାବ-ଦ୍ୟୋତକ ।

ମାତ୍ର କେବଳ ଏହି ଆଙ୍ଗିକ ଅଭିନୟ ଈପ୍ସିତ ରସ ପରିବେଷଣ ପକ୍ଷେ ଯଥେଷ୍ଟ ସମର୍ଥ ନୁହେଁ । ଏଥିପାଇଁ ଆବଶ୍ୟକ ଅନୁସଙ୍ଗୀ ଭାଷା ବା ବାକ୍ୟ । ଯାହାର ମୂଳତତ୍ତ୍ୱ – 'ସ୍ୱର' । ଏହାହିଁ ବାଚିକ ଅଭିନୟ ବିଭାଗ ।

Digitised by srujanika@gmail.com

### — ବାଚିକ —

ନୀରବ ଆଙ୍ଗିକ ଅଭିନୟ ରସବିକାଶ ପକ୍ଷେ ଯୋଗେ ତାର ସହଚର—

"ବାଣୀ"—ବାକ୍ୟ, ଯାହା ବୋଲାଏ ବାଚିକ ଅଭିନୟ ।

ବାଚିକ—ପାଠ୍ୟରୁ ଗୃହୀତ । ଏହାହିଁ ସଂଳାପ, ସଂବାଦ ବା ବଚନିକା ।

"ବକ୍ତୃଭାବ ବ୍ୟଞ୍ଜକ ଶବ୍ଦଃ ବାକ୍ୟମ୍"

ବକ୍ତାର ଭାବ ପ୍ରକାଶକ ଶବ୍ଦ—ବାକ୍ୟ । ଏହି ଶବ୍ଦ ଯୋଜନାରେ ଯେଉଁ ବଚନିକା ପ୍ରସ୍ତୁତ ହେବ ତହିଁରୁ ପାତ୍ରର ଅବସ୍ଥା, ସ୍ୱଭାବ, ପ୍ରକୃତି ବା ପ୍ରବୃତ୍ତି ଇତ୍ୟାଦି ପ୍ରକାଶିତ ହୁଏ । ତେଣୁ ବାକ୍ୟ ବା ଭାଷା ସୁଷମ, ଲଳିତ, ମଧୁରଛନ୍ଦ ଓ ଅଳଙ୍କାର ମଣ୍ଡିତ, ସରଳ, ନାତିଦୀର୍ଘ, ପାତ୍ରମୁଖୀ, ସର୍ବଜନବୋଧ ଓ ଭାବଗର୍ଭକ ହେବା ଆବଶ୍ୟକ । ଏଥିନିମିତ୍ତ ପୁଣି ପାତ୍ର ସ୍ୱୀୟ ବଚନିକା ପ୍ରକାଶ ବେଳେ ସ୍ଥାନ, କାଳ ଓ ଅବସ୍ଥା ବିବେଚନାରେ କଣ୍ଠ ସ୍ୱର ( voice ) ଓ ବାଚନଭଙ୍ଗି ( modulation ) ଇତ୍ୟାଦି ପ୍ରତି ସାବଧାନ ହୋଇ ପାତ୍ରୋଚିତ ମର୍ଯ୍ୟାଦା ରକ୍ଷା କରିବା ଉଚିତ । ବାଚିକ ଅଭିନୟ ନାଟ୍ୟର ବଚନ ବିନ୍ୟାସ କରେ । କାବ୍ୟ ମୀମାଂସା ମତେ ଏହା 'ରୀତି' ନାମରେ ଅଭିହିତ—"ବଚନ ବିନ୍ୟାସ କ୍ରମୋ ରୀତିଃ ।"

### —ସାତ୍ତ୍ୱିକ—

ଏହି ଅଭିନୟ ବିଭାବ ଦ୍ୱାରା ଦର୍ଶକ ମନରେ ନାଟ୍ୟର ଅଭିପ୍ରେତ ରସ ପରିବେଷିତ ହୁଏ । ତେଣୁ ଏହାର ମୂଲ୍ୟ ବିବେଚନା ଅଧିକ ।

Digitised by srujanika@gmail.com

ଅଭିନୟର ପ୍ରତ୍ୟେକ ବିଭାଗ ସହିତ ପ୍ରତ୍ୟେକର ସମ୍ପର୍କ । ଆଙ୍ଗିକ ବାଚିକ ଇତ୍ୟାଦି ବିଭାଗର ପ୍ରଭାବରେ ଅନୁଭାବିତ ପାତ୍ର ନିଜେ ଭୂମିକା ଓ ଅବସ୍ଥାର ଉପଯୁକ୍ତ ଭାବ, ବିଭାବ ଇତ୍ୟାଦିର ବାସ୍ତବରସ ନିଜେ ଆସ୍ୱାଦନ ନ କରି ପାରିଲେ ଦର୍ଶକଙ୍କୁ ରସ ପରଶି ପାରିବା ସମ୍ଭବପର ନୁହେଁ । ସାତ୍ତ୍ୱିକ ଅଭିନୟ ଚେତନ ନ ହେଲେ ଅଭିନେତା ମଞ୍ଚରେ "କାଠପିତୁଳା" ଭଳି ହତାଦୃତ ହେବା ସ୍ୱାଭାବିକ । ଆଙ୍ଗିକ ଅଭିନୟ ସହିତ ସାତ୍ତ୍ୱିକ ଅଭିନୟର ସାମାନ୍ୟ ସମ୍ପର୍କ ଥିଲେ ମଧ୍ୟ ଏହା ଏକାବେଳେ ମନୋଗ୍ରାହ୍ୟର କାର୍ଯ୍ୟ ( belonging to the mental sphere) ଏବଂ ମନର ଅବସ୍ଥା ପ୍ରକାଶକ ( mental act ) । ଆଖି, ମୁଖ, ଶିର ଇତ୍ୟାଦି ଏହାର ବିଶେଷ ଆଧାର । ନାଟ୍ୟରେ ସାତ୍ତ୍ୱିକାଭିନୟର ବହୁତ ଗୁରୁତ୍ୱର, ଧର୍ମୀଙ୍କ ମତରେ ନାଟ୍ୟ ସାତ୍ତ୍ୱିକାଭିନୟ-ପ୍ରଧାନ ।

## ଆହାର୍ଯ୍ୟ

ଆହାର୍ଯ୍ୟ ବିଭାଗର ମନ, ବଚନ, କାୟ (କର୍ତ୍ତବ୍ୟ, କାର୍ଯ୍ୟ) ସହିତ [ mind voice and body] କୌଣସି ସମ୍ପର୍କ ନାହିଁ । କିନ୍ତୁ ନାଟ୍ୟପକ୍ଷେ ଏହି ବିଭାଗର ଆବଶ୍ୟକତା ଯଥେଷ୍ଟ । ଏହା ଶାରୀରିକ କର୍ମର ଅନ୍ତର୍ଗତ ନୁହେଁ (does not come under innate human activities) । ଏଗୁଡ଼ିକ ହେଉଛି ସାଜ ପୋଷାକ, ଗହଣା ଇତ୍ୟାଦି । ନାଟ୍ୟ ପ୍ରବର୍ତ୍ତନାରେ ଭାବ ଓ ରସ ପରିବେଷଣ ଲାଗି ଏହାର ଆବଶ୍ୟକତା ଊଣା ନୁହେଁ ଏବଂ ଏହି କାରଣରୁ ଏହା ଅଭିନୟର ଚତୁର୍ଥ କର୍ମ ରୂପେ ସମ୍ମାନିତ । ବଭିନ୍ନ ଭୂମିକାର ସ୍ପଷ୍ଟ ଧାରଣା ଲାଭ ପକ୍ଷେ ଏହା ଅପରିହାର୍ଯ୍ୟ । ଆହାର୍ଯ୍ୟ ବା ବେଶଭୂଷାଦି ବିଭାଗ, ପାତ୍ରକୁ ଗୃହୀତ ଭୂମିକାର ଭାବାନୁପ୍ରାଣିତ କରାଏ । ଛାତ୍ର

Digitised by srujanika@gmail.com

ମିମାଂସା ଗ୍ରନ୍ଥାନୁସାରେ ଏହି ବେଶବିନ୍ୟାସ କର୍ମ ପ୍ରବୃତ୍ତି ବୋଲାଏ--
"ତବ ବେଶ ବିନ୍ୟାସକ୍ରମଃ ପ୍ରବୃତ୍ତିଃ ।"

## ବୃତ୍ତି (style)

ଅଭିନୟ ବିଭାଗ ଛଡ଼ା ନାଟ୍ୟରେ ବୃତ୍ତି ବିଚାର ରହିଛି । ବୃତ୍ତି ବିଚାରରେ ନାଟ୍ୟ ଭିନ୍ନ ଭିନ୍ନ ଧାରା ବା ବିଭାଗରେ ପ୍ରବର୍ତ୍ତିତ ହୋଇଥାଏ ।

ନାଟ୍ୟଶାସ୍ତ୍ରମତେ ପାତ୍ର ପାତ୍ରୀ ବା ନାୟକ ନାୟିକାଙ୍କର ବିଶେଷ ପ୍ରକାର ଢଙ୍ଗକୁ ବୃତ୍ତି କୁହାଯାଏ । କାବ୍ୟ ମିମାଂସା କ୍ରମେ "ବିଳାସ ବିନ୍ୟାସ କ୍ରମୋ-ବୃତ୍ତିଃ ।"

ବୃତ୍ତି ହେତୁ ରସ ନିଷ୍ପତ୍ତି ଘଟେ ।
"ବର୍ତ୍ତନ୍ତେ ଯସୋନ୍ନେୟେତ ବୃତ୍ତିଃ ॥

ନାଟ୍ୟ ପାତ୍ର (ନଟ, ନଟୀ)ର ଅଭିନୟ ବିଭାଗ ଚାରି ଗୋଟି (ଆଙ୍ଗିକ ବାଚିକ, ଆହାର୍ଯ୍ୟ, ସାତ୍ତ୍ୱିକ ଇତ୍ୟାଦି) ଏବଂ ତାହା ସହିତ ପ୍ରଦର୍ଶିତ ନାଟ୍ୟର ଆନୁସାଙ୍ଗିକ ବିଷୟ ପ୍ରସଙ୍ଗକୁ ବୃତ୍ତି କହନ୍ତି । ଏହା ନାଟ୍ୟରସ ଓ ନାଟ୍ୟ ପ୍ରକୃତିର ମାତୃକା ସ୍ୱରୂପ ଅଟେ ।

"ଏବ ମେତା ବୁଧୈର୍ଜ୍ଞେୟା ବୃତ୍ତୟୋ ନାଟ୍ୟ ମାତରଃ"

ବୃତ୍ତି ସମ୍ବନ୍ଧରେ ଏହିପରି କୁହାଯାଇଛି ଦଶରୂପକରେ— ବୃତ୍ତିହିଁ ନାଟ୍ୟ ବିଭାଗର ସ୍ରଷ୍ଟା (the principal factor for the Natay devision or devisi on of plays is ବୃତ୍ତି) ।

## ବୃତ୍ତି ଚାରିପ୍ରକାର

୧—କୈଶିକୀ—(ରସ –ଶୃଙ୍ଗାର ଓ ହାସ୍ୟ)— soft
୨—ସାତ୍ୱତୀ—(ରସ—ବୀର, ରୌଦ୍ର ଓ ଅଦ୍ଭୁତ)- grand

Digitised by srujanika@gmail.com

୩—ଆରଭଟୀ—(ରସ—ଭୟାନକ, ବିଭତ୍ସ ଓ ରୌଦ୍ର)—terrible

୪—ଭାରତୀ—(ରସ—କରୁଣ ଓ ଅଦ୍‌ଭୁତ ରସ)—eloquent

ନାଟ୍ୟରଚନାରେ ବୃତ୍ତି ବିଭାଗ ବିଷୟ ବିଚାର-ସାପେକ୍ଷ ।

ବୃତ୍ତି = ବୃତ୍ + କ୍ତିନ = ପ୍ରକୃତ

ବୃତ୍ତି ବିଚାର ସମ୍ବନ୍ଧେ ଏଠେ ଗୋଳଯୋଗରେ ନ ପଡ଼ି ବୁଝିବା ଉଚିତ ନାଟ୍ୟ ବା ନାଟକର ରୂପ, ଢଙ୍ଗ ଅର୍ଥାତ୍ ନାଟ୍ୟରଚିତ କଥାବସ୍ତୁର ବିଶେଷତ୍ୱ ବା ସ୍ୱତନ୍ତ୍ର ରୀତି, ପ୍ରକାର ବା ଘଟଣା-ପ୍ରବାହ ବିଚାର । ଏହି ଘଟଣା ବା ବିଷୟ ଅନୁକ୍ରମରେ ନାଟ୍ୟକାର ଭାଷା, ସଂଳାପ ଇତ୍ୟାଦି ଯୋଗାଡ଼ ଥାଆନ୍ତି । ନଚେତ୍ ଏଥିପ୍ରତି ଅସାବଧାନତା ନାଟ୍ୟ ବା ନାଟକକୁ ଦୃଶ୍ୟ ବଦଳରେ ପାଠ୍ୟରେ ପରିଣତ କରିପକାଏ ।

ବୃତ୍ତି ଭେଦରେ ଦୃଶ୍ୟ କାବ୍ୟ (ନାଟ୍ୟ, ରୂପକ ଇତ୍ୟାଦି)ର ବିଷୟାନୁବୃତ୍ତି ନିମ୍ନ ରୂପ—

୧—କୈଶିକୀ—

ଗୀତ, ବାଦ୍ୟ, ନୃତ୍ୟ, ଶୃଙ୍ଗାର ଚେଷ୍ଟା ଇତ୍ୟାଦିର ପରିମାଣ ବେଶୀ । ନାୟକ ନାୟିକା ଲଳିତ ଭାବାପନ୍ନ ।

୨—ସାତ୍ୱତୀ—

ନାୟକ ନାୟିକା ଉଦାସଭାବ ବହୁଳ, ରଚନା-ଗମ୍ଭୀର ଭାବାପନ୍ନ ରସ-ପ୍ରଧାନ ।

୩—ଆରଭଟୀ—

ବିବାଦ, କଳହ, ଯୁଦ୍ଧ ବିଗ୍ରହ ବିଷୟ ବର୍ଣ୍ଣନ ବହୁଳ ।

Digitised by srujanika@gmail.com

୫—ଭାରତୀ—

କରୁଣ ରସାପ୍ଳୁତ, ମିଳନରେ ଚମତ୍କାରିତା, ବର୍ଜିତ ଘଟଣା ବହୁଳ ବିଷୟବସ୍ତୁ ବର୍ଣ୍ଣନ ।

ବୃତ୍ତି ବିଷୟର ବୋଧ ଅବଧି ସ୍ପଷ୍ଟ ବୋଲି ମନେହୁଏ ନାହିଁ । ଏହା ଅଧିକ ଆଲୋଚନା ଓ ଅନେକପାଠ ସାପେକ୍ଷ ।

ବୃତ୍ତିର ସାଧାରଣ ଅର୍ଥ "ଚାଲିଚଳଣି" ରଙ୍ଗଢଙ୍ଗ ବା ବ୍ୟବହାର । ନାଟ୍ୟରଚନାର ଢଙ୍ଗକୁ ମଧ୍ୟ ବୃତ୍ତି କୁହାଯାଏ ।

—ରୀତି—

ନାଟ୍ୟ ରଚନାର ଆଉ ଗୋଟିଏ ବିଭାଗ ବିଷୟର ହେଲା 'ରୀତି' । ଏହାକୁ ପାଞ୍ଚପ୍ରକାର ବୋଲି ଧରାଯାଇ ପାରେ—

୧ — ନାୟକ ପ୍ରଧାନ । ଯହିଁରେ ନାୟକକୁ କେନ୍ଦ୍ର କରି ତାହାର ଅବଲମ୍ବନରେ ନାଟକୀୟ କଥାବସ୍ତୁ ଗଢ଼ି ଉଠେ । ନାୟକର ବ୍ୟକ୍ତିତ୍ୱ, ଚରିତ୍ରଗତ ଓ ଚରିତ୍ରର ମହତ୍ତ୍ୱ ଫୁଟେ ।

୨ — ଘଟଣା ପ୍ରଧାନ — ଯହିଁରେ ଘଟଣାଚକ୍ରରେ ପଡ଼ି ନାନାସୁବିଧା ଅସୁବିଧା ଝଡ଼ଝଞ୍ଜା ପାର ହୋଇ ନାୟକ ନିଜର ବ୍ୟକ୍ତିତ୍ୱ ପ୍ରକାଶ କରିଥାଏ । ଏହାର ନାୟକ ଧୀର, ଧୀମାନ ।

୩ — ମନୋବିଜ୍ଞାନ — [ମନୋବୈଜ୍ଞାନିକ] ଯହିଁରେ ନାୟକ ବା ନାୟିକାର ଦ୍ୱନ୍ଦ୍ୱ ଉପୁଜେ । ବହୁ ସନ୍ଦେହ ବା ଘାତ ପ୍ରତିଘାତ ମନରେ ଜାତ ହେବା ଭଳି ପରିସ୍ଥିତି-ବହୁଳ ରଚନା ।

୪ — କୌତୁହଳ ପ୍ରଧାନ । ଯହିଁରେ ସମ୍ଭବ ବୋଲି ବିଶ୍ୱସ୍ତଥିବା ଘଟଣା ସହସା 'ଅସମ୍ଭବ' ରେ ପରିଣତ ହୋଇପଡ଼େ । ଅଦ୍ଭୁତ

Digitised by srujanika@gmail.com

କାର୍ଯ୍ୟ ସାଧିତ ହେବାର ଚିତ୍ର ପରିସ୍ଫୁଟ ହୁଏ, ହଠାତ୍ ଦର୍ଶକର କୌତୁହଳ ବୃଦ୍ଧି ହେବାଭଳି ବିଷୟ ସଂଯୋଜିତ ହୋଇଥାଏ ।

୫ – ଦୃଶ୍ୟ ପ୍ରଧାନ (ଦୃଶ୍ୟାନୁକୂଳ) । ଯହିଁରେ ପ୍ରାୟ ଗୋଟିଏ ମାତ୍ର ଦୃଶ୍ୟରେ ସମସ୍ତ ବିଷୟବସ୍ତୁ ଉପସ୍ଥାପିତ ହୋଇପାରେ ଅର୍ଥାତ୍ ବିଭିନ୍ନ ଘଟଣାବଳି ଏକ ସ୍ଥାନରେ, ଏକ କାଳରେ ପରିବେଷିତ ହୋଇପାରେ ।

## ଅଙ୍କ – ବିଭକ୍ତି

ନାଟ୍ୟର ଅନ୍ୟାନ୍ୟ କେତେକ ବିଭାଗ ବିଭୂର ମଧ୍ୟରେ ଅଙ୍କବିଭୂର ଅନ୍ୟତମ । ପ୍ରାଚୀନ ନାଟ୍ୟବର୍ଣ୍ଣନା 'ସନ୍ଧି'କୁ ଅଙ୍କ ବୋଲଯାଇ ପାରେ । ସନ୍ଧିର ପୂର୍ଣ୍ଣ ବ୍ୟବହାର ଅଧୁନା ନାଟ୍ୟରଚନାରେ ଉପଯୋଗ ସମ୍ଭବପର ହେଉ ନାହିଁ ।

## ଅଙ୍କ ଶବ୍ଦର ଅର୍ଥ

କାବ୍ୟାନୁଶାସନ ମତେ—"ଅବାନ୍ତର ବସ୍ତୁ ସମାପ୍ତୌ ବିଶ୍ରାନ୍ତ୍ୟାୟ ଯେ ବିଚ୍ଛେଦା ଅଙ୍କାସ୍ତେ ଃ।

ଦଶରୂପକ ମତେ—

"ଅଙ୍କ ଇତି ରୂଢ଼ିଶବ୍ଦୋ ଭାବୈଷ୍ଟରସୈ ପ୍ରସେହୟତ୍ୟର୍ଥାନ୍"

ନାଟ୍ୟର କଥାବସ୍ତୁ ଉପସ୍ଥାପନାର ବିଭାଗୀକରଣକୁ 'ଅଙ୍କ' (ରୂଢ଼ିଶବ୍ଦ)ବୋଲି ଧରାଯାଏ । ବିଷୟ ବିଭାଗ ସହିତ ଅଙ୍କ ଶେଷରେ ଦର୍ଶକର ଉତ୍କଣ୍ଠା ବୃଦ୍ଧି ଏବଂ ଚମତ୍କାରିତା ସୃଷ୍ଟି ଓ ବିଶ୍ରାନ୍ତି ହେଲ ଅଙ୍କର ସାଧାରଣ ଉଦ୍ଦେଶ୍ୟ । ବିଭିନ୍ନ ରସଭାବ ଅଙ୍କରେ ସ୍ଥାନ ପାଇବା ଉଚିତ ।

Digitised by srujanika@gmail.com

"ଅଙ୍କାଃ ଭଣିବ୍ୟା ସ୍ୟୁର୍ନାନା ରସ ଭାବ ସଂଯୁକ୍ତଃ ।"
ଦଣ୍ଡିଚନ୍ଦ୍ର ଧନଞ୍ଜୟ !

ଦଶରୂପକ ମଧ୍ୟରୁ ଯାହାଁରେ କେତେଗୋଟି ଲେଖାଏଁ ଅଙ୍କ ରହିବ ତାହାର ପରିମାଣ ଧାର୍ଯ୍ୟ ଥିଲେ ହେଁ ବର୍ତ୍ତମାନ ଯୁଗକୁ ନିର୍ଦ୍ଦିଷ୍ଟଭାବରେ ସେ ସବୁ ଅନୁସୃତ ହେବା ସମ୍ଭବପର ନୁହେଁ । ତେଣୁ ନାଟ୍ୟକାର ନିଜର କୃତିତ୍ୱ ଅନୁସାରେ ଅଙ୍କ ବିଭାଗ ଓ ବିସ୍ତାର କରି ଆଧୁନିକ ନାଟ୍ୟରଚନା କରୁଅଛନ୍ତି । ଏହା ଦୀର୍ଘକାଳ ବ୍ୟାପୀ ବା ବହୁବାର ଏହାର ବ୍ୟବହାର ଯୁଗରୁତ ସାପେକ୍ଷ ହେବ ନାହିଁ ।

## — ରୂପକ ଭେଦ —

ନାଟ୍ୟ ଓ ରୂପକ ସମ୍ବନ୍ଧେ ଆଗରୁ କିଞ୍ଚିତ ଆଲୋଚନା କରାଯାଇ ଅଛି । ଅଭିନୟ, ବୃତ୍ତି, ବସ୍ତୁ ଇତ୍ୟାଦି ଭେଦରେ ରୂପକ ଦଶପ୍ରକାର ବୋଲି ଧରାଯାଇଅଛି ।

ଭେଦର କାରଣ ହେଲା —

"ନାମତଃ କର୍ମତସ୍ତୈବ ତଥା ଚୈବ ପ୍ରୟୋଗତଃ"

ଭେଦଗୁଡ଼ିକ ଯଥା —

**ଦଶରୂପକ ମତେ—**

"ନାଟକଂ ସପ୍ରକରଣମଙ୍କୋ ବ୍ୟାୟୋଗ ଏବଚ
ଭାଣଃ ସମବକାରଶ୍ଚ ବୀଥୀ ପ୍ରହସନଂ ଡିମଃ
ଇହାମୃଗଶ୍ଚ ବିଜ୍ଞେୟୋ ଦଶଧା ନାଟ୍ୟ ଲକ୍ଷଣେ ।"

୧—ନାଟକ, ୨—ପ୍ରକରଣ, ୩—ଅଙ୍କ, ୪—ବ୍ୟାୟୋଗ, ୫—ଭାଣ, ୬—ସମବକାର, ୭—ବୀଥୀ, ୮—ପ୍ରହସନ, ୯— ଡିମ (ଡ଼ିମ୍ବ) ଓ ୧୦—ଇହାମୃଗ ।

Digitised by srujanika@gmail.com

ଅନ୍ୟ ଶାସ୍ତ୍ରକରେ ନାଟ୍ୟଶାସ୍ତ୍ରକାର ମଧ୍ୟ ଅନୁରୂପ ବର୍ଣ୍ଣନା କରିଅଛନ୍ତି । ନିମ୍ନରେ ଏହି ଦଶବିଧ ରୂପକର ସଂକ୍ଷିପ୍ତ ପରିଚୟ ଦିଆଯାଇଅଛି, ଆମର ବାଳାଙ୍କ ନାଟକର ଆଲୋଚନା ପଥ ସୁଗମ ହେବା ଆଶାରେ ।

## ୧—ନାଟକ

ଏହା ରୂପକର ପ୍ରଥମ ଓ ପ୍ରଧାନ ଭେଦ ।

"ନାଟକମିତି ନାଟୟତି ବଚନଂ ରଞ୍ଜନା ପ୍ରବେଶେନ ସଭ୍ୟାନାଂ ହୃଦୟଂ ନିର୍ଯ୍ୟାତି ନାଟକମ୍" (ନାଟ୍ୟଦର୍ପଣ)

"ନାନା ବିଭୂତିସଂଯୁତମୃଦ୍ଧିବିଲାସାଦିଭିର୍ଗୁଣୈଶ୍ଚୈବ
ଅଙ୍କ ପ୍ରବେଶ କାବ୍ୟଂ ଭବତି ହି ତନ୍ନାଟକଂ ନାମ । ୧୧ ।
ନୃପତିନାଂ ଯଚ୍ଚରିତଂ ନାନା ରସଭାବ ସଂଭୃତଂ ବହୁଧା
ସୁଖଦୁଃଖୋତ୍ପତ୍ତି କୃତଂ ଭବତି ହି ତନ୍ନାଟକଂ ନାମ । ୧୨ ।
(ଦଶ ରୂପକମ୍)

ନାଟକରେ ଲୋକର ଅବସ୍ଥା, ସୁଖଦୁଃଖ ଓ ଜଗତର ତାବତୀୟ ଜ୍ଞାନ, ଶିଳ୍ପ, ଯୋଗ, ବେଦ, ଇତିହାସ, ପୁରାଣ ଶାସ୍ତ୍ର, ଆଖ୍ୟାନ, କଳା ଓ ନୃତ୍ୟ ଇତ୍ୟାଦି ବର୍ଣ୍ଣିତ ହେବ ।

"ଅବସ୍ଥା ଯାହି ଲୋକସ୍ୟ ସୁଖ ଦୁଃଖ ସମୁଦ୍ଭବା
ନାନା ପୁରୁଷ ସଞ୍ଚାରା ନାଟକେ ସମ୍ଭବେ ଦିହ (ଦଶରୂପକମ୍)

ଅଙ୍ଗ – ବସ୍ତୁ, ଉଦ୍ଦେଶ୍ୟ, ପାତ୍ର, ଶୈଳୀ, ସଂଳାପ, ଅବସ୍ଥା (ଦେଶକାଳ) – ଏହି ଷଡ଼ଙ୍ଗ ନାଟକର ଅବୟବ ।



Digitised by srujanika@gmail.com

## —ଅଙ୍ଗ ବିଭାଗ—

୧—କଥା—(plot)

ଆଗେ କଥାବସ୍ତୁ ହେବ ପ୍ରସିଦ୍ଧ । (ପୁରାଣ ବା ଇତିହାସକୁ ପ୍ରସିଦ୍ଧ ବୋଲି ଧରାଯାଉଥିଲା) ଏହା ନାୟକ ବା ନାୟିକା ଜୀବନର କୌଣସି ଘଟଣା ବର୍ଣ୍ଣନ ହୋଇପାରେ । କଥାବସ୍ତୁ ରଚନାବେଳେ ଘଟଣାର ଗୁରୁତ୍ୱ ବିଗ୍ରହରେ ତାହାର ଉପସ୍ଥାପନା ନିମିତ୍ତ ବିଷୟ ବର୍ଣ୍ଣନ ବା ଅଙ୍କ ଓ ତହିଁର ଅନ୍ତର୍ଗତ ଦୃଶ୍ୟବିଭାଗ ଏବଂ ଏହି ବିଭାଗରେ କେଉଁ ଅଂଶ ଶ୍ରାବ୍ୟ, କେଉଁ ଅଂଶ ଦୃଶ୍ୟ ବା ଅଭିନୟ ଦ୍ୱାରା ପ୍ରଦର୍ଶନୀୟ ତାହାର କଳନା କରିବ୍ୟ । ଏଥିରେ ଘଟଣା-ଗୁମ୍ଫନ ବା ବିଷୟ ଅନୁସାରେ ଦର୍ଶକର କୌତୁହଳ ସର୍ଜନା ନିମିତ୍ତ ନାଟକୀୟ Suspence ରକ୍ଷା ପ୍ରତି ବିଶେଷ ସାବଧାନତା ଆବଶ୍ୟକ । କଥାବସ୍ତୁ ସମ୍ପୂର୍ଣ୍ଣ, ଦମ୍ଭବପର ଓ ସୁସଙ୍ଗତ ହେବା ବିଧେୟ । ଏହା ଦୃଶ୍ୟକ୍ରମ ଅଥବା ଘଟଣାକ୍ରମର ସମ୍ବିଧାନକ ହେବ । ଏହିସବୁ ପ୍ରତି ଦୃଷ୍ଟିରଖି ନାଟକରେ ବିବିଧ ବିଷୟକ କଥାବସ୍ତୁ ସ୍ଥାନ ପାଇପାରେ ।

"ନ ତଜ୍ଜ୍ଞାନଂ, ନ ତଚ୍ଛିଳ୍ପଂ ନ ସା ବିଦ୍ୟା ନ ସା କଳା
ନ ତତ୍କର୍ମ ନ ଯୋଗୋଽସୌ ନାଟକେ ଯନ୍ନ ଦୃଶ୍ୟତେ ।"

(ଦଶରୂପକମ୍)

ଅର୍ଥାତ୍ ନାଟକରେ ସବୁ ବିଷୟ ସ୍ଥାନ ପାଇ ପାରିବ ।

୨—ଉଦ୍ଦେଶ୍ୟ—

କଥାବସ୍ତୁ (ପ୍ରସିଦ୍ଧ—କୌଣସି ରାଜଚରିତ ବା ଦେବ ଚରିତ)ର ପରିକଳ୍ପନା ପୂର୍ବରୁ ପ୍ରଥମେ ଉଦ୍ଦେଶ୍ୟ ସ୍ଥିର ଆବଶ୍ୟକ । କି କାରଣରୁ, କାହିଁକି, କେଉଁ ପରିସ୍ଥିତିରେ ନାଟକଟି ରଚିତ ହେବ, ତାହାର ସ୍ଥିରୀକରଣ ହିଁ ଉଦ୍ଦେଶ୍ୟର ମର୍ମ ।

Digitised by srujanika@gmail.com

ପୂର୍ବ ନାଟକ କେଉଁ କେଉଁ କାରଣ ଲାଗି ରଚିତ ହେବ ତାହାର ସୂଚନା ଦିଆଯାଇଅଛି ।

୩—ପାତ୍ର—"ନାଟ୍ୟକାରେଣାଭିନୟାର୍ଥମାଦ୍ୟେ୍ୟଂଜିତଃ ପାତ୍ରାଃ"

ପାତ୍ର କହିଲେ ନାୟକ, ନାୟିକା, ସହକାରୀ ଚରିତ୍ର Supporting character, side roll) ଇତ୍ୟାଦି, ନାଟକରେ ଆବଶ୍ୟକ ହେଉଥିବା ଅଂଶ ଗ୍ରହିତାଙ୍କୁ ବୁଝାଏ ।

"ନାନା ପୁରୁଷ ସଞ୍ଚାର ନାଟକେ ସମ୍ପ୍ରବେଦଦ୍ଧ"—
(ଦଶରୂପକମ୍)

୪—ଶୈଳୀ—ରଚନାର ଧାରା । ବର୍ଣ୍ଣନାର ନିପୁଣତା ବା ଲେଖାର ଢଙ୍ଗ, ବାକ୍ୟ ସମୂହର ସରସଗ୍ରନ୍ଥନ । ସର୍ବଜନ ବୋଧ୍ୟ, ସରସ ଓ ମଧୁର ଛନ୍ଦଯୁକ୍ତ ବାକ୍ୟ ସର୍ବଥା ଆଦୃତ ହୁଏ ।

"ମୃଦୁଶବ୍ଦାଭିଧାନଂଚ କବିଃ କୁର୍ଯ୍ୟାତୁ ନାଟକମ୍"—
(ଦଶରୂପକମ୍) ।

୫— ସଂଳାପ—ବାର୍ତ୍ତାଳାପ, ବଚନିକା । ଏହା ପାତ୍ରାନୁକୂଳ ବା ପାତ୍ରମୁଖୀ ଓ ସଂକ୍ଷିପ୍ତ ଅର୍ଥ, ଭାବପ୍ରକାଶକ ହେବା ଉଚିତ । ଦୀର୍ଘ ସଂଳାପ ଯୋଜନା ଅନୁଚିତ ।

୬—ଅବସ୍ଥା—ପରିସ୍ଥିତି ଅଥବା ଘଟଣାଚକ୍ର ଏହାର ଅନ୍ତର୍ଗତ । ପାତ୍ର ତଦବସ୍ଥ ହୋଇଥିବା କାଳରେ ତାହାର ଉପଯୁକ୍ତ ପରିଚୟର ଅନୁକୂଳ ଭାଷା, ଭାବ ଓ ଅଭିନୟ ଇତ୍ୟାଦିର ବିଚାର ।

—ନିଷିଦ୍ଧ କ୍ରିୟା—

ଦୃଶ୍ୟକାବ୍ୟ ବା ନାଟକରେ କେତେକ କାର୍ଯ୍ୟର ବର୍ଣ୍ଣନା ବା ପ୍ରଦର୍ଶନ କରିବ୍ୟ ନୁହେଁ ।

Digitised by srujanika@gmail.com

ଭାବ ପ୍ରକାଶକ ଗ୍ରନ୍ଥକର୍ତ୍ତା ଶାରଦା ତନୟ ନଷିଦ୍ଧ କ୍ରିୟାର ଉଲ୍ଲେଖ କରିଅଛନ୍ତି ( ଅଷ୍ଟମ ଅଧିକାର ) ଯେ—ନାଟକରେ ଦୂରମାର୍ଗ । ( ଦୂରଗମନ ) ବଧ, ଯୁଦ୍ଧ, ବିପ୍ଳବ ( ଋଷ୍ଟ୍ର ଇତ୍ୟାଦି ) ଅବରୋଧ, ଭୋଜନ, ସ୍ନାନ, ରତିକ୍ରିୟା, ଅନୁଲେପନ, ବସ୍ତ୍ରପରିବର୍ତ୍ତନ ( ଦେହରୁ ଲୁଗା ବା ପୋଷାକ କାଢ଼ିବା ) ଏବଂ ପ୍ରଧାନ ନାୟକର ବଧ ଇତ୍ୟାଦି ପ୍ରଦର୍ଶିତ ହେବ ନାହିଁ ।

ଧନଞ୍ଜୟ ଏହିପରି ମତ ଦେଇ ପୁଣି ମଧ୍ୟ ଲେଖିଛନ୍ତି—

"ତ୍ୟାଜ୍ୟମାବଶ୍ୟକଂ ନ ଚ"

ଅର୍ଥାତ୍ ଆବଶ୍ୟକ କାର୍ଯ୍ୟକୁ ତ୍ୟାଗ ମଧ୍ୟ କରାଯିବ ନାହିଁ ।

ନାନ୍ଦୀ—( ପୂର୍ବରଙ୍ଗ, ଆଧୁନିକ ଅପ୍ରଚଳିତ ) ଅଥ ମଙ୍ଗଳା ଚରଣ ପାଠ (Benedictory verse) ନାଟ୍ୟଶାସ୍ତ୍ର ବର୍ଣ୍ଣିତ ପୂର୍ବ ରଙ୍ଗର ଅଂଶ ବିଶେଷରୂପେ କଥିତ । ପ୍ରାୟ ୪୦।୫୦ ବର୍ଷ ପୂର୍ବେ ସଂସ୍କୃତ 'ନାଟକ ସବୁରେ ଦକ୍ଷିଣ ଓଡ଼ିଶାର କେତେକ ନାଟ୍ୟକାର ଏହାର ଉପଯୋଗ କରୁଥିଲେ । ଉତ୍ତର ଓଡ଼ିଶାରେ ମଧ୍ୟ ଅଳ୍ପ ସ୍ଥଳରେ ଏହାର ପ୍ରଚଳନ ଥିଲା ।

ପ୍ରସ୍ତାବନା, ସୂତ୍ରଧର ଇତ୍ୟାଦିର ଚଳଣି କ୍ରମଶଃ ନାଟକରୁ ଉଠିଗଲଣି । ନାଟ୍ୟଶାସ୍ତ୍ର ବର୍ଣ୍ଣିତ ବୀଜ, ବିନ୍ଦୁ, ପତାକା, ପ୍ରକରୀ; କାର୍ଯ୍ୟ କମ୍ବା ସନ୍ଧୀ ଓ ମୁଖସନ୍ଧୀ ଇତ୍ୟାଦି ଇତ୍ୟାଦି ବହୁକାଳ ଅବଧି ଅଚଳ ଦୃଷ୍ଟେ ଆଲୋଚନା କରାଯାଉନାହିଁ ।

ଅଙ୍କ—"ଅଙ୍କାଃ କତୀିବ୍ୟାଃଯୁ ର୍ନାନାରସଭାବସଂଯୁକ୍ତାଃ" ଅଙ୍କ ପରିକଳ୍ପନା ଅତ୍ୟନ୍ତ ବିଚାର ସାପେକ୍ଷ । ଏହା ନାଟକର ମହତ୍ତ୍ୱ ଓ ଲୋକପ୍ରିୟତା ବୃଦ୍ଧି ବିଧାୟକ । ନାଟକରେ ପାଞ୍ଚଗୋଟି

Digitised by srujanika@gmail.com

ଅଙ୍କ ହେବା ଉଚିତ । ପାଞ୍ଚରୁ ଦଶଗୋଟି ପର୍ଯ୍ୟନ୍ତ ହେବାର ମତ ଥିଲେହେଁ ଦଶ ଅଙ୍କ ବିଶିଷ୍ଟ ନାଟକ ମହାନାଟକ ବୋଲାଇବା ପ୍ରସିଦ୍ଧି ଅଛି ।

**ଆକାର ବା ଅବୟବ**—ନାଟକର ଅବୟବ ଗୋ-ପୁଚ୍ଛାକୃତ ହେବାର ନିୟମ ରହିଛି । ଦଶରୂପକ ମତେ—"କାର୍ଯ୍ୟଂ ଗୋପୁଚ୍ଛାଗ୍ରଂ କର୍ତ୍ତବ୍ୟଂ × × × ।" ଏହି ବାକ୍ୟ ଭିନ୍ନ ଭିନ୍ନ ଅର୍ଥରେ ମଧ୍ୟ ଗୃହୀତ ହେବାର ଦେଖାଯାଏ । କେହି କେହି କହନ୍ତି ନାଟକର ଅଙ୍କଗୁଡ଼ିକ ଗୋରୁ ଲାଞ୍ଜପରି କ୍ରମେ ଛୋଟ ( କ୍ରମେଣାଙ୍କଂ ସୂକ୍ଷ୍ମଃକର୍ତ୍ତବ୍ୟଃ ) । ମତାନ୍ତରେ ପୁଣି ଗୋରୁ ଲାଞ୍ଜର ଲୋମ ଗୁଡ଼ିକ ଯେପରି ଛୋଟ ବଡ଼, ନାଟକର ଦୃଶ୍ୟଗୁଡ଼ିକ ସେହିପରି ସାନ ବଡ଼ ହୋଇ ରଚିତ ହେବ । ଅନ୍ୟ ମତରେ କୁହାଯାଇଅଛି ଯେ ନାଟକୀୟ ବିଷୟ ବସ୍ତୁର ପ୍ରତିପାଦନ ଗୋପୁଚ୍ଛାକୃତ ହେବ । ଅର୍ଥାତ୍ ମଧ୍ୟଭାଗରେ ବହୁ ବିଷୟ ବା ବିଷୟର ଗୁରୁତ୍ୱ ସଂଯୋଗ କରି ଶେଷଭାଗରେ ବିଷୟବସ୍ତୁ ଯୋଗାଡ଼, ସଜାଡ଼ି ଆଣି ସୂକ୍ଷ୍ମତର କରାଇ, ସାରି ଦେବାକୁ ହେବ । ଅର୍ଥାତ୍ ଶେଷ ଅଙ୍କ ବେଳକୁ ହଟ୍ଟଗୋଳ ଅବସ୍ଥା ନ ଥାଇ ଯେପରି ବିଷୟ ବସ୍ତୁର ପରିସମାପ୍ତି ବୁଝାଇ ପାରେ । ମୋଟ ଉପରେ ନାଟକର ପ୍ରାରମ୍ଭଠାରୁ ତାର ମଧ୍ୟଭାଗରେ ବିଷୟ ବସ୍ତୁକୁ ବିସ୍ତାରିତ ଭାବେ ଫୁଟାଇ କ୍ରମଶଃ ନାଟକର ଉଦ୍ଦେଶ୍ୟ ପ୍ରଦର୍ଶନ ଅବସ୍ଥା ସୂକ୍ଷ୍ମ ଭାବରେ ଶେଷ ଅଙ୍କରେ ଦର୍ଶାଇବାକୁ ହେବ ।

ପ୍ରକାର—ନାଟକ ତିନିଶ୍ରେଣୀର ହୋଇପାରେ । ଯଥା—
ସଂବାଦ ପ୍ରଧାନ, ବ୍ୟକ୍ତି ପ୍ରଧାନ ବା ସଂଘର୍ଷ ପ୍ରଧାନ ।

ରସ—ଟିକିଏ ଅଧେ ମତାନ୍ତର ଦେଖାଗଲେହେଁ ନାଟକରେ ଶୃଙ୍ଗାର ଓ ବୀର ରସ ହେବ ପ୍ରଧାନ । ଅନ୍ୟାନ୍ୟ ରସ ଏହାର ଅନୁପୂରକ ବା ଅନୁଗାମୀ ହୋଇପାରେ ।

Digitised by srujanika@gmail.com

ନାୟକ—ଧୀରୋଦାତ୍ତ, ସଦ୍‌ଗୁଣ ବିଶିଷ୍ଟ, ଧୀର, ବୀର, ଗମ୍ଭୀର, ପ୍ରତାପୀ, କୀର୍ତ୍ତିମାନ, ନରପତି ବା ଶ୍ରେଷ୍ଠମାନବ । ପୁରାଣ ବା ଇତିହାସ ପ୍ରସିଦ୍ଧ ବ୍ୟକ୍ତି ବା ବ୍ରାହ୍ମଣ ଇତ୍ୟାଦି ।

ନାୟିକା—କୁଳଜା ।

ସହାୟକ—ନାୟକ ନାୟିକାଙ୍କର ସହାୟକ ରୂପେ ଚାର ପାଞ୍ଚଗୋଟି ଚରିତ୍ର ରହିପାରିବ ।

ସଙ୍ଗୀତ—ନାଟକରେ ସଙ୍ଗୀତର ସଂଯୋଗ ଆବଶ୍ୟକ ।

ସଙ୍ଗୀତଂ ଚଂ ନ ଯୋଜୟେତ୍
କିନ୍ତୁ "ଅତି ଗୀତ ମଭିଧେୟମ୍"

ଗୀତ ଯୋଜନାରେ ସ୍ଥାନ, କାଳ, ପାତ୍ର, ଭାବ, ସ୍ୱର, ଲୟ ଓ ଅନୁରୂପ ଭାଷା ବିବେଚନା ଏକାନ୍ତ ଆବଶ୍ୟକ ।

ଏହି ମୁଖ୍ୟ ଅଙ୍ଗଗୁଡ଼ିକ ବାହାରେ ନାଟକରେ ଅନ୍ୟାନ୍ୟ ଛୋଟଛୋଟ ବିଷୟର ବିବେଚନା ମଧ୍ୟ ରହିଛି ।

ନାଟ୍ୟଶାସ୍ତ୍ରବର୍ଣ୍ଣିତ ଲକ୍ଷଣମାନ ନାଟକରେ ମିଳେ । ନାଟକରେ ରସ ସମନ୍ୱୟକୁ 'ନାଟ୍ୟ-ପ୍ରକୃତି' ବୋଲାଯାଏ । ଏହିସବୁ କାରଣରୁ ନାଟକ, ରୂପକର ଅନ୍ୟରୂପ ବା ପ୍ରତିନିଧିରୂପେ ପରିଚିତ । ତେଣୁ କୁହାଯାଇଛି ଯେ ନାଟକହିଁ ରୂପକ ଏବଂ ରୂପକର ପ୍ରଧାନ ଭେଦ ମଧ୍ୟ ।

## ୨—ପ୍ରକରଣ

"ଯତ୍ର କବିସ୍ତ୍ୱବୁଦ୍ଧ୍ୟା ବନ୍ଧୁ ବସ୍ତୁ ଶରୀରଂ ଚ ନାଟକଂ ଚୈବ ଆପୃର୍ତ୍ତିକଂ ପ୍ରକୁରୁତେ ପ୍ରକରଣମିତି ତଦ୍‌ବୁଧୈର୍ଜ୍ଞେୟମ୍ ।"

× × × × (ଦଶରୂପକମ୍ ୧୨)

Digitised by srujanika@gmail.com

ବସ୍ତ୍ୱାଧିକଂକାବ୍ୟାଭିଧେୟଂଆତ୍ମଶକ୍ତ୍ୟାପ୍ରକ୍ଲୃପ୍ତତେ ଯତ୍ରକାବ୍ୟେ ତତ୍‌ପ୍ରକରଣମିତି । (କାବ୍ୟାନୁଶାସନ ପୃଷ୍ଠା ୧)

ଆଲୋଚନାରୁ ବୁଝାଯାଏ ଯେ—

କଥାବସ୍ତୁ—ଲୌକିକ ଏବଂ କବି କଳ୍ପିତ ହୁଏ । ଯଦି କଳ୍ପିତ (Imaginary) ନ ହୁଏ, ତେବେ ପୁରାତନ କବିଙ୍କ ଆଖ୍ୟାନ (ରାମାୟଣ, ମହାଭାରତ) ରୁ ଗୃହୀତ ହୋଇପାରେ ।

ପାତ୍ର—ବ୍ରାହ୍ମଣ, ମନ୍ତ୍ରୀ, ସାଧବ (merchant) ପୁରୋହିତ ବା ବୈଶ୍ୟ ହୋଇପାରେ, ନାନା ସୁଯୋଗ ଦୁର୍ଯୋଗର ସମ୍ମୁଖୀନ ହୋଇ ଧର୍ମ କାମ ଅର୍ଥ ପ୍ରାପ୍ତ ହୁଏ ।

ନାୟକ—ଦେବା, କିମ୍ବା ରାଜକୀୟ ପୁରୁଷ ନୁହେଁ କିମ୍ବା ଉଦାର ଗୁଣ ସମ୍ପନ୍ନ ନୁହେଁ । ଦଶରୂପକ ମତେ ନାୟକ ଧୀର ପ୍ରଶାନ୍ତ ପ୍ରକୃତିର ହେବ । ଦୁର୍ଦ୍ଦିନରେ ଦଣ୍ଡ ମଧ୍ୟ ସତ୍‌ପଥ ଗ୍ରହଣ ନିମିତ୍ତ ପ୍ରସ୍ତୁତ ଥିବ ।

ନାୟିକା—କୁଳଜା, ବେଶ୍ୟା କିମ୍ବା ଉଭୟେ । କୁଳଜା ହେଲେ ଗୃହଭିତରେ ଏବଂ କୁଳଟା ହେଲେ ଘରର ବାହାରେ ରହୁଥିବେ । କୌଣସି ସ୍ଥାନରେ କିନ୍ତୁ କୌଣସି କାରଣରୁ ଉଭୟଙ୍କର ମିଳନ ଦେଖାଯିବ ନାହିଁ ।

—ଭେଦ—

ଏହି ଦୃଷ୍ଟିରୁ ପ୍ରକରଣ ତିନିଗୋଟି ବିଭାଗରେ ବିଭକ୍ତ ହୋଇପାରେ । ଶୁଦ୍ଧ, ବିକୃତ ଓ ସଙ୍କୀର୍ଣ୍ଣ—

ଶୁଦ୍ଧ—ନାୟିକା କୁଳଜା ।

Digitised by srujanika@gmail.com

ବିକୃତ—ନାୟିକା—ବେଶ୍ୟା ।

ସଙ୍କୀର୍ଣ୍ଣ—କୁଳଜା ଓ ବେଶ୍ୟା ଉଭୟ । ଏହି ବିଭାଗରେ ଧୂର୍ତ୍ତ, ଶଠ, ବିଟ ଇତ୍ୟାଦି ପାତ୍ର ବହୁଳ ରହିବେ ।

—ପୁଣି—

ନାଟ୍ୟଦର୍ପଣ ପ୍ରକରଣକୁ ସାତ ପ୍ରକାର ବୋଲି ବର୍ଣ୍ଣନା କରନ୍ତି ।—

୧—କଳ୍ପିତ ନାୟକ, ଆଉ ଦୁଇଟି ବିଖ୍ୟାତ ଚରିତ ।

୨—ଫଳ କେବଳ କଳ୍ପନା ପ୍ରସୂତ ।

୩—କଥାନକ କଳ୍ପିତ ।

୪—ନାୟକ ଓ ପରିଣାମ (result) ଉଭୟେ କଳ୍ପିତ (imaginary) ।

୫—ନାୟକ ଓ ବିଷୟବସ୍ତୁ କଳ୍ପିତ ।

୬—ବିଷୟବସ୍ତୁ ଏବଂ ପରିଣତି କଳ୍ପିତ ।

୭—ନାୟକ, କଥାବସ୍ତୁ ଓ ପରିଣାମ—ସମସ୍ତ କଳ୍ପିତ ।

ସେ ଉଲ୍ଲେଖ କରନ୍ତି ଯେ ନାୟକ ଗୃହସ୍ଥ ହୋଇଥିଲେ ନାୟିକା ହୋଇପାରେ କୁଳଜା ଅନ୍ୟଥା ନାୟିକା ବେଶ୍ୟା ହୋଇପାରେ ।

ଅଙ୍କ—ପାଞ୍ଚରୁ ଦଶ (ନାଟକପରି)

ବୃତ୍ତି—କୈଶିକୀ ବୃତ୍ତିର ବହୁଳତା ନଥିବ । ମୂଳତଃ ପ୍ରକରଣରେ ନାଟକ ଭଳି ରସ, ଅଙ୍କ ଇତ୍ୟାଦି ବିଦ୍ୟମାନ ।

Digitised by srujanika@gmail.com

## ୮—(ଅଙ୍କ)

ଏହାକୁ ଉତ୍ସୃଷ୍ଟିକାଙ୍କ ମଧ୍ୟ କୁହାଯାଏ । ଅଙ୍କ ବୋଲି କହିବାଦ୍ୱାରା ନାଟକାଦିର ଅଙ୍ଗ 'ଅଙ୍କ' ସହିତ ଏହାର ନାମସାମ୍ୟ ଘଟିବା ସମ୍ଭାବନା ହେତୁ ଏପରି ନାମକରଣକୁ ଦଶରୂପକ ଉଲ୍ଲେଖ କରିଅଛନ୍ତି—

"ଉତ୍ସୃଷ୍ଟିକାଙ୍କ ଇହ ନାଟକାନ୍ତର୍ଗତାଙ୍କ ବ୍ୟବଚ୍ଛେଦାର୍ଥଂ" ପୃ-୭୨

ବିଷୟବସ୍ତୁ—ପ୍ରଖ୍ୟାତ (renowned) । କଦାଚିତ୍ କଳ୍ପିତ ମଧ୍ୟ ହୋଇପାରେ । କିମ୍ବା ନାଟ୍ୟକାର ସ୍ୱୀୟ କଳ୍ପନାଦ୍ୱାରା ପ୍ରଖ୍ୟାତ ବିଷୟକୁ ବିସ୍ତାର କରିପାରନ୍ତି । ଯୁଦ୍ଧ ବିଗ୍ରହାଦିର ପ୍ରତ୍ୟକ୍ଷ (ଦୃଶ୍ୟ) ସ୍ଥାନ ନାହିଁ ମାତ୍ର ସଂଳାପଦ୍ୱାରା ଏହା ବର୍ଣ୍ଣିତ ହୋଇପାରେ । ଏଥିରେ ବୈରାଗ୍ୟ ଉତ୍ପାଦକ ଯୋଗ୍ୟ ଭାଷା ବ୍ୟବହାର କରାଯାଇପାରେ ।

ପାତ୍ର—ନାୟକ ବା ନାୟିକା, ସାଧାରଣ ।

ଅଙ୍କ—ଭରତମତେ ଗୋଟିଏ, କୋହଲମତେ ଦୁଇଟି ଏବଂ ମତାନ୍ତରେ ତିନିଗୋଟି ମଧ୍ୟ ହୁଏ ।

ବୃତ୍ତି—ସାତ୍ତ୍ୱତ ଏବଂ ଆରଭଟୀ ।

ରସ—ନାୟିକା ବା ସ୍ତ୍ରୀ ଚରିତ୍ର ବିଳାପଗୁଣ ପ୍ରାଚୁର୍ଯ୍ୟ । (ବିଳାପ ଉତ୍କଳିକୋ ବିଶେଷସ୍ତୁ ବିଳାପୋଽଥ କିମ୍ବଦନ୍ତୁ) ଏଣୁ କରୁଣ ରସ ପ୍ରଧାନ ।



Digitised by srujanika@gmail.com

## ୪—(ବ୍ୟାୟୋଗ)

କଥାବସ୍ତୁ—ପୁରାଣ ବା ଇତିହାସ ପ୍ରସିଦ୍ଧ

ପାତ୍ର—କେବଳ ପୁରୁଷ (ସ୍ତ୍ରୀ ବର୍ଜିତ) ଦୈବୀ କିମ୍ବା ନରପତି । ପାତ୍ର ସଂଖ୍ୟା ୮ । ୯—ଦଶରୁ ଅଧିକ ନୁହେଁ ।

ବିଷୟ—ଯୁଦ୍ଧ ସଙ୍ଘଟନ—ଏହା ବିବିଧ ପ୍ରକାରର ହୋଇପାରେ । ( କିନ୍ତୁ ସ୍ତ୍ରୀହେତୁ ଯୁଦ୍ଧ ଘଟଣା ନୁହେଁ ) ।

ରସ—ରୁଦ୍ର (ବୀର)

ଅଙ୍କ—ଏକ ( ଏକ ଦିବସର ବୃତ୍ତାନ୍ତ ମାତ୍ର ) ।

## ୫—(ଭାଣ)

କଥାବସ୍ତୁ—କଳ୍ପିତ ।

ପାତ୍ର ଓ କାଳ—ଜଣେ ମାତ୍ର ନାୟକ । ପାତ୍ର ବୁଦ୍ଧିମାନ, ଧୂର୍ତ୍ତ, ବାହ୍ୟ-କଳ୍ପିତମାତ୍ର ( ଅଦୃଶ୍ୟ ) ଦ୍ୱାରା ପ୍ରଶ୍ନୋତ୍ତର ପ୍ରଥା (ନିଜେ ପ୍ରଶ୍ନ ଓ ନିଜେ ଉତ୍ତର ଦେବ ) ରହିବ । ଅର୍ଥାତ୍ ନଟ (ପାତ୍ର) ଆକାଶକୁ ଚାହିଁ କେବଳ କଳ୍ପନାରେ ଅନ୍ୟପାତ୍ର ଥିବାଭଳି କଥାବାର୍ତ୍ତା କରିବ । ଏହାଦ୍ୱାରା ବାସ୍ତବରେ ଜଣେ ପାତ୍ର ହେଲେ ମଧ୍ୟ ଦୁଇଜଣ ଲୋକଙ୍କର ବର୍ତ୍ତମାନତା ପ୍ରତୀତ ହେଉଥିବ କିମ୍ବା ଅପରର ଅନୁଭୂତ ରସ ବର୍ଣ୍ଣନା କରିବ । ଏହି ଅନୁସାରେ ଭାଣକୁ ମଧ୍ୟ ନାଟ୍ୟଶାସ୍ତ୍ର ଦୁଇ ପ୍ରକାରର ବୋଲି କହନ୍ତି ।

ଅଙ୍କ—ଏକାଙ୍କ ।

Digitised by srujanika@gmail.com

ଅଭିନୟ—କେବଳ ବାଚିକ । ମତାନ୍ତରେ ସ୍ୱଳ୍ପ ଆଙ୍ଗିକ (ଲାସ୍ୟ—ଲଳିତ ଭଙ୍ଗୀ ମଧ୍ୟ) ପୁଣି କାହାର କାହାର ମତରେ ଏହା ଏକାବେଳେ ଆଙ୍ଗିକ ଓ ସାତ୍ତ୍ୱିକ ଅଭିନୟ ବିଧାନ । ଅଧିକାଂଶ ବ୍ୟବହାର ଅଛି ।

ବୃତ୍ତି—ବିଶେଷତଃ ଭାରତୀ ।

ରସ—ଦଶରୂପକ ମତେ ବୀର ଓ ଶୃଙ୍ଗାର । ନାଟ୍ୟଦର୍ପଣ ମତେ ଶୃଙ୍ଗାର ରସ ପ୍ରଧାନ, ବୀର ଓ ହାସ୍ୟ ଅନୁପୂରକ ହୋଇପାରେ । ମତାନ୍ତରେ କେବଳ ଶୃଙ୍ଗାର ରସ । ଏହା ସାଧାରଣ ଲୋକଙ୍କ ମନୋବିନୋଦନର ଉପଯୁକ୍ତ ବୋଲି ବିଶେଷ ମତ । ନାନ୍ଦୀ ବିଧାନ । କେବଳ ସୂତ୍ରଧରର ବସ୍ତୁ ବର୍ଣ୍ଣନା ଇତ୍ୟାଦି କରିବା ପ୍ରଥା ପ୍ରଚଳିତ । ନାଟକୀୟ କୌଶଳ-ବିଶେଷତ୍ୱ (Dramatic technique) ର ଅଭାବ । କହିବାକୁ ଗଲେ ଏହା କଥାବସ୍ତୁ (Plot) ବିହୀନ । କୌଣସି ବୀରତ୍ୱ ଘଟଣା ବା ଗଣିକା ଚରିତାଂଶ ବର୍ଣ୍ଣିତ ହୋଇଥାଏ ।

---

## ୭—(ସମବକାର ବା ସମ୍ବକାର)

କଥାବସ୍ତୁ—କଳ୍ପିତ ହୋଇପାରେ । ପ୍ରସିଦ୍ଧ ବା ଐତିହାସିକ । କଥାବସ୍ତୁ ପ୍ରଶସ୍ତ । ଏଥିରେ ଦେବାସୁର ବିଷୟ ବର୍ଣ୍ଣନା ଅବଶ୍ୟ ରହିବ ।

ପାତ୍ର—ବାର ଜଣ । ଦେବାସୁର ନାୟକ । ପ୍ରତି ନାୟକ ଭିନ୍ନ ଭିନ୍ନ ଚରିତର ହେଲେ ଏବଂ ଫଳପ୍ରାପ୍ତି ମଧ୍ୟ ତଦନୁସାରେ ଅଲଗା ଅଲଗା ପ୍ରକାରର ହେବ ।

Digitised by srujanika@gmail.com

ପ୍ରଦର୍ଶନ କାଳ—ଏଥି ନିମିତ୍ତ ପ୍ରଦର୍ଶନ କାଳ (Duration) ନିର୍ଦ୍ଧାରିତ ଅଛି ଏବଂ ଶାସ୍ତ୍ରରେ ଏହା "ନାଡ଼ିକା" ପରିମାଣରେ ବିସ୍ତୃତ ବୋଲି ଧରାଯାଇଅଛି ।

ଏକ ନାଡ଼ିକା = ଅର୍ଦ୍ଧ ମୁହୂର୍ତ୍ତ ।

"ନାଡ଼ୀ ସଂଜ୍ଞା ଜ୍ଞେୟାମାନଂ କାଲସ୍ୟ ଯନ୍ମୁହୂର୍ତ୍ତାର୍ଦ୍ଧମ୍-ଦଃରୂ ପୂର୍ଣ୍ଣ ଅଭିନୟ କାଳ ଅଠର ନାଡ଼ିକା । (୧ମ ଅଙ୍କ ଛଅଘଡ଼ି, ୨ୟ ଅଙ୍କ ଦୁଇଘଡ଼ି ଏବଂ ୩ ୟ ଅଙ୍କ ଏକ ଘଡ଼ି ବିସ୍ତୃତକାଳ)

ଅଙ୍କ—ତିନିଗୋଟି ।

ସନ୍ଧି—ପ୍ରଥମ ଅଙ୍କରେ ଦୁଇ, ଦ୍ୱିତୀୟ ଓ ତୃତୀୟ ଅଙ୍କରେ ଗୋଟିଏ ଗୋଟିଏ ସନ୍ଧି ରହେ । ବିମର୍ଷ ସନ୍ଧିର ସ୍ଥାନ ଏଥିରେ ନାହିଁ । କିନ୍ତୁ ଏଥିରେ ମତାନ୍ତର ମଧ୍ୟ ଦେଖାଯାଏ । (ଭାବ ପ୍ରକାଶ ଦ୍ରଷ୍ଟବ୍ୟ) । ଆମର ଆଲୋଚନା ପକ୍ଷେ ଏଗୁଡ଼ିକର ବିଶେଷ ଆବଶ୍ୟକତା ମଣୁନାହୁଁ ।

ଅଙ୍କରେ ବିଷୟବସ୍ତୁ ବର୍ଣ୍ଣନ—ପ୍ରତି ଅଙ୍କରେ କପଟ (Fraud) ବିଦ୍ରବ (Disturbance) ଏବଂ ଶୃଙ୍ଗାର ରହିବା ଆବଶ୍ୟକ ଏବଂ ଏହା ଏକ ଏକ ପ୍ରକାରର ହେବ ।

କପଟ, ବିଦ୍ରବ ଓ ଶୃଙ୍ଗାର—ପ୍ରତ୍ୟେକର ଘଟଣା ବା କର୍ମଗତରେ ତିନିଗୋଟି ଲେଖାଏଁ ବିଭାଗ ରହିଛି । ସେଗୁଡ଼ିକ ଯଥା :—

(କ) କପଟ—(୧) ସ୍ୱାଭାବିକ, (୨) ଦୈବିକ (୩) କୃତ୍ରିମ ।

Digitised by srujanika@gmail.com

ଏହା ଘଟିଯାଉରେ (୧) ଅବରୋଧ (୨) ଯୁଦ୍ଧ ବା ଜଳ ଓ (୩) ଅଗ୍ନି ବା ହସ୍ତୀଦ୍ୱାରା ।

(ଖ) ବଦ୍ରବ—(ଉପଦ୍ରବ) (୧) ଚେତନ, (୨) ଅଚେତନ କିମ୍ବା (୩) ଚେତନାଚେତନକୃତ ହୋଇପାରେ ।

ଏହାର ଅନ୍ୟପ୍ରକାର ନିର୍ଦ୍ଦେଶ—(୧) ଦୈବ୍ୟ (୨) ଶତ୍ରୁ କିମ୍ବା (୩) ସୁଖଦୁଃଖ ଜନିତ ।

ପୂର୍ବବର୍ଣ୍ଣିତ (୧) ଚେତନ (ମାନବଦ୍ୱାରା ଘଟିତ—ଆକ୍ରମଣ, ଅବରୋଧ ଇତ୍ୟାଦି···।) (୨) ଅଚେତନ (ଜଳବାୟୁ ବା ଅଗ୍ନିଦ୍ୱାରା ଘଟିତ) (୩) ଚେତନାଚେତନ (ଅପ୍ରତ୍ୟାଶିତ ଭାବେ ହାତୀ ଇତ୍ୟାଦି ମାଡ଼ିଦେଲା ପରିବାଦ୍ୱାରା ଘଟିତ) ।

(ଗ) ଶୃଙ୍ଗାର -(୧) ଧର୍ମ୍ମ (୨) ଅର୍ଥ ଓ (୩) କାମ ।

୧—ଧର୍ମ୍ମଶାସ୍ତ୍ରର ଅବରୋଧୀ (ପ୍ରତିଜ୍ଞା ପାଳନ ବା ପୁଣ୍ୟାର୍ଥେ ଯଜ୍ଞାଦି ଅନୁଷ୍ଠାନ) ୨—ଅର୍ଥ—ଧନଲାଭ ପ୍ରାପ୍ତି ହେତୁ ୩—କାମ—କାମୋପଲବ୍ଧି ହେତୁ (ବାରନାରୀ ସଙ୍ଗ, ଦ୍ୟୂତକ୍ରୀଡ଼ା, ମଦ୍ୟପାନ ଏହାର ଅନ୍ତର୍ଗତ କର୍ମ୍ମ ।)

ସମୁଦ୍ରମନ୍ଥନ ସମବକାରର ପ୍ରମାଣିକ ରଚନା ।

ରସ—ବୀରରସ ପ୍ରଧାନ, ଅନ୍ୟରସ ପୁଷ୍ଟି ସାଧକ ।

ବୃତ୍ତି—କୈଶିକୀ ସ୍ୱଳ୍ପ (ମନ୍ଦ) ପ୍ରୟୋଗ, ଅନ୍ୟାନ୍ୟ ବୃତ୍ତି ପ୍ରୟୋଗ କରାଯାଏ ।

## ୭—ବୀଥୀ

ଭାଣ ପରି ପାତ୍ର କଳ୍ପିତ—ପାତ୍ରସହ ପ୍ରଶ୍ନୋତ୍ତର (ସ୍ୱଗତ କହିଲେ ଚାଲେ ) କରିବେ । ଜଣେ ବା ଦୁଇଜଣ ପାତ୍ର ରହିବେ । ଜଣେ

Digitised by srujanika@gmail.com

ସାନର ବର୍ତ୍ତମାନତାରେ ପ୍ରଶ୍ନୋତ୍ତର ଛଳରେ ବଚନିକା ଚଳିଯାଏରେ ।

ନାୟିକା—ସାମାନ୍ୟା ବା ପରକୀୟା ।

ନାୟକ—ଚୋହଳମତେ ସକଳ ପ୍ରକାର ଗ୍ରାହ୍ୟ କିନ୍ତୁ ସେ ଉତ୍ତମ ବା ମଧ୍ୟମ ଶ୍ରେଣୀୟ ହେବେ ।

ରସ—ଶୃଙ୍ଗାର ବାହୁଲ୍ୟ ।

ବୃତ୍ତି—କୈଶିକୀ ପ୍ରଧାନ ।

ଅଙ୍କ—ଖଣ୍ଡଯନ୍ତ୍ର (ଏକଅଙ୍କ) (ବୀଥ୍ୟଙ୍ଗ, ସନ୍ଧି ଇତ୍ୟାଦିଯୁକ୍ତ)

## ୮—(ପ୍ରହସନ)

କଥାବସ୍ତୁ—ପ୍ରଚଳିତ ଗଳ୍ପ (popular) ରୁ ଗୃହୀତ ହୋଇପାରେ । ଏହା କୌଣସି ନିର୍ଦ୍ଦିଷ୍ଟ ପରିଣାମ-ମୁଖୀ ହେବ ।

ଭାଷା—ଅବକୃତ ଭାଷାର ବ୍ୟବହାର । ପଦ୍ୟ-ଭାବଗର୍ଭକ । ନାଟ୍ୟଶାସ୍ତ୍ରମତେ ପ୍ରହସନ ଦୁଇପ୍ରକାର । ଯଥା—ଶୁଦ୍ଧ ଏବଂ ସଙ୍କୀର୍ଣ୍ଣ—

ଦଶରୂପକ ମତେ ପ୍ରହସନ ତିନପ୍ରକାର ଯଥା—

୧—ଶୁଦ୍ଧ । ପାତ୍ର-ତପସ୍ୱୀ, ପୁରୋହିତ, ଦାସ, ବିଟ, ପାଷାଣ୍ଡ ଇତ୍ୟାଦ । ଅହାର୍ଯ୍ୟ (ବେଶଭୂଷା Coarse) କଥାବାର୍ତ୍ତା ଓ ଢଙ୍ଗରଙ୍ଗର ରହସ୍ୟ ପୂର୍ଣ୍ଣ ପ୍ରଭାବ ବିଶେଷତ୍ୱ ।

୨—ବିକୃତ । ପାତ୍ର-ନପୁଂସକ, କଞ୍ଚୁକୀ, କାମୁକ ବେଷଧାରୀ ତପସ୍ୱୀ । ବାର୍ତ୍ତାଳାପ-ହାସ୍ୟଉଦ୍ଦୀପକ ।

Digitised by srujanika@gmail.com

୩—ସଂକୀର୍ଣ୍ଣ । ପାଷ-ଧୂର୍ତ୍ତନାୟକ, ମୂର୍ଖ, ଛଳ, ଅସତ୍ୟ ବା ପ୍ରଳାପଭଳି ବାକ୍ୟରଚନା । ଗୁଣର ନିନ୍ଦା ଓ ଦୁର୍ଗୁଣର ପ୍ରଶଂସା କଥନ ଇତ୍ୟାଦି ଦ୍ୱାରା ହାସ୍ୟବର୍ଦ୍ଧନ ।

ରସ—ହାସ୍ୟ ପ୍ରଧାନ ।

ଅଙ୍କ—ସଂକୀର୍ଣ୍ଣ ବିଷୟରେ ଶାରଦାତନୟ ଦୁଇଟି ଅଙ୍କ ବିଶିଷ୍ଟ ବୋଲି ମତ ଦିଅନ୍ତି । ନାଟ୍ୟ ଦର୍ପଣ ମତେ—ଭାଣ ସଦୃଶ ସନ୍ଧି, ବୃତ୍ତି ଓ ଅଙ୍କ ବିଶିଷ୍ଟ ।

---

## ୯—(ଡିମ)

ଡିମ, ଡିମ୍ବ ଓ ବିଦ୍ରବ (ଉପଦ୍ରବ) ନାମରେ ମଧ୍ୟ ନାମିତ। ଏହା ନାୟକର ଅଦ୍ଭୁତକର କାର୍ଯ୍ୟ ସମ୍ବନ୍ଧ ପ୍ରଦର୍ଶକ ।

ବିଷୟବସ୍ତୁ—ପ୍ରସିଦ୍ଧ ( ନାଟ୍ୟଶାସ୍ତ୍ର ମତେ ) ପୁରାଣ ବା ଇତିହାସ ବର୍ଣ୍ଣିତ ବିଷୟରୁ ଗୃହୀତ ହୋଇପାରେ । ଇନ୍ଦ୍ରଜାଲ, ସଂଗ୍ରାମ, ଉଦ୍ଭ୍ରାନ୍ତ ବ୍ୟକ୍ତିର ଚେଷ୍ଟା ବା କାର୍ଯ୍ୟ ଓ ଗ୍ରହ ଉପଗ୍ରହ ଇତ୍ୟାଦି ବିଷୟର ବର୍ଣ୍ଣନା ରହିପାରେ ।

ପାତ୍ର—ଦେବ, ଗନ୍ଧର୍ବ, ଯକ୍ଷ, ଭୂତ ପ୍ରେତ ପିଶାଚାଦି ଷୋଳଜଣ ପର୍ଯ୍ୟନ୍ତ ନାୟକ ରହି ପାରନ୍ତି । ଚେଷ୍ଟା—ଉଦ୍ଧତ । ନାୟକ—ଉଦାର ।

ଅଙ୍କ—ଚାରି ଅଙ୍କ ଏବଂ ଚାରିସନ୍ଧି ହେବ ।

ରସ—ହାସ୍ୟ ଏବଂ ଶୃଙ୍ଗାର ରସ ଭିନ୍ନ ଅନ୍ୟ ସମସ୍ତ ରସ ।

ବୃତ୍ତି—ସାତ୍ତ୍ୱତୀ ଏବଂ ଆରଭଟୀ ।

---

Digitised by srujanika@gmail.com

## ୧୦—(ଇହାମୃଗ)

"ମୃଗବଦଲଭ୍ୟାଂ ନାୟିକାଂ ନାୟକୋଽସ୍ମିନ୍ନୀହତେ ଇତୀହା ମୃଗଃ"-
ଦଶରୂପକମ୍ (ଅବଲୋକ

ଏହି ରୂପକ ଭେଦ—ଇହାମୃଗର ଏତାଦୃଶ ନାମକରଣର କାରଣ । ଅବଲୋକ ଲେଖିଛନ୍ତି ଯେ ଏଥିରେ ନାୟକମୃଗ-ସଦୃଶ ଦୁଷ୍ପ୍ରାପ୍ୟ ଏକ ନାୟିକାର ଅନୁସରଣ କରନ୍ତି ।

ଇହା = ଚେଷ୍ଟା

"ଇହା ଚେଷ୍ଟା ମୃଗସ୍ୟେବ ସ୍ତ୍ରୀମାତ୍ରାର୍ଥ ଯତ୍ର"
(କାବ୍ୟାନୁଶାସନ)

କଥାବସ୍ତୁ—ପ୍ରସିଦ୍ଧ ଏବଂ କଳ୍ପିତ ଉଭୟର ମିଶ୍ରଣୋତ୍ପନ୍ନ, ଅର୍ଥାତ୍ ମିଶ୍ରିତ କଥାନକ । ଏହାର ନାୟକ ଏବଂ ପ୍ରତିନାୟକ ଦେବ କିମ୍ବା ମାନବ ହୋଇପାରନ୍ତି । ଧୀରୋଦ୍ଧତ ଶ୍ରେଣୀୟ । ମାନବ ଅନୁଚିତ ବା ଅନ୍ୟାୟ (improper act) କାର୍ଯ୍ୟ କରି ଲକ୍ଷ୍ୟ ହସ୍ତଗତ କରିବାକୁ ଚାହେଁ । କୌଣସି ଦେବନାରୀ ବା ଦିବ୍ୟନାରୀର ଲାଭଇଚ୍ଛାରେ ନାୟକ ଲାଳାୟିତ କିନ୍ତୁ ନାୟିକା ବିମୁଖୀ । ନାୟକ ଉକ୍ତ ନାୟିକାକୁ ତାହାର ଇଚ୍ଛା ବିରୁଦ୍ଧରେ ଅବରୋଧ କରି ପାଇବାର ଇଚ୍ଛା ଇତ୍ୟାଦି ଲେଖାଯାଇ ପାରେ । କିମ୍ବା ଦିବ୍ୟ ନାୟିକାଟି ନାୟକ ପ୍ରତି ବିମୁଖୀ । ନାୟକ ତାକୁ ପାଇବାକୁ ଇଚ୍ଛା କରୁଥିଲେ ମଧ୍ୟ ମନଖୋଲି ପ୍ରେମ-ନିବେଦନ କରିପାରୁନାହିଁ । ନାୟକ ତାହାର ହରଣ ପ୍ରଚେଷ୍ଟା କରୁଥିବ । ଯୁଦ୍ଧ ଅବଶ୍ୟମ୍ଭାବୀ ଅବସ୍ଥାକୁ ଆସି କୌଣସି କାରଣରୁ ବନ୍ଦ ହୋଇଯିବ ।

ପାତ୍ର—ଦ୍ୱାଦଶ ସଂଖ୍ୟକ ।

Digitised by srujanika@gmail.com

ରସ ଓ ବୃତ୍ତି -- ବ୍ୟାଯୋଗ ସଦୃଶ ।

ଅଙ୍କ -- ଏକ, ମତାନ୍ତରେ ଏକ ବା ଦୁଇଅଙ୍କ । ସନ୍ଧି ସଂଖ୍ୟା-ତିନ ।

ଏହି ଆଲୋଚନା ପ୍ରସଙ୍ଗରେ ଉପରୂପକ ତଥା ତାହାର ଭେଦ ଇତ୍ୟାଦି ଏବଂ ରୂପକ ବା ନାଟକ ସମ୍ପର୍କରେ ଅନ୍ୟାନ୍ୟ ବହୁ ବିଷୟ ଉପସ୍ଥାପିତ କରିବାର ସ୍ଥଳ, ଅବକାଶ ବା ଆବଶ୍ୟକତା ଉପଲବ୍ଧି କରି ପାରୁନାହିଁ । କାରଣ କେବଳ 'ବାବାଜୀ-ନାଟକ' ସମୀକ୍ଷା କଲେ ଯେତେ ଦିଗ ବା Point ଗୁଡ଼ିକ ପ୍ରତି ମୁଁ ଦୃଷ୍ଟି ଦେବାକୁ ସମର୍ଥ ହୋଇଛି, ସେହି ଗୁଡ଼ିକର ଆଲୋଚନା ପଥ ସୁଗମ ହେବାଲାଗି ମାତ୍ର କେତେକ ବିଷୟ ଉଲ୍ଲେଖ କରୁଛି । ନିମ୍ନରେ ନାଟକ ଓ ନାଟ୍ୟକାରଙ୍କର ବିଚାର ସମ୍ବନ୍ଧେ ଅଳ୍ପ ଆଲୋଚନା ଉପସ୍ଥାପିତ କରାଯାଇଅଛି ।

## ନାଟକ — ଅଙ୍ଗ

ପ୍ରଚଳିତ ନାଟକମାନଙ୍କୁ ଆଠଗୋଟି ବିଭାଗରେ ବିଭକ୍ତ କରାଯାଇପାରେ । ଯଥା — ବିଷୟ, ରଙ୍ଗମଞ୍ଚ ଉପସ୍ଥାପନ, ରୂପ, ରସପ୍ରବୃତ୍ତ ଉଦ୍ଦେଶ୍ୟ । ଯୋଜନା [ ଅଙ୍କ, ଦୃଶ୍ୟ ଇତ୍ୟାଦି ] ଓ ରଚନା [ ଶୈଳୀ, ସଂଳାପ ଲିଖନ ଇତ୍ୟାଦି ]

## — ନାଟକ-ପ୍ରକାର —

ଏହା ମଧ୍ୟ ଛଅଗୋଟି ବିଭାଗରେ ବିଭକ୍ତ ହୋଇପାରେ । ଯଥା — ୧---ଘଟିତ ପ୍ରଧାନ । କୌଣସି ପ୍ରସିଦ୍ଧ ବା ନିର୍ଦ୍ଦିଷ୍ଟ ବିଷୟ ପ୍ରତି ଲକ୍ଷ୍ୟରଖି ସେହି କଥାର ଉପସ୍ଥାପନା ।

୨---ଚରିତ୍ର ପ୍ରଧାନ । ନିର୍ଦ୍ଦିଷ୍ଟ ବା ବିଶିଷ୍ଟ ନାୟକ ନାୟିକାର ଗୁଣ ବା ଦୁର୍ଗୁଣ ବର୍ଣ୍ଣନ ।

Digitised by srujanika@gmail.com

୩—ଆଖ୍ୟାନ ପ୍ରଧାନ । ଘଟଣା ପ୍ରଧାନ । କୌଣସି ବିଶେଷ ଘଟଣା ଅନୁସରଣରେ ଚରିତ୍ର ସମାବେଶ ପୂର୍ବକ ନାଟକ ରଚନା । ମୌଳିକ ଚରିତ୍ର ଯୋଜନାଦ୍ୱାରା ସ୍ୱଭାବ-ସୁଲଭ ପରିଣାମ ପ୍ରଦର୍ଶନ—ବାସ୍ତବ ନାଟକୀୟ କୃତିତ୍ୱ ଓ କୌଶଳ ପଦ୍ଧତିରେ ପ୍ରତିଷ୍ଠିତ ।

୪—ଉଦ୍ଦେଶ୍ୟ ପ୍ରଧାନ । କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସିଦ୍ଧି କଳ୍ପେ ରଚିତ ।

୫---ଗୀତ ପ୍ରଧାନ । ସଙ୍ଗୀତ, ଗୀତ କାବ୍ୟ ଓ ନୃତ୍ୟ] ଦ୍ୱାରା ଘଟଣାର ନାଟ୍ୟରୂପ ପ୍ରକାଶ ।

୬---ସମ୍ବାଦ ପ୍ରଧାନ । [ସଂଳାପ ପ୍ରଧାନ] ନାଟକର ଶୈଳୀ ଓ ବଚନକାର ଭାଷା ରଚନା ପ୍ରତି ପଦ୍ଧତିରେ ବିଶେଷ ଦୃଷ୍ଟି ଦିଆଯାଇଥାଏ ।

## — ନାଟ୍ୟକାର —

ନାଟକ ସାଧାରଣତଃ ତ୍ରିବିଧ ପ୍ରକାର ହୋଇଥାନ୍ତି ।

୧ — ଆଦର୍ଶବାଦୀ । ପୁରାତନ ସଂସ୍କୃତି ବା ଦେଶପ୍ରେମିକ ଆଦର୍ଶ ଚରିତ୍ର [ ଭୂମିକା ବା ପାତ୍ର ] ଓ ପରିଣାମ ରଚୟିତା ।

୨ — ସମ୍ଭାବନା ବୋଧ । ଯୁଗାନୁସାରୀ ଆଦର୍ଶ ପାତ୍ର ସୃଷ୍ଟି-ପୂର୍ବକ ପରିଣତିର ସମ୍ଭାବନା ପ୍ରଦର୍ଶନ ।

୩ — ବସ୍ତୁବାଦୀ । ଯେ ଚରିତ୍ର ସମାଜର ଉପଯୋଗୀ ହେବା କଳନାରେ କୌଣସି ଏକ ଚରିତ୍ରର କେବଳ ଗୁଣର ଆଦର୍ଶ ବାଛି ନିଅନ୍ତି, ଅଥଚ ପାତ୍ରର ସମୂହ ଗୁଣ ଉପରେ ଧ୍ୟାନ ଦିଅନ୍ତି ନାହିଁ ଏବଂ ତଦନୁକ୍ରମେ ନାଟକ ରଚନା କରନ୍ତି ।

Digitised by srujanika@gmail.com

୪—ଭାବବାଦୀ—ଯେ ଜୀବ ଜଗତର ବା ଲୋକ ସମାଜର କଲ୍ୟାଣ କାମନା କରୁଥିବା ନିର୍ଦ୍ଦୋଷ ନାୟକ ଚରିତ୍ର-ସୃଷ୍ଟି କଳ୍ପନା କରନ୍ତି; ଯାହା ସହଜ-ସମ୍ଭବ ନୁହେଁ ।

---

( କୈଫିୟତ୍ )

ମୁଁ ଏଠି ଓଡ଼ିଶା ରଙ୍ଗମଞ୍ଚ ବା ନାଟକ ଲେଖାର ଇତିହାସ ବାଢ଼ିବାକୁ ଯାଉନାହିଁ । ଯାଉଛି 'ବାବାଜୀ ନାଟକ' ବାବଦ୍‌ରେ ଦ'ପଦ କହିବାକୁ ।

ଏ ଠିକ୍ କଥା ଯେ "A nation is known by its stage" ନାଟକ କହନ୍ତୁ, ନାଟ୍ୟମଞ୍ଚ କହନ୍ତୁ, ତା'ର ମାଧ୍ୟମରେ ପ୍ରତିବିମ୍ବିତ ହୋଇଉଠେ ଜାତିର ପରିଚୟ—ରୂପ ଅର୍ଥାତ୍ ସଂସ୍କୃତି ଆଉ ତା' ସଙ୍ଗରେ ଜାତିର ନୈତିକତା—ଐତିହ୍ୟ; ଇତିହାସର ବି ଅନେକ ଅଂଶ ।

ପହିଲି ଛପା ଓଡ଼ିଆ ନାଟକ ଏଇ "ବାବାଜୀ ନାଟକ"—ସେତେବେଳେ ଥିବା ଓଡ଼ିଶାର ପୌଥ—ଅନୁଷ୍ଠାନ ପ୍ରିଣ୍ଟିଂ କମ୍ପାନୀ ବହିଚିର ମୁଦ୍ରାକର । ମୁଦ୍ରଣ ସାଲ ୧୮୭୭ । ନାଟକ ନିଶା ଫାଙ୍କିଥିବା ଆଖି ମୋର ଖଣ୍ଡିଏ କେଳ ମଲଟିଆ ଫୁଲସ୍‌କେପ୍ ୧୬ ହାଇଜ୍‌ର ଶ୍ଲେଟ ନାଟକ ଉପରେ ପିଲଦନେ ପଡ଼ିଥିଲା । ତା'ପରେ ବାଉପଟର ଖଳାଟର ଖଟ ପକାଇ, ଦଉ ବନ୍ଧାଯାଇ (ସିନ୍‌ର ରୂପାନ୍ତର) ଏଥିରୁ ଗୋଟିଏ ଅଙ୍କର (ଦୃଶ୍ୟବିଧାନ) ଅଭିନୟ ଦେଖାଇ, କୋଠିଆ ସାରଙ୍ଗୀଆ, ଷଡ଼ଙ୍ଗୀ ବ୍ରାହ୍ମଣଙ୍କର ଭଗ୍ନ ନମ୍ନ ସେବକ ନାମୀ, ସୀତା ଅଭି, ବୋଉ, ଖୁଡ଼ୀ, ବୁଢ଼ିମା, କେକ୍ଷଟଣର

Digitised by srujanika@gmail.com

ମୃତ ବକ ଖଳିଆ ମାଆ ଇତ୍ୟାଦ ଦେଖଣାହାରିଙ୍କୁ ମନ୍ତ୍ରମୁଗ୍ଧ ଓ କୃତକୃତ୍ୟ କରିପାଇଥିଲ ।

ଆଜ ନାଟପାଠ ୫୨ ବର୍ଷ ଉପାନ୍ତରେ ସେଇ ନାଟକର ଏକ ଚିରି ଧଡ଼ିରି ପ୍ରତି ହଠାତ୍ ଆଖିରେ ପଡ଼ିଲା, ପୁଣି ଘରର ଅଳପାଳ ବସ୍ତାନ ଦରଣ୍ଡୁ ଦରଣ୍ଡୁ । ଭିର ଅଦଳ, ଆଗହନରେ ପଢ଼ିଲି ବହିଟି ।

ଯୋଗକୁ ଏବେ ନୂଆ ରାଜଧାନୀ କଲେଜର ଅନ୍ୟତମ ଅଧ୍ୟାପକ ଶ୍ରୀମାନ ସଚ୍ଚିଦାନନ୍ଦ ମହାନ୍ତି ଏମ୍, ଏ, ଙ୍କ ସାଙ୍ଗେ କଥା ହେଉ ହେଉ ସେ ଖଣ୍ଡିଏ ଦରକାର । ତାଳିମରି ବାବାଜୀ ନାଟକ ପାଇଥିବାର ମଧ୍ୟ କହିଲେ । ସେଖଣ୍ଡି ଆଣି ମୋ ଖଣ୍ଡିକ ଚିରି ଏବଂ ଉଇ ଖିଆ ପାଠ ମିଳାଇ ଠିକଣା କରିଯାଇ ବାବାଜୀ ନାଟକ ପୂରା ବହିଟି ଦୋରସ୍ତ ହେଲା । ଏଡିକବେଳେ ଯୋଗକୁ ଧନ ପହଞ୍ଚିଗଲେ ଆସି ଶ୍ରୀମାନ ଭିକାରି ଚରଣ (ଦାସ) ନଜ ଷ୍ଟୁଡେଣ୍ଟସ୍ ଷ୍ଟୋରର ମାଲିକ । ସବୁର ଗୋଟା ଏ ଜନ୍ମଜାତକ ଅଛି ବୋଲି ମୋର ବିଶ୍ୱାସ । 'ବାବାଜୀ'ର 'ପୁନର୍ମୁଦ୍ରଣ' ଯୋଗ ଫିଟିଲା; ତା'କୋଷ୍ଠି ଫଳ ଓ ମୋ ଭାଗ୍ୟବଳରୁ ।

ଶ୍ରୀ ନଟବର ମହାନ୍ତି, ମୋର ମୋଟର ଦୁର୍ଘଟଣା ବେଳରୁ ଦୁଃଖର ସାଥୀ । ସେଇ ସାଥୀତ୍ୱର ଜୋର୍ ଅବଧି ବ ଅତୁଟ ରହିଛି । ଅକ୍ଷର ପୁଞ୍ଜିକ ତାଙ୍କର ସବୋଲ । ବହିଟି ଛାପାଖାନାକୁ ଯିବାଠାରୁ ଉତାରିବା ଭାର ଉପରେ ପଡ଼ି ନେଲେ । ସେ ଉଦ୍ଧାର ଦେଲେ ବି । ଏଇ ହେଲା ସଂକ୍ଷେପରେ ବାବାଜୀ ନାଟକର ପୁନର୍ଜନ୍ମ ଇତିହାସ ।

ସଦ୍ଧୃଛନ୍ତି ଶୁଝିଲା ଧନ୍ୟବାଦ ଗୁଡ଼ିକ ଦେବ କାହାକୁ ? ତା' ହବନାହିଁ । ମନର କୃତଜ୍ଞତା ଆଉ ଭରି ଅନ୍ତରର ସ୍ନେହ

Digitised by srujanika@gmail.com

ଆଶୀର୍ବାଦ ମିଶାଇ ଉନ୍ନକଣପାଠକଙ୍କୁ ସାଧୁବାଦ ଜଣାଉଛି । ଏଥିରୁ ଜ୍ୟେଷ୍ଠାଂଶଟି କିନ୍ତୁ ଶ୍ରୀମାନ ସଚ୍ଚିଦାନନ୍ଦଙ୍କର ପାଉଣା ।

ଅଗରୁ ନାଟ୍ୟ, ରୂପକ ଇତ୍ୟାଦି ସମ୍ବନ୍ଧରେ ଯୋଉ ଆଲୋଚନା ନିକକ ବାଢ଼ିଛି, ତାର କାରଣ ହେଉଛି ଯେ ସେଇ ସେଇ ଦଗରେ ବାବାଜୀ ନାଟକକୁ ଏଥର ନୂଆ କରି ପଢ଼ିଲି । ଆହୁରି କେତେକଥା ବାକି ରହିଯାଇଥିବ; ଅଛି । ସବୁ ବିଷୟର ବାରିକିରିର ପାଇଁ ଯୋଗ୍ୟତା ବା କାହିଁ ମୋର ? କେତେ କଥାର ବିସ୍ତୃତ ବି ବିସ୍ତୃତରେ ରହିଗଲା । କେତେକ ନ ଜାଣିବା ଦୋଷରୁ ରହିଥିବ । ମୋତେ ଯାହା; ଯେମିତି ଦିଶିଲା ଯେତକ, ସେମିତି ଲେଖିଛି । ଜାଣୁଛି ସଭିଙ୍କ ଆଖି ତ ସମାନ ନୁହେଁ । ମୋ କଥା ମୁଁ ଲେଖିଲି—ଯେଝାକଥା ସେ ଲେଖନ୍ତୁ । ମୋ ଧାଡ଼ିଏ ହୁଏତ ସିଙ୍ଗୁ ମୂଲପାଏ- ପାରିବାର ପିଲାଏ ତାଲି ନଡ଼ଆର ଅଗଟିପକୁ ଯାଆନ୍ତୁ । ଦହି ମେହିଁଲେ ସିନା ଲହୁଣୀ, କିନଷକୁ ଖାଇ ଭଜଣୀ, ପୁଅ ପୁତୁରାଙ୍କ ହାତ ପାହାନ୍ତାରେ ପହଞ୍ଚାଇ ଦେଇ, ମୋ ପାଇଟି ଲୁଟି ।

ଏଥରକ ମୋ ବକ୍ତବ୍ୟ ବିସ୍ତୃତ କହେଃ —

— ନାଆଁ ଦିଆ —

୧ — ବାବାଜୀ — 'ବାବାଜୀ ନାଟକ' — ନାଆଁ ଦିଆଟା ଠିକ୍ କି ଭୁଲ୍ ଆଗେ ଦେଖାଯାଉ । ବିଷୟବସ୍ତୁ କଥାନକ ବା କଥାବସ୍ତୁ ଅଥବା Plotର ନାଆଁ ବାବାଜୀ । ରଚନାର ଆକାର ପ୍ରକାର ହେତୁରୁ, ଯୋଗହୋଇଛି 'ଆଖ୍ୟା' ନାଟକ ।

Digitised by srujanika@gmail.com

ପିଲଙ୍କ ନାଆଁ ଦିଆ ପରି ନାଟ୍ୟକାର ତାଙ୍କ ସନ୍ତାନର ନାଆଁ ନାନା ବିଷୟରେ ଦେଇପାରନ୍ତି । ମାତ୍ର ଏଭଳି ରକ୍ତମାଂସ ଜୀବନ ଥିବା ପିଲଙ୍ଗିଙ୍କୁ ନାଆଁ ଦେବାବେଳେ ଭେଟେରିଆଙ୍କୁ ଭିକିବଗ୍ଣୃର ନାମକରଣ କରନ୍ତି ନାଟ୍ୟକାର । ଯେପରିକି—

୧—ପାତ୍ର-ପ୍ରଧାନ । କୌଣସି ନିର୍ଦ୍ଦିଷ୍ଟ ପାତ୍ରର ନାମ ବା କର୍ମ ଅନୁସାରେ ।

୨—ବିଷୟ-ପ୍ରଧାନ । ନାଟକର ମୁଖ୍ୟଘଟଣା ନେଇ ।

୩—ପାତ୍ର ଓ ବିଷୟ-ପ୍ରଧାନ । ଉଭୟଙ୍କ ନାମାନୁସାରେ ।

୪—ରୀତି-ପ୍ରଧାନ । Style ବେଶପୋଷା ବା ଧରଣ ବିଚାର ।

୫—ଉଦ୍ଦେଶ୍ୟ ପ୍ରଧାନ । ଉଦ୍ଦେଶ୍ୟ ବା ତହିଁର ପରିଣତିକୁ ଚାହିଁ ।

୬—ସ୍ଥାନ ପ୍ରଧାନ—କୌଣସି ବିଶିଷ୍ଟ ସ୍ଥାନର କୌଣସି ଘଟଣା ବିଶେଷ ନେଇ ।

୭—ସଙ୍କେତ ପ୍ରଧାନ । କୌଣସି ବିଷୟର ସୂଚନା ଦେଇ ।

୮—ନିର୍ଦ୍ଦେଶ ପ୍ରଧାନ । କୌଣସି କର୍ମର ନିର୍ଦ୍ଦେଶ ଯହିଁରେ ଦିଆଯାଇଛି ।

୯—ଶ୍ରଦ୍ଧାନାମ । ଏହା ସବୁବେଳେ ଯୋଗ୍ୟନାମ ହେବା ସମ୍ଭବ ହୁଏ ନାହିଁ ।

'ବାବାଜୀ' ନାମଟି ନାଟ୍ୟକାର ରଖିଛନ୍ତି ପାତ୍ର ଓ ବିଷୟକୁ ମନାଇ । ଏହା ତେଣୁ ସମୀଚୀନ ମନେହୁଏ ।

## ୨—ନାଟକ

ଆମର ନାଟକ ପୂର୍ବପ୍ରସ୍ଥ ନାଟ୍ୟଶାସ୍ତ୍ରର ଧାରାବାହିକା ଲୁପ୍ତ ଗୀ ନାଟକକୁ ଅନୁସରଣ କରୁଛି ବୋଲି କହି ହେବ ନାହିଁ । ତଥାପି

Digitised by srujanika@gmail.com

'ନାଟକ' ଆଖ୍ୟାର ସାର୍ଥକତା କେତେଦୂର ସେଇକଥା ବିଚାର କରାଯାଇପାରେ ।

ଆଗରେ ରୂପକର ଦଶଭେଦର କିଛି କିଛି ପରିଚୟ ଦିଆଯାଇଛି । ଏବେ ତାକୁଇ ଟିକେ ଦେଖିବା କଥା ।

ନାଟକ ଦୃଷ୍ଟିରୁ ତାରାଙ୍ଗା ନାଟକରେ:—

(କ) ଶାସ୍ତ୍ରବିଧିରେ ନାଟକର ନାନ୍ଦୀ, ସୂତ୍ରଧର ଇତ୍ୟାଦି ସଂଯୋଗ ନାହିଁ ।

(ଖ) ନାଟ୍ୟ-ଶାସ୍ତ୍ରର 'ପ୍ରସିଦ୍ଧ' ଆଖ୍ୟାନ ଅନ୍ତର୍ଗତ ନୁହେଁ ।

[ମୋ ମତରେ ଆଧୁନିକ ନାଟକ ରଚନାରେ ଏ ପ୍ରଥା ଜାରି ଚଳିବା ସମ୍ଭବ ନୁହେଁ । ଏବଂ ତାହା ଅପ୍ରଚଳିତ ପ୍ରାୟ କହିଲେ ଚଳେ]

(ଗ) ଉଦ୍ଦେଶ୍ୟ—ସମାଜ ସଂସ୍କାର ବା କୁରୁଚି (Superstion) ଦୂରୀକରଣ, ଯାହା କେତେକାଂଶରେ ଶାସ୍ତ୍ରୀୟ ବୋଲାଯାଇପାରେ ।

(ଘ) ଶୈଳୀ—ସର୍ବଜନବୋଧ୍ୟ ଶବ୍ଦ ଓ ଭାଷାର ବ୍ୟବହାର ରହିଛି ।

(ଙ) ସଂଳାପ—ଭାବମୁଖୀ ହୋଇଛି ।

(ଚ) ଅବସ୍ଥା—ବହୁବରେ ଭାଷାମଧ୍ୟ ସଂଯୋଗ କରାଯାଇଛି । ନାଟକୀୟ ଉକ୍ତିମାନ ପ୍ରତିପାଳିତ ହୋଇଅଛି ।

(ଛ) ବୃତ୍ତି—(Style, ବ୍ୟବସାୟ, ସ୍ୱଭାବ-ଢଙ୍ଗ) କୈଶିକୀ ବୃତ୍ତିର ଅତି କ୍ଷୀଣ ପ୍ରଭାବ ଲକ୍ଷ୍ୟ କରାଯାଇପାରେ ମାତ୍ର ସାତ୍ତ୍ୱତୀ ବୃତ୍ତି ବିହୀନ ।

(ଜ) ସଙ୍ଗୀତର ଅଳ୍ପ ବ୍ୟବହାର ଅଛି । (ପରେ ଏ ବିଷୟର ବିଶଦ ଆଲୋଚନା କରାଯାଉଛି)

Digitised by srujanika@gmail.com

(ଙ) ନାୟକ—ବାବାଜୀ ଚରିତ୍ରକୁ ନାୟକ ଧରିବାକୁ ହେବ—ଚରିତ୍ର ଧୀର, ଗମ୍ଭୀର, ସଦ୍‌ଗୁଣ ବିଶିଷ୍ଟ ଇତ୍ୟାଦି ନାଟକର ଅନୁମୋଦିତ ଅଟେ ।

(ଙ) ନାୟିକା—ଦୁର୍ବଳ ଭୂମିକା—ଚଞ୍ଚଳ କୁଳଜା ନୁହେଁ ।

(ଚ) ଆକାର ବା ଅବୟବ—ଶାସ୍ତ୍ରାନୁମୋଦିତ ନାଟକ-ଗୁଡ଼ିକର (ଦୀର୍ଘଙ୍ଗୁଳାଭୂତ) ନୁହେଁ । ପଞ୍ଚାଙ୍କ ମଧ୍ୟ ନୁହେଁ । ଦୃଶ୍ୟ ବା ସନ୍ଧିବିଭାଗ ନାହିଁ ।

ଏହିସବୁ ଦୃଷ୍ଟିରୁ 'ବାବାଜୀ'ର 'ନାଟକ' ଆଖ୍ୟା ଶାସ୍ତ୍ରସମ୍ମତ ବୋଲି ମତ ଦିଆଯାଇ ନ ପାରେ ।

## ପ୍ରକରଣ ଆଖ୍ୟା ବିଚାରରେ

୧—କଥାନକ ଲୌକିକ ତଥା କଳ୍ପିତ । ଦୈବୀ ଚରିତ୍ର ବା ରାଜକୀୟ ଆଡ଼ମ୍ବର (Luxury) ବର୍ଜିତ ।

୨—ପାତ୍ର, କଥାବସ୍ତୁ ଓ ପରିଣତି-ସମସ୍ତ କଳ୍ପିତ (Imaginary) ।

୩—ନାୟକ—[ବାବାଜୀ] ଧୀର, ଶାନ୍ତ ପ୍ରକୃତିର [ନାଟ୍ୟକାରଙ୍କ ବର୍ଣ୍ଣନାଅନୁସାରେ ବାବାଜୀ ବ୍ରାହ୍ମଣ ହୋଇପାରନ୍ତି] ସେ [ଧର୍ମପ୍ରାପ୍ତି ଆଶାରେ] ବାଧାବିଘ୍ନ ସହନଶୀଳ ।

୪—ନାୟିକା—କୁଳଜା ଓ ବେଶ୍ୟା ଉଭୟେ ।

୫—ଅନ୍ୟାନ୍ୟ ପାତ୍ର—ଧୂର୍ତ୍ତ [ଯେପରି ପୂର୍ବୋକ୍ତ ଚନ୍ଦ୍ରି ବାଟ, ଜୁଆ-ଖେଳାଳୀ ଇତ୍ୟାଦି [ସଂକୀର୍ଣ୍ଣ ପ୍ରକରଣ]

୬—କୁଳଟା ସହ କୁଳଜାର ସାକ୍ଷାତ ହେବାଭଳି ଦୃଶ୍ୟ ସୃଷ୍ଟି ନାହିଁ । [ସଂକୀର୍ଣ୍ଣ ପ୍ରକରଣ ସ୍ଥିତ । କାମୁକୀ ସହିତ କେମି ବା ସ୍ତ୍ରୀଧୀଙ୍କର ଭେଟ ହୋଇନାହିଁ]

Digitised by srujanika@gmail.com

୭—ଗୃହସ୍ଥ— ପାନ ଓ କୁଳଜା ଚରିତ ରହିଅଛନ୍ତି (ସ୍ୱୀନ ଓ କାମୁମୀ ଚରିତ ହୁଇଟି ।)

୮—ଅତ୍ୟଧିକ କୈଶିକୀ ବୃତ୍ତିର ପ୍ରଭାବ ନାହିଁ ।

୯—ନାଟକର ଅନ୍ୟାନ୍ୟ ବିଭାଗର ନିର୍ଦ୍ଦେଶ ରହିଅଛି । ଚତୁର୍ବିଧ ଅଭିନୟର ସୁଯୋଗ ଅଛି ।

୧୦—ଅଙ୍କ ସଂଖ୍ୟା ଅନେକ ହୋଇଅଛି ।

## ଅଙ୍କ ସଂଖ୍ୟା ବିଚାର

ନାଟ୍ୟଶାସ୍ତ୍ର, ଦଶରୂପକ, ନାଟ୍ୟଦର୍ପଣ, ଭାବପ୍ରକାଶ ଓ କାବ୍ୟାନୁଶାସନ ଇତ୍ୟାଦି ଗ୍ରନ୍ଥରେ ରୂପକ ଭେଦର ଅଙ୍କ ନିର୍ଦ୍ଦେଶ ରହିଅଛି । ଯେପରି ନାଟକ ଓ ପ୍ରକରଣରେ ୫ ରୁ ୧୦ ପର୍ଯ୍ୟନ୍ତ, ଇହାମୃଗରେ ୪, ସମବକାରରେ ୩, ଭାଣରେ ୧ ଇତ୍ୟାଦି । ଏ ସବୁ ସତ୍ତ୍ୱେ ଆଧୁନିକ ଯୁଗର ନାଟକରେ ଏହି ଅଙ୍କ ସଂଖ୍ୟାବିଧାନ ଶାସ୍ତ୍ରୀୟମତରେ ସମାନ ରଖିବା ସମ୍ଭବପର ନୁହେଁ । ନାଟ୍ୟକାର ତାଙ୍କ ଈପ୍ସିତ ବିଷୟବସ୍ତୁ ବା Plotକୁ ନାଟ୍ୟରୂପ ଦେବାପାଇଁ ଏବଂ ମଞ୍ଚୋପଯୋଗୀ ହେବାଲାଗି ନିଜର କଳ୍ପନା ଅନୁସାରେ ଅଙ୍କ ଓ ଦୃଶ୍ୟ ବିଭାଗ କରିଥାଆନ୍ତି । ଆଗେ ଲୋକେ ରାତି ରାତି ଅନିଦ୍ରା ହୋଇ ଯାତ୍ରା ଲୀଳା, ସୁଆଙ୍ଗ ଦେଖୁଥିଲେ । ସେ ସମୟର ଅଭ୍ୟାସଗତ ବା କାଳଗତ ସେହିପରି ଥିଲା । ଲୀଳା ଯାତ୍ରା ଇତ୍ୟାଦି ବହୁସମୟବ୍ୟାପି ଅଭିନୀତ ହେଉଥିଲା । ନାଟକର 'ଗୋପୁଚ୍ଛାକୃତି' ରଚନା ମଧ୍ୟ ଏ ଯୁଗରେ ସମ୍ଭବପର ନୁହେଁ । ଅଧିକାର ଅଙ୍କର ଅବତାରଣାରେ ଅଯଥା ସମୟର ବ୍ୟବଧାନ ହେଲେ ଅଭିନୟର କାଳବୃଦ୍ଧି ଆଧୁନିକ ଯୁଗ ରୁଚି ସମ୍ମତ ନୁହେଁ । ସାଧାରଣତଃ ତିନିରୁ

Digitised by srujanika@gmail.com

ଅଢ଼େଇଘଣ୍ଟା ସମୟ ମଧ୍ୟରେ ନାଟକର ଅଭିନୟ ସମାପ୍ତି ଆଜି ଯୁଗର ସ୍ୱଭାବ । ତେଣୁ ଅଧିକ ଅଙ୍କର ଅବତାରଣା ଓ ସେହି ହେତୁରୁ ଘଟିବା ବ୍ୟବଧାନ ଜନିତ କାଳକ୍ଷେପ ବର୍ତ୍ତମାନ ଦର୍ଶକଙ୍କୁ ଆନନ୍ଦ ଦେଇ ପାରିବ ନାହିଁ । ଏହି ହେତୁରୁ ଆଧୁନିକ ନାଟ୍ୟକାର ଦୁଇ ବା ତିନି ଅଙ୍କରେ ବିଷୟବସ୍ତୁର ଉପସ୍ଥାପନା କରୁଅଛନ୍ତି । 'ବାବାଜୀ'ର ରଚନା, ଊଣାଅଧିକେ ୯୦ । ୯୫ ବର୍ଷ ତଳର ହେଲେ ମଧ୍ୟ ତହିଁ ପୂର୍ବର ଲୀଳାଯାତ୍ରାର ରୀତି ଅବଶ୍ୟ ବଦଳିଥିବାର ସମ୍ଭାବନା ଦୃଷ୍ଟିରୁ ତାହା ତିନିଗୋଟି ଅଙ୍କରେ ବିଭକ୍ତ ହେବା ଅସମୀଚୀନ ମନେ ହୁଏ ନାହିଁ ।

ଏହିସବୁ ଦିଗରୁ 'ବାବାଜୀ' ଦୃଶ୍ୟ କାବ୍ୟକୁ ନାଟକ ନ କହି ବରଂ 'ପ୍ରକରଣ' ବୋଲିବାରେ କିଛି ଯୁକ୍ତିଯୁକ୍ତତା ଅଛି । କେବଳ ସଂଖ୍ୟାରେ ସାମ୍ୟହେତୁ ଏହାକୁ ଇହାମୃଗ କହି ହେବ ନାହିଁ ।

ପୁଣି କୁହାଯାଇପାରେ ଯେ ସଂଳାପ ଓ ସଂଗୀତ ଯୋଜନାରେ ଯେଉଁ ଦୃଶ୍ୟକାବ୍ୟ ରଚିତ ତାହାକୁ ଦଶବିଧ ରୂପକ ମଧ୍ୟରୁ ଆମେ ସାଧାରଣତଃ ନାଟକ ବା ପ୍ରହସନ ବୋଲି ହିଁ କହିଥାଉଁ । ଅବଶ୍ୟ ପ୍ରହସନରେ କେତେକ ସ୍ୱତନ୍ତ୍ରତା ଓ ବୈଶିଷ୍ଟ୍ୟ ବାରିବାକୁ ହୁଏ । ଏ ବିଧିରୁ ପ୍ରକରଣ ନାମ ଓଡ଼ିଶାର ସୁପରିଚିତ ନୁହେଁ ବରଂ ଅପ୍ରଚଳିତ ।

ମହାରାଜ କପିଳେନ୍ଦ୍ରଦେବ ଲେଖିଥିଲେ ବ୍ୟାୟୋଗ (ପର୍ଶୁରାମ ବିଜୟ) ସେଥିରେ କେବଳ ଓଡ଼ିଆ ଭାଷାର ଗୀତ ସଂଯୁକ୍ତ ଥିଲା । ଅନ୍ୟାନ୍ୟ କେତେକ ଓଡ଼ିଆ ନାଟ୍ୟକାର ସଂସ୍କୃତ ଭାଷାରେ ନାଟକ ରଚନା କରିଛନ୍ତି । ନିଗଡ଼ ଶାସ୍ତ୍ରବିଧି ନିୟମ ଦୃଷ୍ଟିରୁ

Digitised by srujanika@gmail.com

ସ୍ବୀକାର କରିଲେ ରାୟ ରାମାନନ୍ଦ ପଟ୍ଟନାୟକଙ୍କ କୃତ 'ଜଗନ୍ନାଥ-ବଲ୍ଲଭ'କୁ ମଧ୍ୟ 'ନାଟକ' ଆଖ୍ୟା ଦେବାରେ 'କିନ୍ତୁ' ରହିବ ।

ତେଣୁ 'ବାବାଜୀ' ଦୃଶ୍ୟ କାବ୍ୟଟି ପ୍ରକରଣ ହେଲେ ମଧ୍ୟ ଦେଶପ୍ରଥା ବା ଚଳଣୀ ଅନୁସାରେ ତାହାକୁ, ନାଟକ, ଆଖ୍ୟା ଦେବା ଅଠିକ ବୋଲିବା ଠିକ୍ ହେବ ନାହିଁ ।

---

## ସଙ୍ଗୀତ ଯୋଜନା—

ବାବାଜୀ ନାଟକରେ 'ବହୁଗୀତ ଅଭିଧେୟମ୍' ରୀତି ପାଳନ ଲକ୍ଷ୍ୟକରାଯାଏ । ଯେଉଁ ଛଗୋଟି ସଙ୍ଗୀତ ସଂଯୋଜିତ ହୋଇଅଛି, ତାହା ଭଜନ ଏବଂ ରାଗତାଳ ନିର୍ଦ୍ଦେଶ ହିନ୍ଦୁସ୍ଥାନୀ ସଙ୍ଗୀତ ପଦ୍ଧତି ସାମ୍ୟ । ଯଥା-ରାଗ ଝିଂଝିଟ୍ । ଜଙ୍ଗଲ ଓ ତାଳ ଏକତାଳ ଏବଂ ଠୁମ୍ରି । ରାଗ ସିନ୍ଧୁ, ତାଳ ଅଡ଼ତାଳୀ (ଧାମାର)

ଓଡ଼ିଶୀ ସଙ୍ଗୀତ ପୁସ୍ତକ ( ସଙ୍ଗୀତ ସାଗର—ସ୍ବର୍ଗୀୟ ଦାମୋଦର ପଟ୍ଟନାୟକ କୃତ) ମାନଙ୍କରେ ରାଗତାଳ ନିର୍ଦ୍ଦେଶ ମଧ୍ୟରୁ କେତେକ ଓଡ଼ିଶୀ ପ୍ରଚଳିତ ରୀତିରେ ରାଗ ତାଳ ନାମ ଓ ଅନ୍ୟଗୁଡ଼ିକ ଅଧୁନା ହିନ୍ଦୁସ୍ଥାନୀ ପଦ୍ଧତି ପ୍ରଚଳିତ ରାଗତାଳ ନାମରେ ନିର୍ଦ୍ଦେଶିତ । ଏହା କର୍ଣ୍ଣାଟକ ପଦ୍ଧତିର ରୀତି ସେତେବେଳେ ଓଡ଼ିଶାରେ ହୁଏତ ପ୍ରଚଳିତ ନ ଥିବା କିମ୍ବା ସମାଦୃତ ହେଉ ନ ଥିବାର ପ୍ରମାଣ ଦିଏ ।

ନାଟକ ସନ୍ନିବେଶିତ ଗୀତ ଛଗୋଟିର ସ୍ରଷ୍ଟା ଲକ୍ଷ୍ୟ କଲେ ଲେଖକ ନିଜେ ସଙ୍ଗୀତଜ୍ଞ ବା ଗାୟକ ବୋଲି ଅନୁମିତ ହୁଏ ନାହିଁ ଗୀତଭାଷାର ସ୍ବାତନ୍ତ୍ର୍ୟ ଓ ଲଳିତ୍ୟ ଏଥିରେ ଅଭାବ ।

Digitised by srujanika@gmail.com

ପ୍ରଥମ ଗୀତ "ମୋର ଦୀନବନ୍ଧୁ ଦୟାଲ ଅନ୍ୟ କେହି ନାହିଁ" ଏଥିରେ "ଦୟାଲ" ଶବ୍ଦର ପ୍ରୟୋଗ ବଙ୍ଗୀୟ ପ୍ରଭାବ ପାତର ସୂଚନା ଦିଏ । ଗୀତଟି ଗାଇଲେ ମଧ୍ୟ ଢେରଗୁଣ ନ କର୍ଣ୍ଣପ୍ରୀତିକର ହେବାରେ ସନ୍ଦେହ ଜାତ ହୁଏ ।

## —ନାଟ୍ୟକାର—

ନାଟ୍ୟକାର ସ୍ୱର୍ଗୀୟ ଜଗନ୍ମୋହନ ଲାଲ ଓଡ଼ିଶାବାସୀ ବଙ୍ଗାଳୀ ।

ଘର କଟକ ଜିଲ୍ଲାର ମାହାଙ୍ଗା ଗ୍ରାମରେ ସେ ଅଞ୍ଚଳର ଜଣେ ସରକାରୀ କର୍ମଚାରୀ ପକ୍ଷେ ଦେଶ ଓ ସମାଜର ଆବର୍ଜନା ଦୂରକରିବା ଲକ୍ଷ୍ୟରେ ନାଟକଲେଖା ଅତି ପ୍ରଶଂସନୀୟ । ପୁଣି ଗୀତମୟ ଲୀଳା ସୁଆଙ୍ଗ ଯାହାର ଅଭ୍ୟସ୍ତ ଜନତା ଆଗରେ ପ୍ରାୟ ଗୀତବିହୀନ ବୋଲି କୁହାଯିବା ଭଳି ଗଦ୍ୟମୟ ବଚନିକା ସଂଯୋଗରେ ଏକ ନାଟକ ରଚନା ସେ ତାଙ୍କର ଯୁଗ ପ୍ରବର୍ତ୍ତନାର ସତ୍ ସାହାସ ଏବଂ ଦୃଢ଼ ପଦକ୍ଷେପର ଲକ୍ଷଣ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ । ସେ ସମୟରେ ଧନୀ ବ୍ୟକ୍ତିଙ୍କ ମତଗତି, ମଦ୍ୟର ପ୍ରଚଳ ସାଧାରଣଙ୍କର ଅନ୍ଧ ବିଶ୍ୱାସ, ସାମାଜିକ ଚଳିତ ରୀତି ଏବଂ ମଠଧାରୀ ବାବାଜୀ ବା ସାଧୁଙ୍କର 'ଘର-ଗୁମର' ବିରୁଦ୍ଧରେ ବାବାଜୀ ନାଟକ ଏକ ବଳିଷ୍ଠ ଅଭିଯାନ । ପାଠୁଆ ଲୋକ ଅତିଅଳ୍ପ ହେଥିରେ ବହୁତେ ଲୋକ, ପୁଣି ବହୁ ପଢ଼ି ତାହା ପୂର୍ଣ୍ଣମାତ୍ରାରେ ସମୁଝିବା ଭଳି ଲୋକଙ୍କ ସଂଖ୍ୟା ମଧ୍ୟ ସେତେବେଳେ ଆଜି ଯୁଗଠାରୁ ଊଣା ଥିଲା । ଏହାଛଡ଼ା ଏତେ ଶ୍ରମକର, ବହୁ ସମୟ ଦେଇ କିଏ ବା କେତେ ବହି ପଢ଼ିବ ? ଜନତା ନିକଟରେ ନିଜର ମତ ବା ଉଦ୍ଦେଶ୍ୟ ଏବଂ ଆଦର୍ଶ ସହଜରେ ପହଞ୍ଚାଇ ପାରିବାର ଯୋଗ୍ୟତା କେବଳ-

Digitised by srujanika@gmail.com

ନାଟକର ଅଙ୍ଗ । ତେଣୁ ନାଟକ ବା ଦୃଶ୍ୟ କାବ୍ୟ ପ୍ରଦର୍ଶନର ମାଧ୍ୟମରେ 'ହେଲାରେ ହର ନାମ' ଭଳି ଅଭିପ୍ରେତ ଚିତ୍ର ସହଜରେ ମନୁଷ୍ୟ ମନରେ ଅଙ୍କି ହୋଇଯିବା ସ୍ୱାଭାବିକ । ଏହି ବିଗ୍ରହରେ ନାଟ୍ୟକାର ଲକ୍ଷ୍ମୀ ମହାଶୟ ଯେ ଅପୂର୍ବ ପ୍ରଚେଷ୍ଟା କରିଛନ୍ତି ତାହା ମୁକ୍ତ କଣ୍ଠରେ ଶତ ମୁଖରେ ସ୍ୱୀକାର୍ଯ୍ୟ । ଏହା ତାଙ୍କର କୃତକଳ୍ପନା ଓ ସଫଳ ସାଧନା ନିଶ୍ଚୟ ।

ଶାସ୍ତ୍ରସିଦ୍ଧ ବା ବହୁ ପ୍ରଚଳିତ ଲୀଳାଯାତ୍ରାର ବିଷୟ ସୂଚନା ଦେବା ନିମିତ୍ତ ନାଟକରେ ସୂତ୍ରଧରଙ୍କ କର୍ତ୍ତବ୍ୟ ଭୁଲିଯାଇଥିବା କେତେ ସୂଥିଙ୍କ ଅଭିନେତା ଓ ଅଭିନେତ୍ରୀଙ୍କ ପ୍ରଚଳିତ ଧାରାର ବ୍ୟତିକ୍ରମରେ ନାଟ୍ୟକାର ସ୍ୱୀୟ ନାଟକ ରଚନା କରି ପ୍ରାରମ୍ଭରୁ ହିଁ ଅଙ୍କାବତାର ଓ ନାଟକୀୟ ଚରିତ୍ରମାନ ଉପସ୍ଥାପନା କରିଛନ୍ତି । ଏତଦ୍ୱାରା ସେ ନାଟକ ରଚନା ଦିଗରେ ଶାସ୍ତ୍ରବିଧି ବନ୍ଧ ଭଙ୍ଗ ଦେଇ ନିଜର ସ୍ୱତନ୍ତ୍ର ପନ୍ଥା ଅନୁସରଣ ଏବଂ ଅଭିନବତ୍ୱ ଆଣି ଦେଇଛନ୍ତି । ଅବଶ୍ୟ ଏହି ପ୍ରଥମ ନାଟକ ପରେ ଦକ୍ଷିଣ ଓଡ଼ିଶାର କେତେକ ନାଟ୍ୟକାର ନାନ୍ଦୀ, ସୂତ୍ରଧର ଓ କେତେକ ନାଟ୍ୟ ଚରିତ୍ର ସଂସ୍କୃତ ନାଟକ ଅନୁସରଣରେ ନିଜ ନିଜର ନାଟକରେ ସଂଯୋଜିତ କରିଅଛନ୍ତି । ଉତ୍ତର ଓଡ଼ିଶାର ବିଶିଷ୍ଟ ନାଟ୍ୟକାର (ରାମଶଙ୍କର)ଙ୍କ ନାଟକରେ ଏହାର ଉପଯୋଗ ପରିମାଣ ଅଳ୍ପ ।

ବାବାଜୀ ନାଟକରେ ହାସ୍ୟରସର ଅବତାରଣା ଅଳ୍ପ ଏବଂ ଦର୍ଶକର ଆଗ୍ରହାତିଶଯ୍ୟ ବୃଦ୍ଧି ବ୍ୟବସ୍ଥା ( Supeneo ) ନାହିଁ ବୋଲିଲେ ଚଳେ । ଓଡ଼ିଶାର, ଓଡ଼ିଆ ଭାଷାର ପ୍ରଥମ ନାଟକ ରଚନା ପକ୍ଷେ ଏହାର ଯୋଗାଯୋଗ କେତେଦୂର ସମ୍ଭବ ତାହା ମଧ୍ୟ ବିଚାର ବିବେଚନା ଯୋଗ୍ୟ, କାହିଁକି ନା ଏତେବେଳେ ଲୀଳାଯାତ୍ରାର ଯୁଗ, ଯହିଁରେ ନାଟ୍ୟ ବିଷୟ ବସ୍ତୁକୁ ଉଗର, ଝାଡ଼ୁଦାର, ନାରଦ ଇତ୍ୟାଦି

Digitised by srujanika@gmail.com

ନାଟ୍ୟ-ଚରିତମାନଙ୍କ ରଙ୍ଗ ପ୍ରବେଶ ପୂର୍ବରୁ ଗୀତାକାରରେ ବର୍ଣ୍ଣି ଦେଇ ସାଉଥିଲେ। ଏଥିପାଇଁ ସମସ୍ତଙ୍କର ଲୀଳା ଓ ନାଟକ ପ୍ରଚଳନର ଏକ ବଡ଼ ସନ୍ଧି ବେଳେ ବାବାଜୀ ନାଟକର ଜନ୍ମ । ତେଣୁ supence କଳ୍ପନା କେଉଁଠିରୁ ଅବା ଆଶା କରାଯାଇପାରେ ?

—ମଞ୍ଚ ମୂଲ୍ୟ—

କେତେକ ନାଟ୍ୟକାରଙ୍କ ନାଟକ କେବଳ ପାଠ୍ୟ ହୋଇ ରହେ। 'ଦୃଶ୍ୟ' ହିସାବରେ ତାହାର ମଞ୍ଚମୂଲ୍ୟ ଅତି ଅଳ୍ପ । ବାସ୍ତବରେ ନାଟକର 'ଦୃଶ୍ୟ କାବ୍ୟ' ଆଖ୍ୟା ଏଥିଠାରେ ବ୍ୟାହତ ହୁଏ ଏବଂ ଏମିତି ରଚୟିତାଙ୍କୁ ସଫଳ ବା କୃତୀ ନାଟ୍ୟକାର ବୋଲି କହିବାରେ ମନରେ ଦ୍ୱିଧା ଜନ୍ମେ। ବାବାଜୀ ନାଟକ ସେ କାଳକୁ ଦୃଷ୍ଟି ରଖି ହୋଇଥିଲା । ମଞ୍ଚସ୍ଥ ମଧ୍ୟ ହୋଇଥିବାର ସମ୍ଭାବନା ଯଥେଷ୍ଟ, ଆଜି କିନ୍ତୁ ଏ ଯୁଗକୁ ତାହାର ମଞ୍ଚ ପରିବେଷଣ ଚଳନୀୟ ବୋଲି ମନେ ହୁଏ ନାହିଁ । ନାଟ୍ୟକାର କେତେକ ସ୍ଥଳରେ ନିଜର ଯୁକ୍ତି, ମତ ଓ ଆଦର୍ଶ ଉପସ୍ଥାପିତ କରିବାକୁ ଯାଇ ଜ୍ଞାତାଜ୍ଞାତସାରେ ନାଟକୀୟ ସୌଷ୍ଠବ ରକ୍ଷାଠାରୁ ଟିକିଏ ଦୂରେଇ ଯାଇଛନ୍ତି । ସ୍ଥଳ ବିଶେଷରେ ସଂଳାପର ଅତି ଦୀର୍ଘତ୍ୱ ନାଟ୍ୟକାରଙ୍କ ମତ ପ୍ରଚାରର ଅସମ୍ଭାଳତା ସୂଚନା ଦିଏ, ଏବଂ Platform lecture ଭଳି ପ୍ରତୀତ ହୁଏ। ଏପରି ସ୍ଥଳରେ ଲେଖକ ମହାଶୟ ନାଟକୀୟ—ବିଧିର ସଙ୍ଗତି ରକ୍ଷା କରିପାରି ନାହାନ୍ତି କିମ୍ବା ଦର୍ଶକ ମନର ଅବସ୍ଥା ବା ଅଭିନୟ ଦର୍ଶନ ସ୍ପୃହାର ଗୁରୁତ୍ୱ ପ୍ରତି ଦୃଷ୍ଟି ଦେଇନାହାନ୍ତି (ଚତୁର୍ଥ ଅଙ୍କ ବିଶେଷତଃ ଦ୍ରଷ୍ଟବ୍ୟ ।)

କୁହା କଥା ଏତେ ଅଧିକ ଯେ ଅକୁହା କଥାର ଇଙ୍ଗିତ-ଭାଷା ନ ଥାଇ ନାଟକଟି ସରସତା ଓ ଚମତ୍କାରିତା ହରାଇ ବସିଛି ।

Digitised by srujanika@gmail.com

ଚରିତ୍ରଚିତ୍ରଣ ଦିଗରୁ ବାବାଜୀ ନାଟକକୁ ଅତି ଉଚ୍ଚ କୋଟୀର ବା ଉତ୍କୃଷ୍ଟ ବୋଲି କହିହେବ ନାହିଁ।

ସଂଳାପ ରଚନା ଦୀର୍ଘ କିନ୍ତୁ ଭାଷା ଗାସମୃଗୀ, ସରଳ ଏବଂ ବହୁଳାଂଶରେ ଯୁକ୍ତି ଉପରେ ପ୍ରତିଷ୍ଠିତ ଓ ଭାବ ପ୍ରତିପାଦକ ମଧ୍ୟ।

ନାଟକଟିରେ ଦୃଶ୍ୟ ଯୋଜନା ନାହିଁ। ପ୍ରତି ଦୃଶ୍ୟାଭିନୟ ଗୋଟିଏ ଗୋଟିଏ ଅଙ୍କରେ ବିଭକ୍ତ, ତେଣୁ ଦୃଶ୍ୟସଜ୍ଜା ପକ୍ଷେ ମଞ୍ଚର ଅସୁବିଧା ଘଟିବାର ସମ୍ଭାବନା ନାହିଁ କିମ୍ବା ବହୁ ବ୍ୟବଧାନରେ କାଳ କ୍ଷେପର ଆଶଙ୍କା ନାହିଁ।

---

## ନାଟକ ଆଖ୍ୟାର ସାର୍ଥକତା—

ବାବାଜୀ ନାଟକ ଓଡ଼ିଆ ଭାଷାର ପ୍ରଥମ ନାଟକ ବୋଲି ସ୍ୱୀକୃତ। ଏହା ପ୍ରକାଶନର ପୂର୍ବବର୍ତ୍ତୀ ୧୮୬୮ ମସିହାରେ ଅବଶ୍ୟ ଦକ୍ଷିଣ ଓଡ଼ିଶାର ଲେଖକ ରଘୁନାଥ ପରିଚ୍ଛାଙ୍କ 'ଗୋପୀନାଥ ବଲ୍ଲଭ' ନାମକ ନାଟକ ପ୍ରକାଶିତ। କିନ୍ତୁ ତାହାର 'ନାଟକ' ଆଖ୍ୟା ସଫଳ ନୁହେଁ। ତତ୍କାଳୀନ "ସମ୍ବାଦ ବାହିକା" (ବାଲେଶ୍ୱର)ଙ୍କ ମତ ଏ ବିଷୟରେ ଅତି ସ୍ପଷ୍ଟ।

ସଂଶିତ ପତ୍ରିକାର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ତା ୧।୧୨।୧୮୭୭ ରିଖର ପତ୍ରିକାରେ ଲେଖିଛନ୍ତି—

ଓଡ଼ିଶାରେ ଓଡ଼ିଆ ଭାଷାରେ ନାଟକ ନାମ ଶୁଣିବାକୁ ଆଶ୍ଚର୍ଯ୍ୟ। ଏଥିପୂର୍ବେ ଗୋପୀନାଥ ବଲ୍ଲଭ ନାମକ ଖଣ୍ଡିଏ ନାଟକ କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଥିଲା।

Digitised by srujanika@gmail.com

ଆମ୍ଭେମାନେ ପ୍ରଥମେ ତାହା ପାଇ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ତାହାର ସ୍ୱାଦୁ ପରୀକ୍ଷା କରିବା ନିମନ୍ତେ ଇଚ୍ଛା ବଳିଲା । ମାତ୍ର ତାହା 'ନା-ଟକ' ନା ମିଷ୍ଟ' କିଛି ଜଣାଗଲା ନାହିଁ । ଏମନ୍ତ ସ୍ଥଳେ ବାବାଜୀ ନାଟକ-ପ୍ରଣେତା ବାବୁ ଜଗନ୍ମୋହନ ଲାଲ ସାହସ ଉପରେ ନିର୍ଭର କରି ଖଣ୍ଡିଏ ନାଟକ ପ୍ରଣୟନ କରିଅଛନ୍ତି । ତାହା ଅତ୍ୟନ୍ତ ପ୍ରଶଂସାର ବିଷୟ । ଜଗନ୍ମୋହନ ବାବୁ ପ୍ରଥମେ ଆମ୍ଭମାନଙ୍କୁ ଆଶାରୁ ଅଧିକ ଏହି ନାଟକ ଖଣ୍ଡିକ ପ୍ରଦାନ କଲେ । ଏଥିନିମନ୍ତେ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।"

ଓଡ଼ିଶାର ପ୍ରଥମ ଓଡ଼ିଆ —ଭାଷାର ନାଟକ ପ୍ରଣେତା ଲାଲ ମହାଶୟ ଓଡ଼ିଆ ନାଟ୍ୟ ଇତିହାସର ଅମର ନାଟ୍ୟଶିଳ୍ପୀ ଭାବରେ ସମ୍ମାନନୀୟ । 'ପ୍ରକରଣ' ନାମ ଓଡ଼ିଶାରେ ଅପ୍ରଚଳିତ ଏବଂ ଲୋକ କଥାରେ ଏହା 'ନାଟକ' ଶ୍ରେଣୀର ଆଖ୍ୟା ପ୍ରାପ୍ତ । ଏଣୁ 'ବାବାଜୀ ନାଟକ'ର 'ନାଟକ' ନାମକରଣ ଦୋଷାବହ ନୁହେଁ, ଦେଶ ପ୍ରଚଳନ ଦୃଷ୍ଟିରୁ ବରଂ ଯଥାର୍ଥ ହୋଇଥିବାରେ ଦୋଷ ଲେଖିବ ନାହିଁ । ଷୁଦ୍ର ଶକ୍ତି ଅନୁଯାୟୀ ବାବାଜୀ ନାଟକର କଥିତ ଆଲୋଚନା ଶେଷକରିବା ପୂର୍ବରୁ ନାଟକରେ ସେ କାଳ ଅନୁଯାୟୀ ବ୍ୟବହୃତ କେତେକ ଶବ୍ଦ ପ୍ରୟୋଗର ଉଲ୍ଲେଖ କଲି । ଅଧୁନା ସେଥିମଧ୍ୟରୁ ଅନେକ ଶବ୍ଦ ପ୍ରୟୋଗ ଓ ବ୍ୟବହାର ପାଶୋରା ଗନ୍ତାଘରେ କଳଙ୍କି-ଲଗା ହୋଇଗଲାଣି । ବିଗତ ସ୍ମୃତି ଚିର ସୁନ୍ଦର, ସେହି ଧାରଣାରେ ସେ ଲୋଭ ସମ୍ବରଣ କରି ପାରିଲି ନାହିଁ ।

## —ଶବ୍ଦ ବ୍ୟବହାର—

| ସେବେ | ଏବେ |
|---|---|
| ଜମ୍ବୁ ଜମ୍ବୁକାର ହେଉ— | ଜମ୍ବୁ ହେଉ । |
| କୌଠାରେ | କେଉଁଠି, କେଉଁଠାରେ । |
| ଘର ଗୁଡ଼ାଲେଁ | ଘର ଗୁଡ଼ିଲ୍ଁ । |
| ନିର୍ବାହକର୍ତ୍ତା— | ଚଳାଇବା କର୍ତ୍ତା । |
| ଜୋର କଲଦ— | କଳୁରି ଷାଣ୍ଢ (ଲେଉ) |
| ଅଲ୍ପାପି— | ସାମାନ୍ୟ । |
| ଦରମା ହା— | ଦରମା, ବେତନ । |
| ଖାଜନାବାଲ— | ଖାଜଣାବାଲା । [ବଙ୍ଗ ପ୍ର—ସ୍ବବ |
| କୌକଥାକୁ— | କେଉଁ ବା କୋଉ କଥାକୁ । |
| ଆହାର ମୁଖା ହୋଇ | ଆହାର ଅଶ୍ରଦ୍ଧା (ହେକଲା) । |
| ଖୋଫ ପଡ଼ବ— | ଅଭିଶାପ ପଡ଼ିବ । |
| ବଷ୍ଟମ— | ବୈଷ୍ଣବ । |
| ସାଗୁଆଡ— | ମାଂସ । |
| ସନ୍ତ୍ରେଇଲ୍— | ଅସନ୍ତୁଷ୍ଟ କଲ୍, କଷ୍ଟ ଦେଲ୍ । |
| ଢୋର ଘର— | ଢୋ'ଘର ଢୋ'ର ଘର । |
| ଝୁଣା କଥା— | ନିନ୍ଦନୀୟ କଥା, ଭୁଲକାମ । |
| ମଗ୍ ପଡ଼ବ | ଝଣ୍ଟରେ ପଡ଼ିବ । |
| ବୋଧା— | ଅବେକ୍ଷା ସହନଶୀଳ, ଅଭଞ୍ଜ । |
| ଯାଜରେଇ— | ଯାଉଛୁ । |
| ପଲଙ୍କ ଲଗି— | ଶୋଇବା । |
| ଅଶା ବରଦାର— | ଆଶା ( ଉପରେ ରୁପା ଗୁଣ୍ଡି ହୋଇଥିବା ବଡ଼ ବାଡ଼ି ବା ଠେଙ୍ଗା ବିଶେଷ) ଧରିବା ଲୋକ । |

Digitised by srujanika@gmail.com

ଅଳ କାର ନୁହେଁ— ଶୁଦ୍ଧ ଧନ ନୁହେଁ

ଏକା ନାହିଁବେ — ଏକା ଥିବବେ

ଅଭିକା— ବର୍ତ୍ତମାନ, (କଥିତ ଭାଷା)

ହେଟବଦନେ— ମୁଣ୍ଡ ପୋତି (ଲଜ୍ଜାରେ)

ଆମର ତା ସନ୍ତ— ସ୍ୱୀକାର

ଫାଲଭୁ— ବାଜେ, ମୂଲ୍ୟହୀନ।

ଛୁଆକର— ଘୃଣା ସୂଚକ. (ସ୍ତ୍ରୀଲୋକମାନେ ପ୍ରାପ୍ତ କରୁଥିବା)

ହର୍ଷବିଷାଦ— ସୁଖରେ ଦୁଃଖ।

ଅଙ୍ଗୀକାର କଲେ ଧଅନ୍ତି— କବୁଲେ ଦଅନ୍ତି।

ଅଟଇ — ଅଟେ।

ଲୋକ ଦେଖାଣି— ଲୋକଭୁକ।

ଭଜତ ବଳ— ଧନବଳ।

ଏଇକ୍ଷଣି— ବର୍ତ୍ତମାନ (ଦେଶଜ—ପ୍ରାନ୍ତୀୟ)

ଦୋହ୍ନ ମହାବ୍ରଜ— (ଦୁହ ଇ) ଶପଥ କରିବା ଅର୍ଥରେ ରୋଷ କରନ୍ତୁ ବା ନିଷ୍ପନ୍ନ ନେବା ଅର୍ଥରେ ବ୍ୟବହୃତ)

ଦଣ୍ଡବତ— ଭେଟି।

କରଣୀ କଟାନ୍ତି— ଦୁକ୍ରମ୍ ଦଅନ୍ତି। ( ରୋଗ ଗୁଣା କରିବା କିମ୍ବା ନାନା ଫଳ ପ୍ରାପ୍ତିକ ଦୁକୃତ ହେଇ ବଡ଼ମା ଦେଖାଇବା )

ଏଇ ହେତୁ ମାନଙ୍କରେ—ଏଥିପାଇଁ. ଏହି ହେତୁରୁ।

ମନର ଦମ୍ଭିତା— ମନର ଟାଣ।

ଲୋକଙ୍କର ଜାତି ମାଇଲ—ଜାତି ନେଲ।

ଷାପଟ୍ଟୁ ପରମାଦ— ଷାପଟ୍ଟୁ ମନ୍ଦଫଳ(ଫଳନା ଅର୍ଥରେ).

Digitised by srujanika@gmail.com

| | |
|---|---|
| ଭୁଟି ଭୁଟି ଶୁଭୁଛି— | ଭୁନ ଭୁନ କଥାବାର୍ତ୍ତା (ଅସ୍ପଷ୍ଟ କଥାବାର୍ତ୍ତା) |
| ହସି ଟାହୁଲକୁ— | ପରିହାସକୁ । |
| ମଇଳା କାରବାର— | ନିନ୍ଦିତ କାର୍ଯ୍ୟ । |
| ବହୁତ ହବୁ— | ନଷ୍ଟ ହେବୁ । |
| କେଉଁ— | କେଉଁଦିନୁ ବା କେତେ କାଳରୁ । |
| ଥଏ ହୋ— | ଚୁପ୍ ହୁଅ । |
| ଚଳ— | ଦ୍ରବ୍ୟ, ପଦାର୍ଥ । |
| ଭଙ୍କ ମୋଡ଼ ଦେଲଣି— | ବେଳ ମୋଡ଼ ହୋଇଗଲଣି । |
| ଏଠିଠି ବାଟ ମାପିଲୁ— | ଏଠାରୁ ପଥ ଆସିଲୁଁ । |
| କେମନ୍ତ ମନୋରମ୍ୟ— | କେତେ ମନୋହର । |
| ହଉ କବସ୍ତାନ ନୁହେଁ— | ନାଗଂ ଖାଣ୍ଡି କବରସ୍ଥାନ ନୁହେଁ । |
| ବୈଗୁଣ— | ବିଯୋଗ, ବିପତ୍ତି, ଦୁଃଖ । |
| ଦେବୀ ଭାଷା ଡିକ୍ ଘଟିଲ— | ଟପାଗକୁ ଭାଷା । |
| ହୋଇ ଦେଉଛି— | ଫୁଙ୍କି ଦେଉଛୁ, ବାରଣ କରୁଛୁ, ଚେତେଇ ଦେଉଛୁ । |
| ସୁଖ ହୁଅଇ— | ଆନନ୍ଦ ଜାଣ ହୁଏ । |
| ଗତାଗତ— | ଯିବାଆସିବା (ଯା'ଆସ-ଦେଶଜ) |
| ଅଭ୍ୟାସେ ଉପାର୍ଜନ— | ଉତ୍ତମ ଧନଅର୍ଜନ (ପରିମାଣ ଦୂରନ୍ତ । |
| ଚଲଇ ନାହିଁ— | ଚଳେ ନାହିଁ, କାର୍ଯ୍ୟକାରୀ ହୁଏ ନାହିଁ |

**ବ୍ୟବହୃତ କେତେଗୁଡ଼ିକ ପ୍ରବଚନ ବା ଚଳନ୍ତିକା ଯଥା—**

"ମୂର୍ଖକୁ ନଶୁଣି ନାହିଁ—ବଡ଼ ଲୋକଙ୍କୁ ଉତ୍ତର ନାହିଁ ।
ଖାଇବାରେ ଖାଏ—ଗୋଡ଼ରେ ଦେଖିଲେ ଗାଧୋଇ ଯାଏ"

Digitised by srujanika@gmail.com

ମୋ ନବାନ୍ନ ଚଳିବ କଦର—ସଂସାର ଚଳିବ କପର ?
ମୁଁ କପର ଚଳିବ ?

ସେ ମରୁପଡ଼ନ୍ତ—ତାର ଅନ୍ତ ହେଲ ।

‘‘ଅଖୋଜ ଅଖୋଜ ପାଏଇବୁ’’
‘‘ପୋଲରେ ଖାଇ ମେଲରେ ଗଡ଼୍ ଗଡ଼ାଉଛନ୍ତି’’
‘‘ଏ ହାତ ପୁଣ୍ୟ ସେ ହାତ ନ ଜାଣେ ।’’
‘‘ମନରେ ନାହିଁ ତ ମାଳରେ ନାହିଁ
‘ମାଳ ଜପି ଜପି ଯାଇବୁ କାହିଁ’’
‘ଅକଗକୁ ଦାତାସ୍ରମ’
‘ତାଲ ପଡ଼ିବା ସମୟେ କାଉ ଖୁମ୍ପିଲା ।
‘ପାପରୁ ପରମାଦ’
‘ନିଜ ଗାଁ ମଶାଣି ପରଗାଁ ନଈ (ପାଣି)
‘‘ଦଣ୍ଡିବା ଶକ୍ତି ଯାର ଥାଇ—
ସେ ପୁଣି କ୍ଷମା ଆଚରଇ ।’’
‘‘ଯାହା ନ ଦେଖିବ ଦୁଇନୟନେ—
ତରତେ ନ ଯିବ ଗୁରୁବଚନେ ।’’
‘ମାର୍ ତାଳ—ଜଠା ଥାଳ ।’
’’ଅସତ ଧନ ଫଳେ ବହୁତ—
ଯିବାବେଳେ ଯାଏ ମୂଳ ସହିତ ।’’
‘ଅନ୍ୟାୟରେ ଲଢ଼ାଏ ନେଲେ ଭାହାଣେ ନଷ୍ଟହୁଏ’
ନଁ । ତାହାରଲ—ନାଆଁ ଜଣାଶୁଣା ହେଲ ।
ଦାଣ ସିଂହାର—ଏକପ୍ରକାର ଗୁଣି ବିଦ୍ୟା ପ୍ରୟୋଗ
କମିଆ—ଜଡ଼ଚନ୍ଦ୍ର ।

———

Digitised by srujanika@gmail.com

# ବାବାଜୀ ନାଟକ

## ପ୍ରଥମ ଅଙ୍କ

ରଙ୍ଗଭୂମି—ବାବୁ ସୁବଳ ପଟ୍ଟନାୟକଙ୍କ ବୈଠକ ଖାନା ।

( ବାବାଜୀଙ୍କର ପ୍ରବେଶ )

ବାବାଜୀ—ଜୟ ଜୟକାର ହେଉ ।

ବାବୁ—ଦଣ୍ଡବତ ମହାରାଜ ( ପଞ୍ଚାଙ୍ଗ ପ୍ରଣାମ )

ବାବାଜୀ—ମଙ୍ଗଳ ହେଉ, ଈଶ୍ୱର ସଦା ସୁଖୀ ରଖନ୍ତୁ ।

ବାବୁ—ବସିବା ହେଉନ୍ତୁ । ଏହି ଚୌକିରେ ବସନ୍ତୁ । କୁଆଡ଼େ ଆସିବା ହେଲେ ମହାରାଜ ?

ବାବାଜୀ—ଆପଣଙ୍କ ଠାକୁ ଆସିଲେଇଁ ।

ବାବୁ—ଆପଣଙ୍କର ମଠ କୌଠାରେ ?

ବାବାଜୀ—ଆମର ମଠ ନାହିଁ ବାବା । ଘର ଛାଡ଼ିଲେଇଁ ମଠରୁ କ କାର୍ଯ୍ୟ, ଘର ଧନ୍ଦା ଓ ମଠ ଧନ୍ଦା ସମାନ ଅଟେ । ଯେଉଁ ସ୍ଥାନରେ ଆସନ କଲୁଁ ସେହି ଆମର ମଠ, ଆମେ ତ ଏକ ସ୍ଥାନରେ ଅନେକ ଦିନ ରହୁନା, ଦେଶ ଭ୍ରମଣରେ ଥାଉଁ । ଦୁଇଦିନ ହେଲା ଏଠାକୁ ଆସି ନଦୀକୂଳ ତୋଟାରେ ଆସନ କରିଛୁଁ । ଭୋଜନ ନ ମିଳିବାରୁ ଆପଣଙ୍କ ଠାକୁ ଆସିଗଲୁଁ ।

Digitised by srujanika@gmail.com

ବାବୁ—(ଦୁଇ ପଇସା ବଢ଼ାଇ) ନେବା ହେଉନ୍ତୁ ମହାରାଜ ।

ବାବାଜୀ—ପଇସା । ଆମେ ପଇସା ଭିକ୍ଷା କରୁନା । ଦ୍ୱାର ଦ୍ୱାର ପଇସା ମାଗି ବୁଲିଲେ ସେଇଥିରେ ଦିନ ଯିବ । ପୂଜା, ଧ୍ୟାନ, ଭଜନ ଏହାସବୁ କରିବୁ କେତେବେଳେ ? ପୁଣି ପଇସାରୁ ଲୋଭ ଜନ୍ମେ । ସାଧୁ ସନ୍ଥଙ୍କର ପଇସା କଉଡ଼ିରୁ କି ପ୍ରୟୋଜନ ? ଭୋଜନ ମିଳିଲେ ହେଲା । ଯେବେ ଆପଣଙ୍କର ଇଚ୍ଛା ହୁଏ ତେବେ ପୂର୍ଣ୍ଣ ଭୋଜନ ଦେବା-ହେଉନ୍ତୁ ନଚେତ୍ ଆମେ ଆଉ କେଉଁ ଦାତାକୁ ଦେଖିବା । ସେଥିପାଇଁ ଆମର ତାଦୃଶ ଚିନ୍ତା ନାହିଁ । ଈଶ୍ୱରଙ୍କ କୃପାରୁ କୌଣସି ରୂପେ ମିଳିଯିବ ।

ବାବୁ—**ଆଜ୍ଞା ମହାରାଜ** ! ଯଥୋଚିତ ଭୋଜନ ଦେବୁଁ । ଆପଣଙ୍କୁ ନ ଦବୁଁ ତ ଆଉ ଦବୁଁ କାହାକୁ ? ଆପଣଙ୍କ ତୁଲ୍ୟ ଧୀର ଓ ଜ୍ଞାନୀ ସାଧୁ ଆମେ କାହିଁ ଦେଖି ନାହୁଁ ।

ବାବାଜୀ—ନାହିଁ ବାବା, ଆମେ କି ସାଧୁ ? ଆମର କି ଜ୍ଞାନ ? "କାଠସ୍ୟ କାଠାସୃତେ" ଆମେ ସାଧୁ ନାମର ଯୋଗ୍ୟ ନୋହୁଁ ।

ବାବୁ—ହଁ ଆପଣତ ଏପରି କହିବେ, ଆମେ ତ ଦେଖି ନାହୁଁ । ଇରେ ରମା, ରମା—

ରମା—ଆଜ୍ଞା ( ଭିତରେ ଥାଇ )

( ରମାର ପ୍ରବେଶ )

ବାବୁ—ଇରେ ବାବାଜୀଙ୍କ ପାଇଁ ଗୋଟିଏ ସିଧା ସଜାଡ଼ି ଆଣ ।

( ରମାର ପ୍ରସ୍ଥାନ )

ବାବୁ—ମହାରାଜ ! ତମାଖୁ ଖାଉନ୍ତି ( ଚିଲମ ବଢ଼ାଇ ) ନେବା ହେଉନ୍ତୁ, ଗଞ୍ଜା ମୁନ୍ଦ ?

Digitised by srujanika@gmail.com

ବାବାଜୀ—ଆମେ ତ ତମାଖୁ ଖାଉଁ ନା ବାବା ! ଗଞ୍ଜା କଣ ହବ ? ଚିଲମ ରଖନ୍ତୁ ! ଗଞ୍ଜା ଭାଙ୍ଗ ଆଦି ଆମର କିଛି ହୁଏ ନାହିଁ । ଭୋଜନ ନ କଲେ ଜୀବନ ନ ରହିବ ଏଥିପାଇଁ ଭୋଜନ ଆବଶ୍ୟକ । ନିଶା ପାଣିରୁ କି କାର୍ଯ୍ୟ ? ସେଥିରେ ମନ୍ତ ଗନ୍ତ ଠିକ୍ ରହେ ନାହିଁ ।

ବାବୁ—ମନ୍ତ ଗନ୍ତ ଠିକ୍ ରହେନା ? ତେବେ କପର ବୈରାଗୀମାନେ ନିଶା ଖାନ୍ତି ? ଆହୁରି ଗୋଟିଏ ବଚନ ଅଛି "ଯୋଗୀ ଖାଓ୍ୱେ ଯୋଗ ଧ୍ୟାନ ଧରେ ହରିକେ ନାମ ଉଚ୍ଚାରନେକୁ ।"

ବାବାଜୀ—ହଁ, ଏପରି କଥା ଅଛି । କିନ୍ତୁ ତାହା ନିଶାଖୋରଙ୍କ କଥା, ଶାସ୍ତ୍ରର ବଚନ ନୁହେ । ନିଶା ବଡ଼ ମନ୍ଦ, ତାହା ସ୍ପର୍ଶ କରିବାର ନୁହେଁ ।

ବାବୁ—ନା ନା ମହାରାଜ, ନିଶା ଏପରି ମନ୍ଦ ନୁହେ । ସେଥିରେ ଗୁଣ ଦୁର୍ଗୁଣ ଦୁହେଁ ଅଛନ୍ତି । ଅଧିକ ଖାଇବାକୁ ଅବଶ୍ୟ ଦୋଷ । କେବେ କେବେ ଅଳ୍ପ ଖାଇଲେ କିଛି ଦୋଷ ନାହିଁ, ବରଂ ଭଲ ହୁଏ । ମନ ମଗ୍ନ ହୋଇ ରହେ, ଯେତେ ବଡ଼ ଶୋକ ସନ୍ତାପ ଥାଉ ସବୁ ଭୁଲିଯାଏ । ନିଶାରେ ବଡ଼ ମଉଜ ।

ବାବାଜୀ—ହଁ ମଉଜ ତ ହୁଏ, ସେପରି ମଉଜରୁ ଆମର କି ପ୍ରୟୋଜନ ? ନିଶା ପାଇଁ ପଇସା ଲୋଡ଼ା ହେବ । ପଇସା ପାଇଁ ଦ୍ୱାର ଦ୍ୱାର ବୁଲିବାକୁ ପଡ଼ିବ, ସେହି ଚିନ୍ତାରେ ଦିନ ଯିବ । ଭଗବାନଙ୍କୁ ଚିନ୍ତିବୁ କେତେବେଳେ ? ବଡ଼ ଲୋକମାନେ ମଉଜ ଖୋଜନ୍ତି, କିନ୍ତୁ ନିଶାରେ ଆଗେ ମଜା ପଛକୁ ବଡ଼ ବେମଜା । ସାର ମଜା ଈଶ୍ୱର ଚିନ୍ତାରେ ।

Digitised by srujanika@gmail.com

ତେବେ ରୋଗ ପାଇଁ ଔଷଧସ୍ଥିତ ମାଦକ ଦ୍ରବ୍ୟ ବ୍ୟବହାର କରିବାର ତାଦୃଶ ଦୋଷ ହୋଇ ନ ପାରେ ।

( ରାମା ସିଧା ଘେନି ପ୍ରବେଶ )

ବାବୁ—ମହାରାଜ ! ସିଧା ନେବା ହେଉନ୍ତୁ ।

ବାବାଜୀ—ଆଚ୍ଛା ବାବା ଆନନ୍ଦ ହେଉ ମାତ୍ର ଏ ରୋଷେଇର ସାମଗ୍ରୀ ତ ପାକ କରିବାର ଆମକୁ ବଡ଼ କଠିଣ । ଆମ ସଙ୍ଗରେ ଜଣେ ବୈଷ୍ଣବ ଥିଲା । ତାକୁ ଆମେ ଶିକ୍ଷା ଦେଉଥିଲୁଁ ଓ ସେ ଆମର ରୋଷେଇ କରୁଥିଲା । ବର୍ତ୍ତମାନ ସେ ଆମ ସଙ୍ଗରେ ନାହିଁ ।

ବାବୁ—ତାକୁ କାହିଁକି ଛାଡ଼ି ଦେଲେ, ଆପଣଙ୍କୁ ବଡ଼ କଷ୍ଟ ହଉଥିବ ।

ବାବାଜୀ—ନାହିଁ ଆମର କି କଷ୍ଟ ? ନିର୍ବାହ କର୍ତ୍ତା ଭଗବାନ୍ । ମନୁଷ୍ୟର ସଙ୍ଗ ଚିରସ୍ଥାୟୀ ନୁହେଁ, କେବଳ ଧର୍ମହିଁ ଚିରକାଳର ସଙ୍ଗୀ । ଆପଣ ଏ ସିଧାକୁ ରଖନ୍ତୁ । ଠାକୁରଙ୍କ ପ୍ରସାଦ ମୁଠିଏ ହେଲେ ଭୋଜନ କରି ଭଜନ କରିବୁଁ ।

ବାବୁ—ମହାରାଜ ! ପ୍ରସାଦ ସମସ୍ତେ ସେବା କଲେଣି, ଆପଣଙ୍କ ସକାଶ ଆଉ ରୋଷେଇ ହେଲେ ହବ । ( ରାମା ପ୍ରତି ) ଏ ସିଧା ପୂଜାରିକୁ ଦେଇ ରୋଷେଇ କରିବା ପାଇଁ କହି ଦେ ।

ରାମା— ସେ ତ ଶୋଇବାକୁ ଯାଉଛି, ମୁଁ କହିଲା ମାତ୍ରକେ ଚିଡ଼ିବ, ମୋ ଉପରକୁ କାମୁଡ଼ି ହବ ।

ବାବୁ—ଆଚ୍ଛା ରହ, ମୁଁ ତାକୁ ଡାକି କହି ଦେଉଛି । ପୂଜାରୀ ! ପୂଜାରୀ !

Digitised by srujanika@gmail.com

( ଆନନ୍ଦ ପଣ୍ଡା ପଷ୍ଟାଙ୍ଗର ପ୍ରବେଶ )

ବାବୁ—ପୁଷ୍ଟାଙ୍ଗ ! ଏ ସିଧା ନେଇ ଠାକୁର ଆଡ଼େ ରୋଷେଇ କର, ମହାରାଜ ଭୋଜନ କରିବେ, ଚଞ୍ଚଳ କରିବ ।

( ପୁଷ୍ଟାଙ୍ଗ ସିଧା ଘେନି ପ୍ରସ୍ଥାନ )

ବାବୁ—ମହାରାଜ ! ରୋଷେଇ ହଉଁ ହଉଁ କିଞ୍ଚିତ ବିଳମ୍ବ ହେବ, ଏଥି ମଧ୍ୟରେ ଭଜନ କରନ୍ତୁ, ଆମ୍ଭର କର୍ଣ୍ଣ ପବିତ୍ର ହେଉ ।

ବାବାଜୀ—ଆଚ୍ଛା ବାବା !

ଭଜନ—ରାଗ ଝିଁଝିଟି-ତାଳ ଏକତାଲା ।

ଦମାର ଦୀନବନ୍ଧୁ ଦୟାଲ ଅନ୍ୟ ନାହିଁ କେହି ।
ଅଖିଳ ଅନିତ୍ୟ ନାଶଶୀଳ, ଅବିନାଶୀ ସେହି ।
ଜଗତ ପିତା ଜଗତ ମାତା ଭକତ ଭାବଗ୍ରାହୀ ।
କରନ୍ତି ତ୍ରାଣ ପତିତ ପ୍ରାଣ ଭକ୍ତେ ତାଙ୍କୁ ଯେହି ।

ବାବୁ—ଆହା ! ଆପଣ ତ ଉତ୍ତମ ଭଜନ କରନ୍ତି, ବାଜା ହେଲେ ଆହୁରି ଭଲ ହୁଅନ୍ତା । ଆଚ୍ଛା, ଆମେ ଜଣେ ବାବୁଙ୍କୁ ଡକେଇ ଆଣୁଚୁ, ସେ ବଜେଇବେ ଆପଣ ଗାଇବେ । ରାମା ! ପଶୁବାବୁଙ୍କୁ ଡାକି ଆଣ ତ, କହିବୁ ଏହିକ୍ଷଣି ଆସିବେ ।

( ରାମାର ପ୍ରସ୍ଥାନ ଓ ବାବୁ ପଶୁ ଭଟ୍ଟାଚାର୍ଯ୍ୟଙ୍କର ପ୍ରବେଶ )

ବାବୁ—ଆସୁନ୍ ଭଟ୍ଟାଚାର୍ଯ୍ୟ ମହାଶୟ ଆସୁନ୍ । ପ୍ରାତଃ ପ୍ରଣାମ ।
ପଶୁ—ପ୍ରାତଃଜୟସ୍ତୁ । ଦୁପର୍ ବେଲାୟ୍ କୋଚ଼ ଡାକ୍ଲେ କେନ ?

Digitised by srujanika@gmail.com

ବାବୁ—ଏଇ ବାବାଜୀ ବେଶ୍ ଭଜନ କର୍ଛେନ, ଓଁର ଆହାରେର ଯୋଗାଡ଼ ହଚ୍ଛେ । ଏର ମଧ୍ୟେ ଗାନ କରା ଯାକ୍ । ଆପନି ବାଜାବେନ୍, ଉନି ଗାଇବେନ୍ । ଇରେ ରାମା ! ତମାଖୁ ଆଣ, ତବଲା ଦେ । (ରାମା ତମାଖୁ ତବଲା ଦେଲାରୁ)

ବାବୁ—ଆଗେ ତାମାକଟା ଖେୟେନିନ୍ । ପ୍ରତି ରବିବାର ପାଶା ଖେଲ ହୟ, ଏ ରବିବାର ପାଶା ବନ୍ଦ କରେ ଏଇ ଆମୋଦ୍ କରାଯାକ୍ ।

ଯଣ୍ଟୁ—ମଦ୍ ନା ହଲେ କି ଆମୋଦ୍ ହୟ । କାଲ୍ ଆମାଦେର ଖୁବ୍ ହୟେ ଛିଲ, ଆପନି ଛିଲେନ୍ କୋଥାୟ ? ଶନିବାରେର ରାତ୍ଟା ବୃଥାୟ କାଟାଲେନ୍ ।

ବାବୁ—ସମ୍ପୂର୍ଣ୍ଣ ବୃଥା ଯାୟନାଇ, ଅଲ୍ପାଅଲ୍ପି କିଛୁ ହୟେଚେ । ଓ ଶନିବାର କତକ ଗୁଲେ ଜଡ଼ ହୟେ ବଡ଼ ଗୋଲ୍ କରଲେ, ଏତେ ଦୁର୍ନାମ ହୟ । ଚୂପ୍ଚାପ୍ ଯା କରାଯାୟ ତାଇ ଭାଲ । ଏଖନ ହୟ କେମନ କରେ, ଇନି ଯେ ଆଚ୍ଛେନ୍ ।

ମଣ୍ଟୁ—ଥାକ୍ ଓ କି ଜାନେ, ବେଦାନାର ଶରବତ୍

ବାବୁ—ଠିକ୍ ବଲେଚେନ୍ (ବାବାଜୀ ପ୍ରତି) ମହାରାଜ ! ଏ ବାବୁ ଖବରେ ଆସିଛନ୍ତି, ଆଗେ ତାଙ୍କୁ ଟିକଏ ବେଦାନାର ଶରବତ୍ ଦେଉଁ । ରାମା ! (ଆଖିରେ ଠାର) ଶରବତ୍ ବୋତଲ ଓ ଗିଲାସଟା ଦେ । ଦାଣ୍ଡ ଦ୍ୱାର ଲଗେଇ ଦେଇ ଆ ।

Digitised by srujanika@gmail.com

( ରାମା ବୋତଲ ଓ ଗିଲସ ଦେଲାରୁ, ବାବୁ ଗିଲସରେ ସୁରା ଢାଳ )

ବାବୁ—ନନ୍ ଭଟ୍ଟାଚାର୍ଯ୍ୟ ମହାଶୟ, ଶରବତ୍ ଖାନ୍ । ଆର ଦୁ ଡୋଜ
ଲାଗାତେ ହବେ ।

ଯଶୁ—(ପାନ କରି) ଅଭିନୟ କାଲ୍‌କେର ଯେ ଏଖନୋ ବାକୀ
ଆଛେ । ଆର ଖେଲେ ବାଜାତେ ପାରବ୍ ନା ।

ବାବୁ—ତବେ ବୋତଲଟା କି ଆମି ଏକାକୀ ନିକେଶ କରବ୍ ?
ଆଗ୍ରା (ପେଟରେ ହାତ ମାରି) ଆମାର ପେଟ୍‌ଟା ଫେଁପେଁଛେ,
କି କରି ବଲୁନ୍ ଦେଖି ।

ଯଶୁ— ଏଇ ଶରବତ ବେଶ୍ କରେ ଖାନ୍, ଏଖନ ଭାଲ ହୟେ
ଯାବେ ।

ବାବୁ—କେମନ୍ ! ଏତେ ଭାଲ ହୟେ ଯାବେ ? ତବେ ଖାଇ ।
(ବାବୁଙ୍କର ପୁନଃ ପୁନଃ ସୁରାପାନ) ।

ଯଶୁ—(ତବଲା ନେଇ) ମହାରାଜ ! ଭଜନ କରୁଏ ।

ଭଜନ—ରାଗିଣୀ (ଜଙ୍ଗଲା ତାଲ ଠୁମରି)

ପତିତ ପାବନ ସତେ କି ଦର୍ଶନ କରିବ ଏ ପାପୀ ପାଦ ତୁମ୍ଭରି ।
ସେହି ଯେ ଚରଣ ଅମୃତ ପୂରଣ କୋଟି କୋଟି ପାପ ସନ୍ତାପହାରୀ ।
ମୋହରେ ଜଡ଼ିତ ହୋଇଛି ମୋ ଚିତ୍ତ ଜଟିଲ କୁଟିଳ ଘୋର ସଂସାରୀ ।
ଉପାୟ ନାହିଁ ତ ତୁମରି ବ୍ୟତୀତ ରଖ ହେ ଅଧମ ଉପକାର କାରୀ ।
ଯେ ଇଚ୍ଛା ସେ ଦଣ୍ଡ ଦେଇ ପାପ ଖଣ୍ଡ କର ମୋତେ ତବ ସେବନକାରୀ ।
କରିଣ କରୁଣା ଏହିକି କାମନା ପୂର୍ଣ୍ଣ କର ଶୁଣ ମୋର ଗୁହାରି ।

Digitised by srujanika@gmail.com

( ବାବୁଙ୍କର ଉନ୍ମତ୍ତ ଭଙ୍ଗୀ ଓ ନୃତ୍ୟ ).

ଯଣ୍ଡୁ—ଏକ୍‌ଟୁ ଭାଲ କରେ ନାଚୁନ ନା ଆମି ଗତ୍ ବାଜାଇ ।

ବାବୁ—ହଁ । ବାବା ନାଚୁଚି, ରସ୍ ବାବା, ବାଇ ସେଜେନ ।

( ବାବୁ ବାଇବେଶ ହୋଇ ନୃତ୍ୟ ଓ ଚିତ୍କାର କରି ଭୂମିଗତ )

ବାବାଜୀ—(ସ୍ୱଗତ) ମୁହଁର କଥା ମୁହଁରେ ଅଛି । ଦେଖୁ ଦେଖୁ କଣ ହେଲା ! କି ଦୁଃଖର ବିଷୟ, ଏପରି ବ୍ୟକ୍ତିର ଏପରି ଆଚରଣ !

ଯଣ୍ଡୁ—ମହାରାଜ ! ବାବୁ ଘୁମାଗୟା । ହାମ ଯାତେ ହେଁ, ଆପ ଭୋଜନକୁ ଯାଓ । ପୂଜେରୀକୁ ବୋଲ୍ ଦେତେହେଁ । ପୂଜେରୀ, ପୂଜେରୀ !

( ଆନନ୍ଦ ପଣ୍ଡାର ପ୍ରବେଶ )

ଯଣ୍ଡୁ—ପୂଝାରୀ ! ମୁଁ ଯାଚ, ତୁ ବାବାଜୀଙ୍କୁ ଖାଓ୍ୟାଇବୁ । ରାମା ! ବାବୁକୁ ଜାଗିଥିବୁ ।

ପୂଝାରୀ—ଆସ ମହାରାଜ, ଠାକୁର ପିଣ୍ଡାକୁ ଆସ ।

(ପ୍ରସ୍ଥାନ)

———

Digitised by srujanika@gmail.com

# ଦ୍ୱିତୀୟ ଅଙ୍କ

ରଙ୍ଗଭୂମି—ବାବୁଙ୍କ ଠାକୁର ପିଣ୍ଡା

ମୂର୍ଖାଣ୍ଡ—ମହାରାଜ ! ଏହିଠାରେ (ପିଣ୍ଡାର ଏକପାର୍ଶ୍ୱରେ) ବସ । ( ଏହା କହି ଅଗ୍ରସର )

( ଦାମା ପିଣ୍ଡାର ଅନ୍ୟ ପାର୍ଶ୍ୱରେ ପ୍ରବେଶ )

ମୂର୍ଖାଣ୍ଡ—ଦାମା ! ଏ ବାବାଜିଙ୍କୁ କୁଆଡ଼େ ତାଙ୍କ ରୋଷେଇ କରି ଖୋଇବ । ଆମ ବାବୁ ଯେ, ଯିଏ ଯାହା ମାଗିଲ କହିବ "ଦେ" । ଆମ ଦରମାହା ଦେଲା ବେଳକୁ ଖଟଖଟ, ପାଉନାବାଲ କୋଡ଼ିଏ ଥର ଦଉଡ଼ିଲେ ପାଇବାର ମୁସ୍କିଲ, ବାବାଜୀ ବେଳକୁ ଦାତା ଶେଷ ଓ ବଡ଼ଲୋକରେ ବାକି ନାହିଁ; ଭଲ ଏ କୋଉ ଖିଆ ? ଯେ ଟେକିଟାକି କହିଲ ସେ ନେ ଗୁଲଗଲ, ଆମେ ଜଳକାଙ୍କ ପରି ବସିଥିବୁଁ ! ସେ କଥା ଯା ହେଉ ଏଉଟା ଏତେବେଳକୁ କୁଆଡ଼ୁ ଆସିଲ ? ଓଳିକପାକ ଖଟି ଖଟି ଶୋଇଥିଲି, ଏଉଟା ଆସି କଣ୍ଟକ ହେଲା । ରହ ତାକୁ ହିନସ୍ତା କରି ମାରୁଚ ।

ଦାମା—ଶୁଣିଲୁ "ସ୍ୱର୍ଗକୁ ନଶୁଣି ନାହିଁ । ବଡ଼ ଲୋକକୁ ଉତ୍ତର ନାହିଁ" ସେମାନଙ୍କୁ ସବୁ ସାଜେ । ତୁ ଯେବେ ବାବାଜୀ ପାଇଁ ସିଧା ଆଣି ତାକୁ ଖାଇବାକୁ ନ ଦେବୁ, ବାବୁ ଶୁଣିଲେ ତୋର କି ଦଶା ହେବ, ଆଜି ତୋ କପାଳରେ ଗାଳି ଗୁଡ଼ାଏ ଅଛି ।

Digitised by srujanika@gmail.com

ମୂର୍ଖାଗ୍ର—ବାବୁ ଆଉ ନାହାନ୍ତି ସେ ଧନ ! ମଦରେ ମରକ୍କ ଶୋଇଲେଣି, ଆଉ ଡର କୌକଥାକୁ ?

ଦାମା—ବୁଝିଲୁ , ବୈଷ୍ଣବ ଆହାରମୁଖା ହୋଇ ଆସିଚ, ଖାଇବାକୁ ନ ଦେଲେ ତାହାର କୋହ ତୋ ଉପରେ ପଡ଼ିଯିବ ।

ମୂର୍ଖାଗ୍ର—ଉଁଃ, ଏପରି କେତେ ବାବାଜୀ ଦେଖିଚ । କେତେ ଜଣକୁ ସ୍ନାନସ୍ଥା କରିଚ । ବ୍ରାହ୍ମଣ ଉପରେ କୁଆଡ଼େ ବଷ୍ଟମର କୋହ ପଡ଼ିବ ! ସେ ଯେମନ୍ତେ ମୋ ମଦ ଭଙ୍ଗେଇଲା ସେମନ୍ତେ ମୋ କୋହ ତା ଉପରେ ନ ପଡ଼ିବ କି ? ଆଚ୍ଛା ରହ, ମୁଁ ଆଗେ ଟିକଏ ରଙ୍ଗ କରେଁ ।

ଦାମା—ହଉ ବାବୁ, ତୋ ମନକୁ ଯା ଆସେ ତା କର, ତୋତେ କିଏ ପାରିବ ? ବାବୁଙ୍କୁ ତ ପାଠ ପଢ଼େଇ ଦେଉ, ଆମେ କି ଛାର !

ମୂର୍ଖାଗ୍ର—ମହାରାଜ ! ଅନ୍ନ ଅଛି, ତିଅଣ ନାହିଁ । କଣ ଦେଇ ଖାଇବ, ଶୁକୁଆ ହବ ?

ବାବାଜୀ—ହଉ ବାବା, ଶୁଖା ରୁଖା ଯାହା ଅଛି ଦାଇଦେବା ।

ମୂର୍ଖାଗ୍ର—ଶୁଖା ରୁଖା କିଛି ନାହିଁ ଯେ-ଶୁକୁଆ ।

ବାବାଜୀ—ଶୁକୁଆ କଣ ବାବା, ଆମେ ତ କେବେ ଖାଇ ନାହୁଁ ।

ମୂର୍ଖାଗ୍ର—ଶୁକୁଆ ଜାଣ ନା, ଆଉ ତେବେ କଣ ଜାଣ ? ମାଛର ଶୁକୁଆ ହୁଏ, ସମସ୍ତେ ଖାନ୍ତି । ଏବଂ ଅନେକ ବ୍ରାହ୍ମଣ ବଷ୍ଟମ ସୁଦ୍ଧା ଲୁଚେଇ ଗ୍ରେରେଇ ଦାଇ ଦେଉଛନ୍ତି ।

ବାବାଜୀ—ଆରେ ! ବୈଷ୍ଣବ ମାଛ ଶୁଖୁଆ ଖାନ୍ତି ? ଏତକ ଜାଣୁ ନା !

Digitised by srujanika@gmail.com

ପୂଝାରୀ—ଆଜ କଣ ସାଗୁଆଡ ଖାଇବ ?
ବାବାଜୀ—ହଁ ତା ହବ, ସେଇ ହେଲେ ଆମର ତେର୍ ।
ପୂଝାରୀ—(ଦାମା ପ୍ରତି) ମଲ ! ଏକଣ କହୁଚ, ମାଛ ଖାଏ ନା ସାଗୁଆଡ ଖାଏ ।
ଦାମା—ବୁଝି ପାରଲ ନାହିଁ ପରା !
ପୂଝାରୀ—ନ ବୁଝିଲ ନାହିଁ ଭଲ ହେଲ, ଦୋଷ ତାର ମୁଣ୍ଡରେ ରହିଲ ।

( ବାବାଜୀ ଆଗରେ ପୂଝାରୀ ପତ୍ର ପକାଇ ଦାମା ସହିତ ପ୍ରସ୍ଥାନ )

ବାବାଜୀ—ପୂଝାରି ବାବା ! ପତ୍ର ଦେଇ ଏତେବେଳ ଯାଏ କୁଆଡ଼େ ରହିଲ ? ଯେବେ କିଛୁ ନାହିଁ ତେବେ କହିଦଅ ଆମେ ଗୃଲିଯିବା ।

( ପୂଝାରୀ ଗୋଟିଏ ହାଣ୍ଡିରେ ପଲମ ଘୋଡ଼ାଇ ପ୍ରବେଶ )

ପୂଝାରୀ—ହେଇ ମହାରାଜ ! ଆଣିଲ (ହାଣ୍ଡି ପତ୍ର ପାଖରେ ରଖି) ମହାରାଜ ! ଏଥିରେ ଉତ୍ତମ ପ୍ରସାଦ ଅଛନ୍ତି, ଆପଣ ସ୍ୱହସ୍ତେ ପରଶି ସେବା କରନ୍ତୁ ।

ବାବାଜୀ—ଆଚ୍ଛା ବାବା ( ପଲମ କାଢ଼ନ୍ତେ ଗୋଟିଏ କୁକୁଡ଼ା ବାହାରିଲ, ବାବାଜୀ ଚମକ ଉଠି ) ଇଏ କଣରେ ବାବା !

ପୂଝାରୀ—ମହାରାଜ, ଆପଣ ସାଗୁଆଡ ସ୍ୱୀକାର କରିବାରୁ ମୁଁ କୁକୁଡ଼ାଟିଏ ଗୋଟା ପଣେ ରୋଷ୍ଟ (କବାବ) କରି ଆଣିଥିଲି, ସେହିପରି ବାବୁ କେବେ କେବେ ଖାଆନ୍ତି । ସେତ ଆପଣଙ୍କ ହାତ ଲଗିଲ ମାତ୍ରକେ ପ୍ରାଣପାଇ ବଞ୍ଚି ଉଠିଲ, ମୋର କ ଦୋଷ ? ମହାରାଜ, ଆପଣଙ୍କର

Digitised by srujanika@gmail.com

ଅପାର ମହିମା ! କୁକୁଡ଼ାକୁ ମାରି ରାନ୍ଧିଥିଲି, ସେ ପୁଣି ଜୀଇ ଉଠିଲା ! ଓହୋ ! ଏପରି ତ କେବେ ଦେଖି ନ ଥିଲି !

( ରଘୁ ସିଂହର ପ୍ରବେଶ )

ବାବାଜୀ—ଆରେ ତୁ ସାଗ ଭଅଣ କହି ଜୀଅନ୍ତା କୁକୁଡ଼ାଟାଏ ଆଣିଦେଲୁ ପୁଣି ମିଥ୍ୟାକଥା ଗୁଡ଼ାଏ କହୁଚୁ , ଆହୁରି ଠାଟ୍ଟା କରୁଚୁ ! କ୍ଷୁଧାର୍ତ୍ତକୁ ସନ୍ତେଇଲୁ ? ଆରେ ତୁତ ବଡ଼ ଅଜ୍ଞାନ !

ରଘୁ— ସତେ ପୃଥ୍ୱୀଶ, ତୁମେ କଣ କଲ, ଏହା କି ମଣିଷ କରେ ! କ୍ଷୁଧାର୍ତ୍ତ ସାଧୁକୁ ସନ୍ତେଇଲ ! ଓହୋ ଏଡ଼େ ଅଜ୍ଞାନ ! ତୁମେ ବ୍ରାହ୍ମଣଟିକି ? ତୁଣ୍ଡ ପଇତା ପକେଇ ବ୍ରାହ୍ମଣ, ନା ଧର୍ମ କର୍ମରେ ବ୍ରାହ୍ମଣ ? କଳିକାଳର ବ୍ରାହ୍ମଣଗୁଡ଼ାକ କଣ ହେଲେଣି ! ଧର୍ମ କର୍ମକୁ ମହତ ମର୍ଯ୍ୟାଦାକୁ ଟିକିଏ ଦୃଷ୍ଟି ନାହିଁ, ଗାଳି ମାଡ଼ ଖାଇ ବାରଦୁଆରେ ପଡ଼ର ପକେଇଲେଣି, ବାର ଅମାଡ଼ କଲେଣି ! ଠାକୁର ପିଣ୍ଡାକୁ କେଉଁଠୁ କୁକୁଡ଼ାଟାଏ ଆଣିଲ ? ତୁମର ଜାତି ରହିଲାଟିକି ? ଏଥିରେ ଆଉ ଦେବତା ରହିବେଟିକି ?

ପୃଥ୍ୱୀଶ—ବାବୁ ଯେ କୁକୁଡ଼ା ପାଇ ଦଅନ୍ତି, ମୁଁ ଛୁଇଁଲି ବୋଲି ଦୋଷ ହେଲା ? କୁକୁଡ଼ା ଯେ ରାନ୍ଧିବାକୁ ପଡ଼େ !

ରଘୁ— (କୁପିତ ହୋଇ) କଣ କହିଲୁ ଫେର ତ କହ, ବାବୁ କୁକୁଡ଼ା ଖାନ୍ତି ? ମୁଁ କଣ ବାବୁଙ୍କୁ ଜାଣେ ନା ? ତାଙ୍କର ପୂଜାପାଠ ଦାନ ଧ୍ୟାନ କେତେ, ବ୍ରାହ୍ମଣ ବୈଷ୍ଣବ ସମସ୍ତେ ତାଙ୍କର ପ୍ରଶଂସା କରନ୍ତି, ତୁ ତାଙ୍କୁ ନିନ୍ଦୁଚୁ ? ସେ କଣ ଇଂରେଜୀ ପଢ଼ା ବାବୁ କି ? ଏବେ ତ ସେମାନଙ୍କ ମଧ୍ୟରେ

Digitised by srujanika@gmail.com

ପୁଣି କଲିକତାରେ କେତେ ମଦ ମାଉଁସ ଖାଉ ନାହାନ୍ତି, ସେଇ ଜ୍ଞାନୀ ଓ ଧର୍ମ୍ମୀ ହୋଇ ବାହାରିଚନ୍ତି । ଏପରି କେବେ ଦେଖା ନ ଥିଲା, ତୋର ପରି ମୂର୍ଖ ଅଜ୍ଞାନୀ ପରା । ବାବୁଙ୍କର କେଉଁ ଗୁଣକୁ ତୁ ସରି କହିଲୁ , ସେ ଗୋଟାଏ ଅଧେ ଉଣା କଥା କଲେ ବୋଲି ତୁ ସେଇଥି କରିବୁ ? ଦେଖ ମହାରାଜ ! ଆପଣଙ୍କୁ ଏତେ ସନ୍ତୋଷିଲି ପୁଣି ବାବୁଙ୍କର ନିନ୍ଦା କରୁଚି, ଚାଲନ୍ତୁ ବାବୁଙ୍କୁ ଜଣେଇବା ।

ବାବାଜୀ—ନାହିଁ ବାବା, ବାବୁଙ୍କୁ ଜଣେଇବା ନାହିଁ । ବାବୁ ଶୁଣିଲେ ରାଗ ହୋଇ ତାକୁ ଦଣ୍ଡିବେ । ବାବୁ ବାହାର କରିଦେବେ, ଗରିବ ବଚରା ମରା ପଡ଼ିବ । ସେମାନେ ମୂର୍ଖ, ମୁନିବର କିଛି ଦୋଷ ଦେଖିଲେ ତାହା ଲୁଚେଇବା ଦୂରେ ଥାଉ ବଜାରରେ ବକନ୍ତି ଓ ନିନ୍ଦା କରି ବୁଲନ୍ତି । ଆମେ ତାକୁ ବୁଝେଇ କହିଦେବା; ସେ ଏପରି ଦୁଷ୍କର୍ମ୍ମ ଆଉ କରିବ ନାହିଁ । ବାବୁଙ୍କୁ ଜଣେଇଲେ କଣ ହବ ? ବୁଝିଲି ପୂଝାରୀ ବାବା ! କ୍ଷୁଧାର୍ତ୍ତିକୁ ସନ୍ତୋଷିବା, ମୁନିବର ନିନ୍ଦା କରିବା ଓ ମିଥ୍ୟା କହିବା ବଡ଼ ଦୋଷ ଏବଂ ପାପ ଅଟେ । ଏଥିପାଇଁ ପରକାଳରେ ଦଣ୍ଡ ଭୋଗିବ । ଏପରି କୁକର୍ମ ଆଉ କେବେ କରିବ ନାହିଁ । ବଡ଼ୁ ହବା ବେଳେ "ମିଥ୍ୟା ଭାଷଣଂ ନ କର୍ତ୍ତବ୍ୟଂ" ଯେ ପ୍ରତିଜ୍ଞା କରିଥିଲ ତହିଁକି ଦୃଷ୍ଟି ରଖ । ସେତେବେଳର ଦଶ ପ୍ରତିଜ୍ଞା ନ ପାଳିଲେ ପ୍ରକୃତ ବ୍ରାହ୍ମଣ ହୋଇ ନ ପାରିବ ।

ରଘୁ— (ଅଶ୍ରୁପୂର୍ଣ୍ଣ ଲୋଚନେ) ଆହା ! କେଡ଼େ ଦୟାଳୁ କେଡ଼େ ବୋଧା ! ପୂଝାରୀ ! ତୁ କି ପୁରୁଷ ସଙ୍ଗରେ କି ବ୍ୟବହାର

Digitised by srujanika@gmail.com

କଲୁ ଟରେ ! ତୋର ଶରୀର ଫାଟିଯିବରେ ! (ବାବାଜୀ ପ୍ରତି) ମହାରାଜ ! ମୋ ବସାରେ ଚରଣ ପଡ଼ିଲେ ପାକଶାକର ଉଦ୍‌ଯୋଗ କରି ଦଅନ୍ତୁ ।

ବାବାଜୀ—ନାହିଁ ବାବା ! ପାକ କରିବା ତ ଆମକୁ ପର୍ବତ ପ୍ରାୟ ! ମଠକୁ ଯାଉଚେଇଁ ସେହିଠାରେ ମୁଠିଏ ପ୍ରସାଦ ପାଇବା । ତୁମେ ମନରେ କିଛି ଦୁଃଖ ନ କର । ଆନନ୍ଦ ରହ ବାବା ! ପୂଝାରୀ ବାବା ! ଦୁଃଖ ନ କର ଆମ. କଥାକୁ ଗୁରୁବଚନ ତୁଲ୍ୟ ମାନିବ । ଆଚ୍ଛା, ଯାଉଚେଇଁ । ମଙ୍ଗଳ ହେଉ ।

( ବାବାଜୀଙ୍କର ପ୍ରସ୍ଥାନ )

ଚନ୍ଦ୍ର— ଦେଖିଲ ପୂଝାରୀ ! ରାଗ ଅହଙ୍କାର ଟିକିଏ ନାହିଁ । ତୁମକୁ ପୁଣି କଲ୍ୟାଣ କରିଗଲେ ।

ପୂଝାରୀ—ହଁ ହଁ ଅତି ଉତ୍ତମ ସାଧୁ , ଦେବତା ସମାନ ତ ! ତାଙ୍କୁ ଯା ମୁଁ ସନ୍ଦେହଇଲି ! ସେ ପଥର ଉପରୁ ଉଠିଗଲେ, ବଡ଼ ଦୁଷ୍କର୍ମ କଲି । ମତେ କି କୁବୁଦ୍ଧି ଘଟିଲା ! ଏତେବେଳେ ମନ ବଡ଼ ବିକଳ ହଉଚି, ମୁଁ ଚଣ୍ଡାଳ କଣ କଲି, ମୋର ତ ଭଲ ଦଶା ନାହିଁ ! (ସ୍ୱହସ୍ତେ ଚପୋଟାଘାତ ଓ ଅଶ୍ରୁପାତ) ।

---

Digitised by srujanika@gmail.com

# ତୃତୀୟ ଅଙ୍କ

ରଙ୍ଗ ଭୂମି--କପିଳ ମଠର ଦାଣ୍ଡ ଘର

( ବାବାଜୀର ପ୍ରବେଶ )

ବାବାଜୀ—ମଠରେ କେହି ଅଛ ବାବା !

( ବୀର ସିଂହର ପ୍ରବେଶ )

ବୀର— କଣ ମହାରାଜ ! ଦଣ୍ଡବତ ।

ବାବାଜୀ—ମଙ୍ଗଳ ହେଉ, ବାବା ଭୋଜନ ମାଗୁଚେଇଁ ।

ବୀର—ମହନ୍ତ ମହାରାଜ ପଲଙ୍କ ଲାଗି ହୋଇଛନ୍ତି, ଏତେବେଳେ ତାଙ୍କ ରୁମ୍‌କୁ ଯାଇ ପାରିବ ନାହିଁ, ଅଧିକାରୀ ଆସୁଚନ୍ତି, ତାଙ୍କୁ ଭୋଜନ ମାଗିବ । ମହାରାଜ ! ମୁଁ ତ ମହନ୍ତଙ୍କ ଆଶା-ବରଦାର, ମୋ ଦେହି କଣ ହବ ?

( ଅଧିକାରୀଙ୍କର ପ୍ରବେଶ, ଝୋଲ ହାତରେ ନାମାବଳୀ ଦେହରେ, ତିଳକ ଛାପା ମସ୍ତକରେ )

ଅଧିକାରୀ—ଗୌରାଙ୍ଗ ହେ, ଗୌରାଙ୍ଗ ହେ ।

ବାବାଜୀ—ଜୟ ଜୟକାର ଅଧିକାରି ବାବା ! କ୍ଷୁଧାର୍ତ୍ତ ଅଭ୍ୟାଗତର କିଛି ଚର୍ଚ୍ଚା ହେବ ?

ଅଧିକାରୀ—( ମାଳଶୀର ଆଗମନ ଦେଖି ) ମହାରାଜ ! ଦ୍ୱାରେ ବସ, ଭିତରକୁ କପରି ଆସିଲ ?

ବାବାଜୀ--ଆଚ୍ଛା ବାବା ( ଦ୍ୱାରେ ବସିଲେ )

( ମାଳଶୀର ପ୍ରବେଶ )

ଅଧିକାରୀ---ଆଜ ଏତେ ଡେରି ଡେରି କାହିଁକ ?

Digitised by srujanika@gmail.com

ମାଳତୀ—ନା, ମୁଁ କେତେବେଳୁ ଆସିଲିଣି ।

ଅଧିକାରୀ—କାହିଁ ମୁଁ ତ ତୋତେ ଦେଖି ନାହିଁ, କୋଠି ଥିଲୁ ?

ମାଳତୀ—(ହସି ହସି) ମହନ୍ତଙ୍କ ପାଖରେ ଥିଲି ପରା, ଗୋଡ ଘଷି ଦଉଥିଲି । ହେଇତ, ଏ ଶାଢ଼ୀ ଆଜ ମହନ୍ତ ଦେଲେ (ଶାଢ଼ୀ ଅଞ୍ଚଳରୁ ବାହାର କରି) ଆଜ୍ଞା ଶାଢ଼ୀ, ସାଢଠଙ୍କାରୁ କଣା ହୋଇଚି ।

ଅଧିକାରୀ—ଆଜ୍ଞା, ବେଶ୍ ଖୁସିର କଥା । ନୂଆ ଶାଢ଼ୀ ନ ପିନ୍ଧି ନୁଚେଇଚୁ କାହିଁକି ? ତୁ କଣ ଚୋରୁଣୀ କି ?

ମାଳତୀ—ନାହିଁ ମ, ଆଜ ବାର ନୁହେଁ ପରା ! ପିନ୍ଧିବା ପାଇଁ ମହନ୍ତ କହୁ ନ ଥିଲେ କି ? ବାର ନ ଥିବାରୁ ପିନ୍ଧିଲି ନାହିଁ, ଗୁରୁବାର ଦିନ ପିନ୍ଧି ଆସିବି ।

ଅଧିକାରୀ—ହଉ ତେବେ, ଟେକେଇ ଘର ଆଡ଼କୁ ଆ, ପ୍ରସାଦ ପାଇବୁ ।

ମାଳତୀ—ମୁଁ ଘରକୁ ଯାଉଚି, ଶାଢ଼ୀ ଘରେ ରଖି ଆସେଁ ।

ଅଧିକାରୀ—ମ, ତୋ ଶାଢ଼ୀ କିଏ ଛଡ଼େଇ ନଉଚି କି ? ପ୍ରସାଦ ଶୁଖିଯିବେ, ଆଗେ ପ୍ରସାଦ ପାଇବୁ ଆ, ପଛେ ଘରକୁ ଯିବୁ, ଏକା ନଷ୍ଟକେ କାମ ସାରିକରି ଯା ।

ମାଳତୀ—ତେବେ ପ୍ରସାଦ ଦିଅ ଘରକୁ ନେଇଯିବି । ମୁଁ ଅଲକା ଖାଇବି ନାହିଁ ।

ଅଧିକାରୀ—କାହିଁକି କହନି ? ମୋ ରାଣଟି ସତ କହିବୁ ?

ମାଳତୀ—(ହେଟ ବଦନେ) ଆଜ ମୁଁ ଗୋଟିଏ ଦୋଟି ପିଠା ଖାଇ ଆସିଚି, ପ୍ରସାଦ ପଚଛ ପାଇବି ।

ଅଧିକାରୀ—ଏହି ସିନା ! ଆ ଅଳ୍ପ ମୁଠିଏ ଖାଇବୁ ଆଉ ମୁଠିଏ ତୋ ମା ପାଇଁ ନେଇଯିବୁ । ଆ ଆ ମୋ ରାଣ ।

Digitised by srujanika@gmail.com

ମାଳତୀ—ଗୁରୁ ଯାଉଛ, ଏତେ ରାଗ କାହିଁକି ହେଉଛ ?

ଅଧିକାରୀ—(ବୀର ପ୍ରତି) ଆମେ ଯାଉଁ, ତୁ ବାବାଜିକୁ କହିଦେବୁ ପଙ୍ଗତ ବଢ଼ିଲାଣି, ଆଉ କିଛି ମିଳିବ ନାହିଁ । (ଅଧିକାରୀ "ଗୌରଙ୍ଗ ହେ" ପୁନଃ ପୁନ ଉଚ୍ଚାରି ମାଳତୀ ସହିତ ପ୍ରସ୍ଥାନ)

ବୀର— (ସ୍ୱଗତଃ) ଓହୋ, ଧର୍ମ ଉଠିଗଲା !

( ରାମ ଦାସର ପ୍ରବେଶ ଗଞ୍ଜା ଖାଇ ଖାଇ )

ବାବାଜୀ— (ରାମ ପ୍ରତି) ମହାରାଜ ! ଅଧିକାରୀ ତ କିଛି ଉତ୍ତର ନ ଦେଇ ଚାଲି ଗଲେ, ଆମ କଥା କିଛି ହବ ?

ରାମ— (ଗଞ୍ଜା ଚିଲମ ବଢ଼ାଇ) ନିଅ ମହାରାଜ !

ବାବାଜୀ—ଆମର ତା ହୁଏନା, ସେ ସବୁର ଆମେ କିଛି ଧାରୁ ନା ।

ରାମ— ଏସବୁ କିଛି ହୁଏ ନା ! ଆଉ ତେବେ କଣ ହୁଏ ? ଆଉ ତୁମେ କି ସାଧୁ ! (ବୀର ସିଂହ ନିକଟକୁ ଆସି) ଏ ବାବାଜୀ କିଛି ନୁହେଁ । ତୋର ପରି ଉଲ୍ଲୁ ଜଣେ ।

ବୀର— ହଉ ଆମର ତା ସମ୍ମତ । ତୁମେ ଏ ବାବାଜୀ ପାଇଁ ମୁଠିଏ ପ୍ରସାଦର ଉଦ୍‌ଯୋଗ କରିଦିଅ । ଅଧିକାରୀ ମନା କଲେ, ତୁମେ ଭଲା ଦୟାକର । ଉଲ୍ଲୁ ବ୍ୟକ୍ତି ଦୟାର ପାତ୍ର, ଘୃଣାର ପାତ୍ର ନୁହେଁ ।

ରାମ— ସତ୍ୟ, କିନ୍ତୁ ଚାରି ପାଞ୍ଚଜଣ ବାଉରାଣୀ କଂସା ନେଇ ଆସି ବଗିଚାରେ ବସିଲେଣି, ସେଠାକୁ ହରି ଗୋବିନ୍ଦ ଦାସ ହେରିକା ଗଲେଣି । ସେମାନଙ୍କୁ ପ୍ରସାଦ ଦେଲା ଉତ୍ତାରେ କିଛି ବଳିଲେ ବାବାଜୀଙ୍କୁ ଆଣି ଦେବ । ସେମାନେ ମଠର

Digitised by srujanika@gmail.com

ଆଶ୍ରିତ ଓ ସବୁ କାମରେ ହାଜର । ସେମାନଙ୍କ ପର ମନ ଯୋଗେଇ କେହି ଖଟିବ ନାହିଁ, ସେମାନଙ୍କୁ ଆଗେ ନ ଦେଇ ଫାଲତୁ ବାବାଜୀଙ୍କୁ କିଏ ଦବ ? ମୁଁ ଦୟା କଲେ କଣ ହବ ମୋ କଥା ତ କେହି ଶୁଣିବେ ନାହିଁ । ତୁ କିଛି ନ ଜାଣିଲା ପରି ଯେ କହୁଚୁ ।

( ରାମ ଦାସର ପ୍ରସ୍ଥାନ )

ବାବାଜୀ—ଆଶାଦାର ବାବା ! କିଛି ଆଶା ଅଛି ନା ନିରାଶ ହୋଇ ଯିବା ।

ବୀର—ବସନ୍ତୁ ମହାରାଜ ! ମୁଁ ଆପଣଙ୍କ ପାଇଁ ଉଦ୍ୟମ କରୁଛି ।

( ଜାମୁନା ବଷ୍ଟମାଣୀର ପ୍ରବେଶ—ଝୋଳି ହାତରେ )

ଜାମୁନା—ରାଧେ ରାଧେ ! ସିଂହେ, ଅଧିକାରୀ କାହାନ୍ତି ?

ବୀର—ଅଧିକାରୀ ଭେଷ ଘର ଆଡ଼େ ଅଛନ୍ତି ।

ଜାମୁନା—ଆଜି କଣ ହେଲା କି ମୋ ପ୍ରସାଦ ଏତେବେଳଯାଏ ପଠେଇ ଦେଲେ ନାହିଁ ? ଏ ବାବାଜଟା ଖାଇଲା କି ?

ବୀର—ନା ତୋ ପ୍ରସାଦ ଅଛି । ବାବାଜୀଙ୍କୁ କିଏ ପଚାରୁଚି ?

ଜାମୁନା—ଛିଆ କର ! ଏଇଟାକୁ ବସି ପଚାରିବ ! ଶୁଖିଲା ମୁହଁଟାଏ, ପ୍ରେମ ଭାବ କିଛି ନାହିଁ ।

ବୀର—ହିଁ, ଝୋଳି ନାହିଁ ପ୍ରେମ କାହୁଁ ଜାଣିବ ?

ଜାମୁନା—(ହସି ହସି) ଦୂର ! ତୋର ସବୁ ବେଳେ ଏଇ କଥା ନ ଯାଏ । ତୋ ମୁହଁରେ ଯେବେ ପୋକ ନ ପଡ଼ିବ ।

ବୀର—କି ପୋକ, ଝୋଳିର ପ୍ରେମ ପୋକ ?

ଜାମୁନା—କଣ ପାପ କଥା ଗୁଡ଼ାକ କହୁ ! କୃଷ୍ଣ କୃଷ୍ଣ କୃଷ୍ଣ ।

Digitised by srujanika@gmail.com

ବୀର—"ହାଣ୍ଡିରେ ଖାଏ, ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ" ।

ଜାମୁମା—(ହସି ହସି) ଏବେ କେତେ ରଙ୍ଗରେ କଥା କହି ଆସିଲାଣି !
ହଉ ହଉ, ଆଖଉ ଆଖଉ ପାଖେଇବୁ ଯେ ।

ବୀର—ମୋଠି ସେ ପାଠ ନାହିଁ, ଯା ଯା, ଅଧିକାଂଶ ପାଖକୁ ଯା,
ପ୍ରସାଦ ପାଇବୁ । ( ଜାମୁମା ବିରସ ବଦନେ ଗୁଧେ ଗୁଧେ
ଉଚ୍ଛାର ଶ୍ରେଷ ଘରକୁ ଗମନ )

ବାବାଜୀ—ଆଶାଦାର ବାବା ! ଆଉ କେତେ ବିଳମ୍ବ ? ·

ବୀର—ଟିକଏ ରୁହ ମହାରାଜ ! ମୁଁ ଯାଇଁ ମହନ୍ତ ମହାରାଜଙ୍କୁ
ଜଣାଏଁ ।

( ବୀର ସିଂହର ପ୍ରସ୍ଥାନ । ମହନ୍ତ ଖୋଲି ଦେଇ ବୀର ସହିତ ପ୍ରବେଶ )

ମହନ୍ତ—(ବୀର ପ୍ରତି) ବାବାଜୀଠାଏ ! ତୁ କିପରି କହିଲୁ ଜଣେ ଉତ୍ତମ
ବଷ୍ଟମାଣୀ ଖାଇବାକୁ ମାଗୁଛି ?

ବୀର—ନାହିଁ ମହାରାଜ ! ବଷ୍ଟମାଣୀ କହି ନାହିଁ । ମୁଁ ଜଣାଇଲି ଜଣେ
ଉତ୍ତମ ବଷ୍ଟମ ଆସି ଖାଇବାକୁ ମାଗୁଛି ।

ମହନ୍ତ—ଆମକୁ ବଷ୍ଟମାଣୀ ପରି ଶୁଭିଲା । ବୀର, ତୁ ଆମକୁ ଝୁଟ୍କୁ
ଦଉଡେଇଲୁ ? ହର୍ଷ ବିଷାଦ କରିଦେଲୁ ? ଆଣ ଭଲ କରି
ଚିଲମେ ଗଞ୍ଜା ସାଜ୍ । ଗୁଲାବ ପାଣିରେ ଗଞ୍ଜା ମଳିବୁ ।
ଆଗୁ ମସଲା ଦେଇ ଭାଙ୍ଗ ଘୋଟ୍ । ହରିଦାସକୁ କହି ଦେ,
ଜଳଖିଆ ପାଇଁ ସର ଓ ମୋହନ ଭୋଗ ଚଞ୍ଚଳ କରିବ ।
ଗୁରିଠା ବେଳେ ଓକିଲ ବସାକୁ ଯିବା । ବାବାଜୀକୁ ମନା
କରି ଦେ, ଏତେ କୁଆଡୁ ଆସୁଛନ୍ତି ? ରଖିଦେବେ ନାହିଁ ।

Digitised by srujanika@gmail.com

ଗୀର— ଆଜ୍ଞା ମହାରାଜ ! ସବୁ କରୁଚ, ପଲଙ୍କକୁ ଯିବା ହେଉନ୍ତୁ ।

( ମହନ୍ତଙ୍କ ପ୍ରସ୍ଥାନ । ରାମଦାସର ପ୍ରବେଶ ଗଞ୍ଜା ମଳ ମଳ )

ଗୀର—ବାବାଜି ପାଇଁ ପ୍ରସାଦ ମୁଠିଏ ହେଲା ନା ?

ରାମ—ନା, ହୋଇ ପାରିଲା ନାହିଁ । ସେମାନଙ୍କୁ ତ ପ୍ରସାଦ ଅଣ୍ଟିଲା ନାହିଁ । ଏବେ କଣ ଆଉ ଭୋଗ ରାଗ ଅଛି ! ପୁଣି କାଲଠାରୁ ସେରେ ଚାଉଳ ଉଣା ହୋଇଚ, ଠାକୁରଙ୍କ ପେଟ କାଟି, ଅଭ୍ୟାଗତକୁ କିଏ ପଚାରେ ? ଗଞ୍ଜା ଯେତେ ଚାହିଁ ମୁଁ ଦେଇପାରେଁ, ସେତ ତଦ୍‌ଯୋଗ୍ୟ ନୁହେଁ । ଆମକୁ ଗଞ୍ଜା ଅଫିମ ମିଳିଲେ, ଅନ୍ନ ହେଲେ କେତେ ନ ହେଲେ କେତେ ? ତୁ ସେ ସବୁର ମାହାତ୍ମ୍ୟ କଣ ବୁଝିବୁ ?

( ରାମ ଦାସର ପ୍ରସ୍ଥାନ )

ଗୀର— (ବାବାଜୀ ପ୍ରତି) ମହାରାଜ ! ପ୍ରସାଦ ନାହିଁ, ମୁଁ ବଡ଼ ବୁଦ୍ଧି ବୁଡ଼ିଲି, ଅକାରଣେ ଆପଣଙ୍କୁ ଅଟକାଇଲି । ମୋ ଦୋଷ କ୍ଷମା କରିବା ହେବ । ମୋଠି ପଇସାଟିଏ ଅଛି ଅଙ୍ଗୀକାର କଲେ ଦିଅନ୍ତି ।

ବାବାଜୀ—ନାହିଁ ବାବା, ତୋର କି ଦୋଷ ? ତୁ ଅଭ୍ୟାଗତ ପାଇଁ ଅନେକ ଯତ୍ନ କଲୁ । ଏଥି ମଧ୍ୟରେ ତୁହି ଜଣେ ମନୁଷ୍ୟ, ଆଉ ସମସ୍ତେ ଅମନୁଷ୍ୟ । ଅହୋ ! କି ଦୁରାଚାର ! ମଠରେ ଏପରି ବ୍ୟବହାର ! ତୋ ପଇସା ଥାଉ, ତୋ ପ୍ରତି ଆମେ ଅତି ସନ୍ତୁଷ୍ଟ । ଏ ସ୍ଥାନ ତୋର ଯୋଗ୍ୟ ନୁହେଁ ।

ଗୀର— କଣ କରିବି ମହାରାଜ ! ପେଟ ପାଇଁ ଏଠାରେ ପଡ଼ିଚି । ଆମ କଥା କେ କହିଲା, ଆମେ ଦୁଃଖୀ ଗୃହଲୋକ; ପିଲା

Digitised by srujanika@gmail.com

ବାଳକଙ୍କ ଚିନ୍ତାରେ ଦିନ ଯାଏ । ସେମାନଙ୍କର ତ ସେ ଚିନ୍ତା ନାହିଁ । "ଫୋଲରେ ଖାଇ ମେଲରେ ଗଡ଼ାଗଡ଼ି ହେଉଛନ୍ତି, ମନ ଇଚ୍ଛା ମଉଜ କରୁଛନ୍ତି" । ଏଇଥି ପାଇଁ ତ ସେମାନଙ୍କର ବାବାଜି ହବାର ଭାବ ଭକ୍ତି କିଛି ନାହିଁ, ପୁଣି ଗୋଟିଏ ଆଚମ୍ବିତ କଥା ଏହି ଯେ କେହି କେହି ଖୋଲିଧାରୀ କହନ୍ତି ଗୌରାଙ୍ଗ ମତରେ "ସ୍ୱକୀୟା ପରକୀୟା"ର ବିଧି ଅଛି । ପରକୀୟା ନ ହେଲେ ପ୍ରେମ ଉପୁଜିବ ନାହିଁ ମହାରାଜ ! ଏହା କଣ ସତ ?

ବାବାଜୀ—ନା ନା, ଏହା କିପରି ହୋଇପାରେ ? ମହାତ୍ମା ଚୈତନ୍ୟଙ୍କର ଅନ୍ୟ ନାମ ଗୌରାଙ୍ଗ, ସେ ପ୍ରେମ ଧର୍ମ ପ୍ରଚାର କରିଥିଲେ । ତାଙ୍କ ତୁଲ୍ୟ ଈଶ୍ୱର ପ୍ରେମୀ ଅନ୍ୟ କେହି ହବାର ବିରଳ କିନ୍ତୁ ତାଙ୍କର ତ ପରକୀୟା ନ ଥିଲା, ବରଂ ସେ ସ୍ତ୍ରୀ ସମ୍ପର୍କ ବିବର୍ଜିତ ସନ୍ୟାସ ଧର୍ମ ଗ୍ରହଣ କରିଥିଲେ । ପରକୀୟା ବିନା ତାଙ୍କର କିପରି ପ୍ରେମ ଉପୁଜିଲା ? ପରକୀୟା ମତଟି କେତେକ ଲମ୍ପଟ ଗୋସ୍ୱାମୀଙ୍କର ସ୍ୱକଳ୍ପିତ ମତ ଅଟଇ । ତାହା ଶାସ୍ତ୍ରୋକ୍ତ କିମ୍ବା ଚୈତନ୍ୟଙ୍କର ମତ ନୁହେଁ । ପରକୀୟା ମହାପାପ ଓ ପାପରୁ ପବିତ୍ର ପ୍ରେମ ଉପୁଜି ନ ପାରେ । ତୁ ଏଥିରେ ମତ ଦେବୁ ନାହିଁ ବାବା । ଆଉ ଖୋଲି ଯେ ଦେଖୁଚୁ ଏଥିକୁ ତପ ଜପ ଭକ୍ତି ପୂର୍ବକ ଗୋପନରେ କରିବାର ଶାସ୍ତ୍ରରେ ଲେଖେ, କଥାରେ କହନ୍ତି "ଏ ହାତ ପୂଣ୍ୟ ଯେପରି ସେ ହାତ ନ ଜାଣେ" । ଖୋଲି ଧେନି ସକଳ ସମୟରେ, ସକଳ ସ୍ଥାନରେ ବୁଲିବା ଏଥିର ବିପରୀତ ଅଟେ,

Digitised by srujanika@gmail.com

ତାହା କେବଳ ଲୋକ ଦେଖାଣି । ସେଥିରୁ କି ଫଳ "ମନରେ ନାହିଁ ତ ମାଳରେ ନାହିଁ । ମାଳ ଭଜି ଭଜି ପାଇବୁ କାହିଁ" ? ମନଇ ମୂଳ । "ରାମ ନାମ୍ ସବ୍ କୋଇ କହେ ଠକ୍ ଠାକୁର ଆଁଓର ଚୋର । ବିନା ପ୍ରେମ୍ ସେ ରିଝେ ନହି ତୁଳସି ନନ୍ଦକିଶୋର ।" ଆହୁରି ଏକ ଦୋହାରେ କହିଛନ୍ତି—"ମନକା ଫେରତ ଜନମ୍ ଗୟା ନ ଆୟା ମନକା ଫେର୍ । କରକା ମନ୍କା ଛୋଡ୍ କର୍ ମନକା ମନ୍କା ଫେର୍" । ଏଥିର ଅର୍ଥ ବୁଝି ପାରିଲୁ ନାହିଁ ପରା ! ମାଳ ଫେରାଉ ଫେରାଉ ଜନ୍ମ ଗଲା କିନ୍ତୁ ମନର ଫେର ନ ଗଲା; ଅତଏବ୍ ହାତର ମାଳ ଛାଡ଼ି ମନର ମାଳ ଜପ ।

**ବୀର**— ଠିକ୍ କଥା ମହାରାଜ ! ଏ ବିଷୟରେ ମୋର ବଡ଼ ସଂଶୟ ଥିଲା, ଆଜି ଆପଣଙ୍କ ଯୋଗେ ତାହା ଦୂର ହେଲା । ଆଜି ବଡ଼ ଜ୍ଞାନ ପାଇଲି, ଧନ୍ୟ ଆପଣଙ୍କୁ ! ଜଣେ ସାଧୁ ଆପଣଙ୍କୁ ଦେଖିଲି, ବର୍ତ୍ତମାନ ଆପଣ ଯିବା ହେଉନ୍ତୁ ମୁଁ କାମକୁ ଯାଉଛି (ଭୂମିଷ୍ଠ ପ୍ରଣାମ) ।

**ବାବାଜୀ**—ମଙ୍ଗଳ ହଉ ବାବା, ତୋର ଏହିପରି ସୁମତି ଥାଉ ।

[ ପ୍ରସ୍ଥାନ ]

Digitised by srujanika@gmail.com

-

# ଚତୁର୍ଥ ଅଙ୍କ

ରଙ୍ଗଭୂମି—ନଦୀ କୂଳସ୍ଥ ତୋଠା

( ଜଣେ ମଧ୍ୟସ୍ଥ ଚୋରର ପ୍ରବେଶ )

ଚୋର—(ସ୍ୱଗତ) ବାଃ କି ସୁନ୍ଦର ମୃଗଚ୍ଛାଲଟିଏ ପଡ଼ିଚି । କେହି ବାବାଜୀର ହବ ପରା । ଯାହାର ହଉ "ଅଜଗରକୁ ଦାତା ରାମ" ମୋର ଗୃହ ଦିନର ମହତ ଚଳିଯିବ ।

( ଚୋର ମୃଗ ଚ୍ଛାଲ ନେଇଯିବା ସମୟରେ ବାବାଜୀଙ୍କର ପ୍ରବେଶ । ଚୋର ତାଙ୍କୁ ଦେଖି ଚ୍ଛାଲ ଫିଙ୍ଗି ପଳାୟନ )

ବାବାଜୀ—ଆରେ ବାବା ! ନେଇଥିଲୁ ତ, ଫୋପାଡ଼ି ଦେଇ ଯାଉଚୁ କାହିଁକି ? ତୋର ସେଥିରେ ଲୋଭ ଜନ୍ମିଚି, ଯା ନେଇ ଯା, କିଛି ଭୟ ନାହିଁ । ଆମେ ତ ତାହା ଆଉ ନବା ନାହିଁ, ତୁ ନେଇ ଯା । (ଚୋର ଆନନ୍ଦିତ ହୋଇ ଚ୍ଛାଲ ଘେନି ପଳାଇଲା ଓ ବାବାଜୀ ତଳେ ବସି ଧ୍ୟାନ ଭଜନ କଲେ । ସନ୍ଧ୍ୟା ସମୟରେ କେମୀ ଓ ରାଧୀ ପ୍ରବେଶ ହୋଇ ଫଳ ପୁଷ୍ପ ପୂର୍ଣ୍ଣ ଡାଲିଟିଏ ବାବାଜୀଙ୍କୁ ଭେଟି ଓଳଗି ହେଲାରୁ )

ବାବାଜୀ—ମଙ୍ଗଳ ହଉ ମାତା, ତୁମେମାନେ କୁଆଡ଼େ ଆସିଲ ?

କେମୀ— ଆପଣଙ୍କ ଚରଣ ସେବାକୁ ଆସିଲୁଁ ।

ବାବାଜୀ—ତୁମେମାନେ କିଏ ?

କେମୀ—ଆମେ ସଙ୍ଗୀତ ଜନ, ସଙ୍ଗୀତ ବ୍ୟବସାୟ କରୁଁ ।

ବାବାଜୀ—ତୁମେ ସଙ୍ଗୀତ ଜାଣ, ଆଗୁ ଗୋଟିଏ ଭଜନ ଗାଇଲ ।

କେମୀ ଓ ରାଧୀ—ହଉ ମହାରାଜ ।

Digitised by srujanika@gmail.com

ଭଜନ—ରାଗିଣୀ ସିନ୍ଧୁ ତାଳ ଆଡ଼ ତାଳ (ଧମାର)

ବିଶ୍ୱପତି । କି ଦେଇ ତୋଷିବି ତୁମ୍ଭ ମତି ହେ ॥
ଯେଣିକି କରଇ ମୁହିଁ ନିରୀକ୍ଷଣ,
ତେଣେ ଦେଖେଁ କିଛି ନାହିଁ ମୋର ଧନ ।
ଅନ୍ନଜଳ ଫଳ ଫୁଲ ଜନ୍ତୁ ଜନ-ଅଟଇ ତୁମ୍ଭର କାର୍ତ୍ତି ହେ ॥
ଇଚ୍ଛୁଚି ତୁମ୍ଭରି ଧନରୁ ଯେ ମନ,
କରିବି ତୁମ୍ଭର ପାଦେ ପୁନର୍ଦ୍ଧାନ,
ପାପେ ଅପବିତ୍ର ହୋଇଚି ବୋଲଣି-ନବାର କରୁଛି ସ୍ତୁତି ହେ ॥
କରୁଣା ସାଗର ନାମ ଯେ ତୁମ୍ଭର,
ଏ ପାମର ପ୍ରତି ବାରେ କୃପାକର,
ପବିତ୍ର କରିଣ ଯେନ ଦାନ ମୋର-ହେଉ ଏ ପାପୀର ଗତି ହେ ॥

ବାବାଜୀ—ଆଗୁ ଗାଇଲ, ଆମେ ସନ୍ତୁଷ୍ଟ ହେଲୁଁ । ତୁମେମାନେ କାହିଁକି ଆସିଚ କହନ ?

ଜେମୀ—ମହାରାଜ ! ଇଏ (ରାଧୀ) ବେରାମ ଅଛି ସେଥିପାଇଁ ଆସିଚୁଁ ।

ବାବାଜୀ—ଆମେ ତ ବଇଦ ନୋହୁଁ, ବଇଦଠାକୁ ଯାଇଁ ଉତ୍ତମ ଚିକିତ୍ସା କର, ଅବଶ୍ୟ ଆରୋଗ୍ୟ ଲଭିବ ।

ଜେମୀ—ନାହିଁ, ଚିକିତ୍ସାରେ କଣ ହବ, ସେପରି ଭଲ ବଇଦ କାହାନ୍ତି ଓ ତାହିଁକି ଆମର କଉଡି ବଳ କାହିଁ ? ଆପଣଙ୍କଙ୍କର ଆଜ୍ଞା ହେଲେ ତ ରୋଗ ଏହିକ୍ଷଣି ଛାଡ଼ି ପଳେଇବ ।

ବାବାଜୀ—ଯଦି ଭଲ ବଇଦ ନାହାନ୍ତି ତେବେ ଡାକ୍ତରଠାକୁ ଯାଅ । ଡାକ୍ତର ଅତି ଉତ୍ତମ ଚିକିତ୍ସା କରନ୍ତି । ଆମ

Digitised by srujanika@gmail.com

ଆଜ୍ଞାରେ ଖେଗ କପରି ଗୁଡ଼ ପକେଇବ ? ଏହାତ ଅତି ଅସମ୍ଭବ ।

ଜେମୀ—କିଛି ଅସମ୍ଭବ ନୁହେଁ, ଆପଣଙ୍କର ମହିମାରେ ସବୁ ହୋଇପାରେ ।

ବାବାଜୀ— ଆମର ମହିମା ! ଆମେ ତ ମନୁଷ୍ୟ ମାତ୍ର ! ଆମର କି ମହିମା ! ମହିମା କେବଳ ପରମେଶ୍ବରଙ୍କର । ଦେଖ ତାଙ୍କର ମହିମାରେ ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ, ନକ୍ଷତ୍ର ଓ ଅସଂଖ୍ୟ ଜୀବ ସୃଷ୍ଟି ହୋଇଚନ୍ତି । ମନୁଷ୍ୟ ତ ଗୋଟିଏ ଘାସ ଗଛ ସର୍ଜନା କରି ନ ପାରେ ।

ଜେମୀ—ଆପଣତ ଆମ ପରି ମନୁଷ୍ୟ ନୁହଁନ୍ତି, ଆପଣ ସିଦ୍ଧ ପୁରୁଷ, —ସାଧୁ । ଆପଣଙ୍କ ପରି ସାଧୁଙ୍କର କରଣୀ କାଟେ ।

ବାବାଜୀ—ଆମେ କି ସିଦ୍ଧ ପୁରୁଷ, ଆମେ କି ସାଧୁ ! କେହି ସିଦ୍ଧ ପୁରୁଷ ହେଲେ ମଧ୍ୟ ତାହାର ଅଲୌକିକ ମହିମା କିପରି ହବ ?

ଜେମୀ— ନା ମହାରାଜ ! ହଁଏ, ଆଉ ଯାହା କଥା ଯେପରି । ଆପଣଙ୍କ କଥା ଯାହା ଶୁଣିଛି, ତାହା ଅତି ଚମତ୍କାର ।

ବାବାଜୀ—କଣ ଶୁଣିଚ କହନ ।

ଜେମୀ—ମହାରାଜ ! ଆପଣ ଆଜ ସୁବଳ ବାବୁଙ୍କ ବସାକୁ ଯାଇଥିଲେ, ବାବୁ ଆପଣଙ୍କର ବଡ଼ ସନ୍ମାନ କଲେ । ତାଙ୍କ ପୃଥ୍ୱୀଖ ଦୁଷ୍ଟ ଓ ଗୁଣୀ ଅଟେ । ସେ ଆପଣଙ୍କୁ ଠକିବା ପାଇଁ ଗୋଟିଏ ହାଣ୍ଡିରେ ରନ୍ଧା ମାଉଁସ ପୁରେଇ ଫଲମ ଘୋଡ଼େଇ ଆପଣଙ୍କୁ ଆଣି ଦେଲା ଓ କହିଲା ଏଥିରେ ପ୍ରସାଦ ଅଛି ସେବା କରନ୍ତୁ । ଆପଣତ ସର୍ବଜ୍ଞ,

Digitised by srujanika@gmail.com

ତାହା ଜାଣିପାରି କହିଲେ ଏଥିରେ ଯାହା ଅଛି ତାହା ଆମ ଖାଇବାର ନୁହେଁ ତାହା ତୋତେ ଖାଇବ । ଏହା କହି ପଲମ କାଢ଼ି ଦିଅନ୍ତେ ସେଥିରୁ କେଡ଼େ ବଡ଼ କୁକୁଡ଼ାଟିଏ ବାହାରି ପୂଜାରୀକୁ ଏପରି ଖୁମ୍ପିଲା ଯେ, ସେ ଛଟପଟ ହୋଇ, ରଡ଼ି ଗୁଡ଼ିଲା । ତାହାର ମନ୍ତ୍ର ଯନ୍ତ୍ର କିଛି କାଟିଲା ନାହିଁ । ସେ ଯହୁଁ ଦୋଷ ମାନି ଆପଣା ଗାଲରେ ଚଟକଣା ଖାଇଲା ତହୁଁ ଆପଣ ତାକୁ କଲ୍ୟାଣ କଲେ, ସେ ଥୟ ହେଲା । କୁକୁଡ଼ା କୁଆଡେ ଉଭେଇ ଗଲା ।

ବାବାଜୀ—(ଉଚ୍ଚସ୍ୱରେ ହସି) ମିଛ ମିଛ, କିଏ ଏହା କହିଲା ?

ଜେମୀ—ନା ମହାରାଜ ! ମିଛ କପରି, ଆମେ କେତେ ଲୋକଠାରୁ ଶୁଣିଲୁ , ଏ କଥା ରାଇଜଯାକ ରଟିଗଲାଣି । ଆପଣ ଲୁଚେଇଲେ କି ଲୁଚିବ ? ଆମେ ଶୁଣି ଦଉଡ଼ି ଅଇଲୁ । ଜଣେ ବଙ୍ଗାଳି ବାବୁ ମଧ ଆସିବେ । ତାଙ୍କର ବାପ ବାତ ରୋଗରେ ତିନ ମାସ ହେଲା ବିଛଣାରୁ ଉଠୁ ନାହାନ୍ତି । ଆମେ ପାପୀ ବୋଲି ଘୃଣା କରୁଛନ୍ତି କି ? ଆମେ ଅତି ଦୁଃଖୀ, ନିରାଶ୍ରିତ, ଆମର କୌଣସି କୁଳ ନାହିଁ ( ପାଦ ତଳେ ପଡ଼ି ) ଦୋହି ମହାରାଜ ! ଆମ ଉପରେ ଦୟା କରନ୍ତୁ, କପଟ କରନ୍ତୁ ନା, ଆମେ କିଛି ଭୋଗ ଖର୍ଚ୍ଚା ଦବୁଁ ଯେ ।

ବାବାଜୀ—ଉଠ ଉଠ, ଆମେ କପଟ କରୁନାହୁଁ, ସତ କହୁଚୁ ଶୁଣ । ଆମେ ଅସମୟରେ ଭୋଜନ ମାଗିବାରୁ ସେ ଦୁଷ୍ଟ ପୂଜାରୀ ବିରକ୍ତ ହୋଇ ଗୋଟିଏ ହାଣ୍ଡିରେ ଜିଅନ୍ତା କୁକୁଡ଼ାଟିଏ ପୁରେଇ ପଲମ ଢୋଡ଼େଇ ଆମ୍ଭଙ୍କୁ ଆଣି ଦେଲା ଓ କହିଲା ଏଥିରେ ପ୍ରସାଦ ଅଛନ୍ତି, ସେବା କରନ୍ତୁ । ଆମେ ପଲମ

Digitised by srujanika@gmail.com

କାଢ଼ି କୁକୁଡ଼ାକୁ ଦେଖି ଚମକି ଉଠିଲୁଁ । ତହୁଁ ସେ ଠାକୁର
କରି କହିଲ;—ଆପଣଙ୍କ ମହିମାରେ ମଲା ରନ୍ଧା କୁକୁଡ଼ା
ବଞ୍ଚିଉଠିଲା । ତେତେବେଳେ କେହି ଭଲ ଲୋକ ପହଞ୍ଚି
ପୂଝାରୀକୁ ଭର୍ତ୍ସନା କଲେ ଓ ଆମେ ତାକୁ କେତେକ
ଉପଦେଶ ଦେଇ ଚାଲିଆସିଲୁ । ଏତିକି ସତ୍ୟ ଆଉ ସବୁ
ମିଥ୍ୟା ।

ରାଧୀ—( ଜେମୀ ପ୍ରତି ) ମଲା ! କଅାଲଗା ଗୁଡ଼ାକ କେମନ୍ତେ ଏତେ
ମିଛ କଥା କହିଲେ ମ !

ଜେମୀ—ହଉ, ଏ କଥା ସିନା ମିଛ ହେଲା । ଆଉ ସତ କଥା କେତେ
ଅଛି । ସିଦ୍ଧ ପୁରୁଷଙ୍କର ମହିମା ହୁଏ ।

ବାବାଜି—ଯେଉଁମାନଙ୍କର ଚିତ୍ତ ସର୍ବଦା ଈଶ୍ୱରଙ୍କଠାରେ, ଈଶ୍ୱର
ଛଡ଼ା ଯାହାଙ୍କର କିଛି କାର୍ଯ୍ୟ ନାହିଁ ବା ଚିନ୍ତା ନାହିଁ,
ସେମାନଙ୍କୁ ସିଦ୍ଧ ପୁରୁଷ ବୋଲି । ସେମାନେ ଈଶ୍ୱର ଲାଭ
ପାଇଁ ଯୋଗ ସାଧନ କରନ୍ତି । ଆପଣାର ମହିମା ପାଇଁ
କରନ୍ତି ନାହିଁ କିମ୍ବା ମହିମା ହୁଏନା । ସେମାନେ ବିନମ୍ର
ଓ ନମ୍ର ହୁଅନ୍ତି । ଯେଉଁ ଅବସ୍ଥାରେ ଥାନ୍ତି ତହିଁରେ
ସେମାନେ ଅତି ସନ୍ତୁଷ୍ଟ ଓ ସର୍ବଦା ଆନନ୍ଦିତ ।

ଜେମୀ—ଯେଉଁ ବାବାଜୀମାନେ କରଣୀ କଟାନ୍ତି, ସେମାନେ କି
ସିଦ୍ଧ ପୁରୁଷ ନୁହନ୍ତି ?

ବାବାଜୀ—ସେମାନେ ଅର୍ଥ ଲୋଭୀ । କଉଡ଼ି ଉପାର୍ଜନ ପାଇଁ
ସେମାନେ କରଣୀର ଛଟା କରନ୍ତି । ଦଣ୍ଡବଡ଼ି କିମ୍ବା ଭେଟି
ବିନା ସେମାନଙ୍କଠାରୁ ଆଜ୍ଞା ବାହାରେ ନା । ସେମାନେ
କଳକୌଶଳ ଓ ନାନାର୍ଦ୍ଦ ଉପାୟରେ କିଛି ଆଚମ୍ବିତ କଥା

Digitised by srujanika@gmail.com

ଦେଖାଇ ଦିଅନ୍ତି । ଅବୋଧ ଲୋକେ ତାହା ତାଙ୍କର ମହିମା ବୋଲି ମଣନ୍ତି । ଆମର କରଣୀ କଥା ଯେପରି ରଚିତ, ତାହା କେହି ଶଠ ସାଧୁ କପାଳକୁ ଘଟିଥିଲେ ସେ ଅନେକ କଉଡ଼ି ଉପାର୍ଜ୍ଜନ କରି ନିଅନ୍ତି । ଏହିପରି ସବୁ ଜାଣିବ । ସାଧୁ, ଅସାଧୁ କୌଣସି ଲୋକର ଅଲୌକିକ ମହିମା ହୋଇ ନପାରେ, କାରଣ ତାହା ଈଶ୍ୱରଙ୍କ ନିୟମ ବିରୁଦ୍ଧ ।

ଜେମୀ—ତେବେ କିପରି ସାଧୁ ଆଜ୍ଞାରେ ରୋଗୀର ରୋଗ ଭଲହୁଏ, ଅପୁତ୍ର ପୁତ୍ର ଲାଭ କରେ, ମାମଲା ମକଦମା ଡ଼ିଗ୍ରୀ ହୁଏ ? ଏହା ବୁଝାଇ ଦେଲେ ମୋ ମନ ମାନିବ ।

ବାବାଜୀ—ସ୍ଥାନ, ବାୟୁ ପରିବର୍ତ୍ତନ, ମନର ଦମ୍ଭିତା ଇତ୍ୟାଦି ଅନେକ କାରଣରେ ରୋଗ କ୍ଷମା ହୁଏ ଓ ମଧ୍ୟ କୌଣସି କୌଣସି ସ୍ଥଳେ ରୋଗ ଆପଣା ସୁଖେ ଭଲ ହୋଇଯାଏ । କେତେକ ସ୍ଥଳେ ଔଷଧ ପଶ୍ଚାତ୍ ଗୁଣ କରେ ଓ କେହି କେହି ବାବାଜୀ ଆଜ୍ଞା ସହିତ ଲୁଚିକା ଔଷଧ ମଧ୍ୟ ଦିଅନ୍ତି । ବାସ୍ତବରେ ଏହି ହେତୁମାନଙ୍କରେ କେହି କେହି ରୋଗୀ ଭଲ ହେଲେ ଆଜ୍ଞାର ନାମ ହୁଏ କିନ୍ତୁ ଅନେକ ସ୍ଥଳେ ଆଜ୍ଞା ସଫଳ ହୁଏ ନାହିଁ । ରୋଗୀମାନେ ଆଜ୍ଞା ଉପରେ ନିର୍ଭର କରି ଚିକିତ୍ସା କରନ୍ତି ନାହିଁ; ଏଣୁ କରି ରୋଗ ବୃଦ୍ଧି ହୋଇ ସେମାନଙ୍କୁ ଭାରି କଷ୍ଟ ଦିଏ ଓ କେହି କେହି ମୃତ୍ୟୁ ପ୍ରାପ୍ତ ହୁଅନ୍ତି । ଏ ସ୍ଥଳେ ବାବାଜୀମାନେ କୁହନ୍ତି—ଆମ-ଠାରେ ରୋଗୀର ଦୃଢ଼ ବିଶ୍ୱାସ ନ ଥିବାରୁ ଆଜ୍ଞା ସଫଳ ହେଲା ନାହିଁ । ଯଦି ବିଶ୍ୱାସ ମୂଳ ହେଲା ତେବେ ଆଜ୍ଞାର ମହିମା କେଉଁଠି ରହିଲା ? କେତେକ କାରଣରୁ ସନ୍ତାନ

Digitised by srujanika@gmail.com

ଉପୃତ୍ତି କିଛୁ କାଳ ସ୍ଥଗିତ ହୋଇଯାଏ ଓ ସେ କାରଣମାନ ବଦୂରିତ ହେଲେ ସନ୍ତାନ ଜନ୍ମେ ଏଥକୁ "ତାଳ ପଡ଼ିବା ସମଟପ୍ତ କାଉ ଗୁମ୍ପି ଲ" ପ୍ରାୟ ଦୁଇ ଏକ ସ୍ଥଳେ ବାବାଜୀର ଆଜ୍ଞା ଘଟିଯାଏ । ମକଦ୍ଦମା ଅବସ୍ଥା ଦୃଷ୍ଟିରେ ସେମାନେ ଜୟ ଅଥବା ଅଜୟର ଆଜ୍ଞା ଦଅନ୍ତ;—କୌଣ୍ଠା ବା ଘଟେ କୌଣ୍ଠା ବା ନଘଟେ । ଦୈବାଂ କାହାର ଦୁଇ ଗୃରି କଥା ଘଟିଲେ ଲୋକେ ତାହାଠାକୁ ଦଉଡ଼ନ୍ତ ଓ ସେ ଆଚ୍ଛା ପଣେ ଉପାର୍ଜ୍ଜନ କରେ । ପଛକୁ ତାହାର ଅନେକ କଥା ନ ଘଟିଲେ ଆଉ ତାହାର ତାଦୃଶ୍ୟ ମାନ୍ୟ ହୁଏ ନା । ଏଠାରେ ଜଣେ ଧୋବା ୧୫ ଦିନ କରଣୀ ବାହାର କରି କେତେ ଉପାର୍ଜ୍ଜନ କଲା, କେତେ ଲୋକର ଜାତି ମାଇଲା ଏହା ତ ତୁମ୍ଭେ ଜାଣିଥିବ । ଏହାପରି ସବୁ ବାବାଜୀର ମହିମା । ଆଚ୍ଛା, ଏତିକ ବିଷୟରେ ମହିମା ହୁଏ ଆଉ କୌଥିରେ ହୁଏ ନାହିଁ କାହିଁକି ? କାଠ ଖଣ୍ଡିକୁ କେବଳ ଆଜ୍ଞାରେ କେହି ସୁନା କରିଦେଇ ପାରେ ?

ଜେମୀ—ନା, ପାରେନା । ବୁଝିଲି ମହାରାଜ ! ଆମେ ଅବୋଧ ଲୋକଙ୍କୁ ଠକ ସାଧୁମାନେ ବଡ଼ ଠକୁଚନ୍ତି ।

ବାବାଜୀ—ଧର୍ମରୁ ମଙ୍ଗଳ, ପାପରୁ ପରମାଦ । ଧର୍ମରେ ରୁହ, ସବୁ ମଙ୍ଗଳ ହେବ ।

ଜେମୀ—ସତ ମହାରାଜ, ଠିକ୍ କଥା । ( ତୋଟା ଅନ୍ୟ ପାର୍ଶ୍ୱରେ ଶିବ ମିଶ୍ର ଓ ଜେମସ୍ ଦଲେଇଙ୍କର ପ୍ରବେଶ )

ଜେମସ୍—ଭାଇ ! ବାବାଜୀଙ୍କର ନଗେଲା ସାକ୍ଷାତ ସକାଶେ ଗାଡ଼ି କରି ଆସିଲୁଁ କିନ୍ତୁ ନଗେଲା ତ ନୁହେ, ଦୁଇ ତିନି ଜଣ ଅଛନ୍ତି ପରା ! ଭୂଟିଭାଟି ଶୁଭୁଛି, ହେଇ ଦିଶୁ ନାହିଁକି ?

Digitised by srujanika@gmail.com

ଶିବ—(ଅନାଇଁ) ସତେ ତ ଦୁଇ ଜଣ ସ୍ତ୍ରୀ ଲୋକ, ବାଃ !

ଜେମସ୍—ହେ ଆମେ ବାବାଜୀ ହେଲେ ହୁଅନ୍ତା । ( ମତ୍ତ ସ୍ୱରେ )

ଶିବ—ଦୂର୍, ତତେ ନିଶା ହେଉଚି କି ? ହଁ ହଁ ହେଉଚି ତ । ଆଚ୍ଛା, ବାବାଜୀଙ୍କଠାକୁ ଅଭିକା ଯିବା କିପରି ? ଯଦି ସେମାନଙ୍କ ଯୋଗେ ଆମ ଆସିବାର ପ୍ରକାଶ ହୁଏ ଓ ଯଦୁ, ଦିନୁ ହେଉକା ଶୁଣନ୍ତି; ତେବେ ସେମାନେ ହସିବେ । କେତେ ଠାହୁଲି କରିବେ ।

ଜେମସ୍—ସେମାନଙ୍କ ହସ ଠାହୁଲିକୁ କିଏ ପଚ୍ଚରେ ? ଆମର ପାଦରି ସାହେବର କାନରେ ପଡ଼ିଲେ ତ ସେ କେତେ ବକିବ । ହୁଏତ ମତେ ପୁଣି Excomunicate ( ସମାଜ ଚ୍ୟୁତ ) କରିବ ।

ଶିବ—ଆଚ୍ଛା ଚାଲ ନଦୀକୂଳକୁ ଯିବା, ସେମାନେ ଗଲାରୁ ଆସିବା । ଥଣ୍ଡାରେ ତୋର ନିଶା ମଧ୍ୟ ଊଣା ହୋଇଯିବ । ଭଲ ଟିକିଏ ବରଣ୍ଡିରେ ତୋତେ ଏତେ ନିଶା ହେଲା କିପରି ? ତୁ ତ କିଛି ନୋହୁ । ଦେଖ, ମୁଁ ତୋର ଦ୍ୱିଗୁଣ ବରଣ୍ଡି ଖାଇଚି, ତହିଁ ପୂର୍ବରୁ ଚାରି ଗୋଲି ମଦତ୍ ଟାଣି ଥିଲି । କାହାର ସାଧ୍ୟ, ସେ ମତେ ନିଶା ହୋଇଚି ବୋଲି ଠଉରେଇବ !

ଜେମସ୍—ଛି ଛି ! ତୁ ମଦତ୍ ଖାଉ ? କେଭୁଁ ଖାଉଚୁମ ?

ଶିବ—ଦୂର୍ । ତୁ ସେଥିର କଥା କଣ ଜାଣୁ । "ଯେ ନା ଖାୟ ମଦତ୍ ଗୁଲି । ତାକେ କି ମାନୁଷ ବଲି ?" ଯେବେ ଦିନେ ଖାଇ ମଜା ବୁଝନ୍ତୁ, ତେବେ "ଛି ଛି" କହନ୍ତୁ କି କଣ କରନ୍ତୁ ଦେଖନ୍ତେଇ ।

Digitised by srujanika@gmail.com

ଜେମସ୍—ଆଃ ଥୂଃ । ମୁଁ କୁଆଡ଼େ ମଦାତ୍ ଖାଇବ ! ମଦାତ୍‌ରେ ଯେଉଁ ମଏଲା କାରବାର ତାହା ଦିନେ ଦେଖି ବାନ୍ତି ମାଡ଼ିଲା । ତୁ ଏତେ ଇଙ୍ଗରେଜି ପଢ଼ି, ସଭ୍ୟ ହୋଇ ତୋର ଏପରି ମଏଲା କାରବାର ? ଛି ଛି, ଭାଇ ତୁ ଯୋଉ ମଜା ପାଇ ଖାଉଛୁ କିଛି ଦିନେ ସେଥିରୁ ଏକା ବେଳେକେ ରହିତ ହବୁ । ପୁରୁଣା ମଦାତଙ୍କର ଅବସ୍ଥା ଦେଖୁ ନାହିଁ, କେତେ ମଲେଣି, କେତେ ମର୍କଟ ରୂପ ଧରିଲେଣି, କେତେ ଫେର ହେଲେଣି । ଦେଖି ଶୁଣି ଅନ୍ଧ, ସବୁ ନଶାଠୁଁ ତାହା ଅଧିକ ମନ୍ଦ । ଭାଇ, ତା ଛାଡ଼ିଦେ, ଚେଷ୍ଟା କଲେ ଛାଡ଼ିପିବ ।

ଶିବ—ମଦାତର ସବୁ ଦୋଷ, Drinkingର ( ସୁରାପାନର ) କିଛି ଦୋଷ ନାହିଁ ! ଗୃଲ ବନ୍ଧ ଉପରକୁ ଗୃଲ, ତେଣେ ଜଣେ ଅନେଇଲାଣି । ( ପ୍ରସ୍ଥାନ )

ରାଧୀ--( ଜେମୀ ପ୍ରତି ) ଆଲୋ ନାମ ! ତୋଟା ସେ ମୁଣ୍ଡରେ ଯୋଡ଼ାଏ ଧଳା ଧଳା କଣ ଦୁଶିଗଲାମ ! ( କାତର ସ୍ୱରେ ) ଇଲୋ କଣ ଲୋ ?

ଜେମୀ—(ଅନାଇଁ ) କାହିଁ କିଛି ତ ନାହିଁ ।

ରାଧୀ—ଇଲୋ, ତେବେ ଭୂ—( ଅଚେତନ ହୋଇପଡ଼ିଲା ) ।

ଜେମୀ—ମୋ ମାଆ ! ଇଏ କଣ ହେଲା ? ରାଧୀ ଲୋ ଏମନ୍ତେ କାହିଁକିଲୋ; ରାଧୀ ! କିଛି ଉତ୍ତର ନାହିଁ । (ରାଧୀକୁ କୋଳରେ ଧରି ) ରାଧି ରାଧି ! ( କାତର ସ୍ୱରେ ) ମ ମ, ଶୁଣିବାକୁ ତ ନାହିଁ, ଅନେଇବାକୁ ତ ନାହିଁ । କଣ ହେଲା ? ମୋ ସମ୍ପତ୍ତି ସଇଲା (କ୍ରନ୍ଦନ) ମୁଁ ପୋଡ଼ାମୁହାଁ ଯାକୁ କାହିଁକି ରାତିରେ ଏଠିକି ଆଣିଲି ଲୋ ! ରାଧାରାଣୀ ତ ଭୂ-କହି ରହିଗଲେ

Digitised by srujanika@gmail.com

ଲେ ! ମୋ ମାରାଣୀଲେ, କଣ କରିବ ? ମତେ ତବୁଦ୍ଧି ଦିଶୁ ନାହିଁ ଲେ, ମୋ ମା ରାଣୀ ଲେ ।

ବାବାଜି—ଏତେ ଅସ୍ଥିର କାହିଁକି ? ଥଏ ହୋ ।

ଜେମୀ—( କାନ୍ଦି କାନ୍ଦି ) କଣ ଥଏ ହେବ ମହାରାଜ ! ମତେ ତ ଗୃହ ଆଉ ଅନ୍ଧାର ଦିଶିଗଲଣି; ମହାରାଜ ! ଏଟା ଡାଆଣୀ ଭୂତର ଜାଗା, ମୋ ରାଧୀ ତ ଅତି ସୁନ୍ଦରୀ ସୁକୁମାରୀ, ତାକୁ କାହାର ଦୃଷ୍ଟି ହେଲା, କି ଭୂତ ମାଡ଼ି ବସିଚ, କି କିଛି ଭେଟଣା ହେଲା—ମୁଁ ତ କିଛି ଠିକଣା କରି ପାରୁ ନାହିଁ । ତାକୁ ଘରକୁ ନେବି କେମନ୍ତେ ମତେ ବୁଦ୍ଧି ଦିଶୁ ନାହିଁ । ମହାରାଜ ! ତୁମ ଗୋଡ଼ ତଳେ ପଡ଼ୁଚି ତୁମେ ମତେ ସାହା ହୁଅ ।

ବାବାଜୀ—ତୁ ଅଧୈର୍ଯ୍ୟ ହୋ ନା । ଭୂତ, ଡାଆଣୀ, ଭେଟଣା ସବୁ ମିଛ । ସେ କେବଳ ଭୟରେ ଅଚେତନ ହୋଇଚି । ଏହିକ୍ଷଣି ଚେତନା ପାଇବ, ତୁ ତା କାନ ଫୁଙ୍କିଲୁ ।

ଜେମୀ—(କାନ ଫୁଙ୍କି ଫୁଙ୍କି) କାହିଁ ମହାରାଜ ! କିଛି ତ ହେଲା ନାହିଁ । ତୁମେ କଣ କହୁଚ ଭୂତ ଫୁତ ମିଛ ! ତାହାର ତ ଡିଙ୍କ ମୋଡ଼ି ଦେଲାଣି, ମୁଁ କଣ କରିବି ? (କ୍ରନ୍ଦନ)

ବାବାଜୀ—ଆଚ୍ଛା, ତୁ ସ୍ଥିର ହୋଇ ତାକୁ ଟିକିଏ କୋଳରେ ବସେଇଲୁ , ଆମେ ଏହିକ୍ଷଣି ଭଲ କରି ଦେବୁଁ ।

( ଜେମୀ ରାଧୀକୁ କୋଳରେ ବସାଇଲରୁ ବାବାଜୀ ତାହା ମୁହଁରେ ପାଣି ମାରି କିଞ୍ଚିତ ପାଣି ପିଆଇ ଦେଲେ ଓ ଫୁଲ ଡାଳରେ ପବନ କଲେ, ମୁହୂର୍ତ୍ତେ ଉତ୍ତାରେ ରାଧୀ ଚେତନା ପାଇଲା )

Digitised by srujanika@gmail.com

ବାବାଜୀ—ଗଧୀ ! ମନୁଷ୍ୟ ଦେଖି ଏପରି ଡରିଲୁ ? ଆମେ ଦେଖିଚୁ ଦୁଇଜଣ ମନୁଷ୍ୟ ତୋଠାର ସେ ମୁଣ୍ଡରେ ମୁହୂର୍ତ୍ତେ ଠିଆ ହୋଇ ଚାଲିଗଲେ । ତୋର ଏଡ଼େ ଭୟ ହେଲା କାହିଁକି ?

ଗଧୀ—ମହାରାଜ ! ଏ ଭୂତ ଡାଆଣୀର ଯାଗା, ମୁଁ ଭୂତ ମନରେ କରି ଚମକି ପଡ଼ିଲି ।

ବାବାଜୀ—(କେମୀ ପ୍ରତି) ଦେଖ୍ ଆମେ କଣ କହୁଥିଲୁଁ ବାସ୍ତବରେ ଭୂତ ଡାଆଣୀ ଇତ୍ୟାଦି କିଛି ନାହିଁ । କୁସଂସ୍କାର ହେତୁ ସେପରି ଭ୍ରମ ଯୁକ୍ତ ବିଶ୍ୱାସ ଥିବାରୁ ଭୟ ହୁଏ, ସେହି ଭୟଟି ଭୂତ । "ନିଜ ଗାଁ ମଶାଣି, ପରଗାଁ ନଈକୁ ଭୟ ହୁଏ ।" ପରଗାଁ ମଶାଣିରେ ଶୋଇ ରହିଲେ ମଧ୍ୟ ଭୂତ ଲାଗେ ନା । କାରଣ ତାହା ଜଣା ନଥିବାରୁ ଭୟ ହୁଏ ନା ।

କେମୀ—ହଉ ଗଧୀର ସିନା ଭୟରେ ଏପରି ହେଲା, ଆଉ ଯେ ଭୂତର କାଣ୍ଡ ମୁଁ ଦେଖିଚି ତାହା ତ ଭୟ ନୁହେ । ଏଠାରେ ହନୁ ସିଂହର ଘରଯାକୁ ଭୂତ କି ବାଉଁଶ ଲାଗିଲା ଯେ, ସେ ଆଠ ଦିନ ଯାଏ ଏତେ ଧୂମ ଧାମ କଲା ମୁଁ ତା କଣ କହିବି ! ବଳୀ ମାହାନ୍ତି ଘରକୁ ଭୂତ ରାତି ଦିନ ଟେକା ପଥର ହାଡ଼ ଫୋପାଡ଼ିଲା, ଏଠିର ଚିଜ ସେଠି ରଖିଦେଲା ପୁଣି ତାହାର ଭେଣ୍ଡା ପୁଅକୁ ରାତିରେ ନିଦରୁ ଉଠେଇ ଦୁଇ ପା ବାଟ ନେଇଯାଇ ଗୋଟାଏ ଗାଡ଼ିଆରେ ମାଡ଼ି ଦେଲା । ସେହି ପୃଥ୍ୱୀଶି ମନ୍ତ୍ର ଯନ୍ତ୍ର କରି ସେମାନଙ୍କୁ ରକ୍ଷା କଲା । ଆଉ ସଦା ମା ପିଶାଚୁଣୀ ଜଣକୁ ଲାଗିଲା ଯେ, ତାକୁ କେହି ଛଡ଼ାଇ ପାରିଲେ ନାହିଁ, ତାହାର ପ୍ରାଣ ନେଲା । ଯେବେ ଭୂତ ଡାଆଣୀ ମିଛ, ତେବେ ଏସବୁ ହେଲା କିପରି ?

Digitised by srujanika@gmail.com

ବାବାଜୀ—ହନୁ ସିଂହର ଘରଯା ମନ୍ଦ କାମନାରେ ଛିଟା କରିଥିବ । ବଳୀ ଘରକୁ କେହି ଦୁଷ୍ଟ ଲୋକ ଟେକା ଇତ୍ୟାଦି ଲୁଚିକରି ଫୋପାଡ଼ିଥିବ । ବାତ ପିତ୍ତ ବା ସନ୍ନିପାତ ରୋଗରେ ରୋଗୀ ବକେ, ଯନ୍ତ୍ରଣାରୁ ଉଠି ପଳାଏ, ମସ୍ତ ଭ୍ରମ ଓ ଶରୀରର ନାନାଦି ବିଭଙ୍ଗ ହୁଏ । ଯେଉଁ ଜଣକ ମରିଗଲା, ତାକୁ ଏହି ପ୍ରକାର କଷ୍ଟ ଉତ୍କଟ ରୋଗ ଘଟିଥିବ । ତାହା କେହି ଚିହ୍ନି ନ ପାରି ଭୂତଲଗା ବୁଝିଲେ, ଭୂତର ନାମ ପରିବାରେ ମେ ଗୋଟିଏ ପ୍ରଚଳିତ ନାମ କହିଥିବ । ଆମେ ଦେଖିଚୁଁ ଜଣେ ପୋଖରୀକୁ ଯିବେ ସାମାନ୍ୟ ଜ୍ୱର ହୋଇ ହଠାତ୍ ସନ୍ନିପାତ ହେବାରୁ ସେ ବକିଲା ଓ ଚକ୍ଷୁ କଷ୍ଟି ଲାଲ୍ ଦଶିଲା । ଲୋକେ ତାକୁ ଭୂତ ଲାଗିବାର ବୁଝି ମନ୍ତ୍ର ଦ୍ୱାରା ଭୂତ ଛଡେଇବାରେ ରହିଲେ । ଶେଷକୁ ସନ୍ନିପାତ ବୋଲି ଚିହ୍ନିଲେ କିନ୍ତୁ ସେତେବେଳକୁ କିଛି ଉପାୟ ନ ଥିଲା । ତାହାର କାଳ ହେଲା । ଆଉ ଭୟରେ ମଧ୍ୟ ପ୍ରାଣ ବାହାରି ଯାଏ, ଲୋକେ ବୁଝି ନ ପାରି ଦେବା ଦେବୀର ଭେଟଣା କହନ୍ତି । ଭୟ ହିଁ ଭୂତ, ଭୟ ହିଁ ଭେଟଣା; ଭୟ ନ ହେଲେ କିଛି ନାହିଁ । କୁସଂସ୍କାର, ଅଜ୍ଞାନତା ଓ ଅଧର୍ମ ଭୟର ମୂଳ ଅଟେ ।

ପ୍ରେମୀ—ଆଉ ଚିରକୁଣୀ କିଆଁ ଜାଳେ କପରି ? ଏଥିରେ ତ ଭୟ ଭ୍ରାନ୍ତି ନାହିଁ ।

ବାବାଜୀ—ହିଁ ଭ୍ରାନ୍ତି ଅଛି । ତାହା ଚିରକୁଣୀ ନୁହେଁ, ଟିହିଁର ତତ୍ତ୍ୱ ଶୁଣ । ପଙ୍କୁଆ ସ୍ଥାନରୁ ଅଥବା ପଚା ଦ୍ରବ୍ୟରୁ କିମ୍ବା ପୋଡ଼ା ହାଡ଼ରୁ ଏକ ପ୍ରକାର ବାମ୍ପ ବାହାରେ ଯେ ତାହା ଆପଣା ଆପଣା ଜଳି ଉଠେ, ପବନ ଯୋଗେ ଗମନ କରେ ଓ

Digitised by srujanika@gmail.com

କେତେବେଳେ ଲିଭିଯାଏ ଓ ପୁଣି ଜଳି ଉଠେ । ଏହାକୁ "ଗାସ୍" ଅର୍ଥାତ୍ ବାଷ୍ପ ଆଲୁଅ କହନ୍ତି । ଶ୍ମଶାନରେ ଅନେକ ଶବ ପଡ଼ି ଶଡ଼ି ଥିବାରୁ ଓ ପୋଡ଼ା ହାଡ଼ ଥିବାରୁ ସେଠାରେ ଓ ପାଟ ବିଲରେ ଏ ବାଷ୍ପ ଆଲୁଅ ଅଧିକ ଦେଖାଯାଏ । ଏକ ପ୍ରକାର ବିଲୁଆ ଅଛନ୍ତି ସେମାନଙ୍କ ମୁହଁରୁ ମଧ୍ୟ ଶୂନ୍ୟ ଆଲୁଅ ବାହାରେ । ଏହାଙ୍କୁ ଉଲ୍କା-ମୁଖୀ କହନ୍ତି । କଲିକତା ସହର ମଧ୍ୟରେ କଳଯୋଗେ ଏପରି ଗାସ୍ ଆଲୁଅର ରୋଷଣୀ ପ୍ରତିଦିନ ହୁଅଇ । ଚିରକୁଣୀ ନିଆଁ ଜାଳି ପିଲା ସେକିବା କଥା ମିଥ୍ୟା ଗଳ୍ପ ଅଟେ । ଲୋକେ ଅଜ୍ଞାନତା ହେତୁ ଜଗତ୍ ପ୍ରକୃତିର ଚମତ୍କାର ଘଟନା-ମାନଙ୍କର ତତ୍ତ୍ୱ ବୁଝି ନ ପାରି, ନାନାବିଧ କାଳ୍ପନିକ କଥା ସିଦ୍ଧାନ୍ତ କରନ୍ତି । ଏସବୁ ବୁଝିବାକୁ ବିଦ୍ୟା, ବୁଦ୍ଧି, ଜ୍ଞାନ ଆବଶ୍ୟକ ।

ଜେମୀ— ମହାରାଜ ! ଆଜି ଆପଣଙ୍କ ଠାରୁ ଅନେକ ଜ୍ଞାନ ପାଇଲୁଁ ।

ରାଧୀ—ସତେ ମ ! ଏତେ କଥା କିଏ ବୁଝାନ୍ତା ?

ବାବାଜୀ—ଆଚ୍ଛା, ତେବେ ବର୍ତ୍ତମାନ ଆସ, ରାତି ହେଲାଣି । କାଲେ ତୁମେମାନେ ଡରିବ, ଆମେ ତୁମକୁ କିଛିଦୂର ବଳେଇ ଦେଇ ଆସିବା ।

ରାଧୀ—ଆଉ ଡର କୌକଥାକୁ ? ଆମେ ଚାଲିଯିବା, ଆପଣ କାହିଁକି କଷ୍ଟ ସହିବେ ?

ବାବାଜୀ—ନା, ଆମର କିଛି କଷ୍ଟ ହବ ନାହିଁ, ତୁମର ହଠାତ୍ ଏତାଦୃଶ ଦୁର୍ଦ୍ଦଶା ହୋଇ ନ ପାରେ । ଯଦ୍ୟପି ଆମର ଉପଦେଶକୁ ସର୍ବଦା ଶୁଣିବ ଓ ଆଲୋଚନା କରିବ

Digitised by srujanika@gmail.com

ତେବେ ତୁମର ମନ ଧୃତ ରୂପେ ମାନବ ଓ ଦମ୍ଭିତା ହେବ । ବର୍ତ୍ତମାନ ଚାଲ ଆମେ ଗୁଡ଼ ଦେଇ ଆସୁଁ ।

[ ସମସ୍ତଙ୍କର ପ୍ରସ୍ଥାନ ]

( ଶିବମିତ୍ର ଓ ଜେମସ୍ ଦଲେଇର ପ୍ରବେଶ )

ଜେମସ୍—କାହିଁ ? ବାବାଜୀ ତ ନାହାନ୍ତି । ସେ ସ୍ତ୍ରୀମାନଙ୍କ ସାଙ୍ଗରେ ଗଲେ କି ? ହେଲା ! ବାବାଜୀଙ୍କ କଥା ଜଣା ପଡ଼ିଲା । ଭଣ୍ଡ ବାବାଜୀଠାଏ, ଭୁଗୁଲୁ ଏତେ ବାଟ ମାପିଲୁଁ ।

ଶିବ—ନା, ନା, ସେ ସେ ପ୍ରକାର ଭଣ୍ଡ ବାବାଜୀ ନୁହନ୍ତି । ତାଙ୍କ କଥା ଅତି ଚମତ୍କାର, ତାଙ୍କୁ ଉପହାସ ବା ନିନ୍ଦା କରନା । କେହି କେହି ସାଧୁଙ୍କର ଏପରି ଶକ୍ତିଥାଏ ଯେ, ସହସ୍ର କୋଶ ଅନ୍ତରରେ ତାଙ୍କର ପ୍ରସଙ୍ଗ ପଡ଼ିଲେ ସେ ସେହିକ୍ଷଣି ଜାଣି ପାରନ୍ତି । ଏ ବାବାଜୀ ସେପରି ଶକ୍ତି ଦ୍ୱାରା ତୋର ଉପହାସ ଜାଣି ପାରିଲେ ବଡ଼ ବିଷମ ହେବ ।

ଜେମସ—ତେବେ ସେ କୁଆଡ଼କୁ ଗଲେ, ଏତେ ବାଟ ଆସି କଣ ବାହୁଡ଼ି ଯିବା ?

ଶିବ—ନା, ଯିବା ନାହିଁ, ଦଣ୍ଡେ ଅପେକ୍ଷା କରିବା । ବୋଧ ହୁଏ ସେ ବାହାରକୁ ଯାଇଥିବେ ଏହିକ୍ଷଣି ଆସିବେ । ଏ ସ୍ଥାନର ଶୋଭା ଦେଖ୍ । ଆହା ! କେମନ୍ତ ମନୋରମ୍ୟ ହୋଇଛି ! ଚନ୍ଦ୍ର କିରଣରେ କେଡ଼େ ସୁନ୍ଦର ଦିଶୁଛି ! ବାବାଜୀ ଆଶ୍ରମ ସ୍ଥାନଟିଏ ମନୋହର କରିଛନ୍ତି । ସେ ଯାଉନ୍ତୁ, ଆମର ଦିନେ ଏଠାରେ ମଉଜ କରିବା । ସବୁ Friendsଙ୍କୁ (ସଙ୍ଗମାନଙ୍କୁ) ଏ ସ୍ଥାନକୁ ଆଣିବା । ସେ ଏବେ କେଉଁ ଗାଉଛି, କେମନ୍ତ ଶୁଣା ଯିବ ?

Digitised by srujanika@gmail.com

ଜେମସ୍—ଯୋଉ ମଜା ହବ ଖାଇ ତା କାହିଁକି କହୁଚ ? ମଉଜକୁ ତ ସ୍ଥାନ ଇଏ ! ରାଧୀ, ଜେମୀ ଦୁହିଁଙ୍କୁ ଆଣିବା । ଜଣକେ କିଛି ଜମିବ ନାହିଁ, ନା ମଜା ହବ ନାହିଁ । Country ଓ Exshow (ଦେଶୀ ସୁରା ଓ ବ୍ରାଣ୍ଡି) ଏ ଦୁଇ ରକମ ଆଣିବାକୁ ହବ । ଏସବୁ ନ ହେଲେ କିଛି ମଜା ହବ ନାହିଁ ।

ଶିବ— ତା ନ ହେଲେ ଆଉ କଣ ହବ ? Wine and women are the to things in the world, Ah ! (ସୁରା ଓ ସ୍ତ୍ରୀ ସଂସାରରେ ସାର) । ଆରେ ଆଜ ଜେମୀ ଓ ରାଧୀର ଗାଉଣା ହବାର ଥିଲା । ଏଠାକୁ ଆସିବାର ହବାରୁ ମନାକରି ପଠେଇଲି ।

ଜେମସ୍—ଆଜି ନ ହେଲା ନାହିଁ, ସେ ଦିନ ମନ ଇଚ୍ଛା ସବୁ ହବ । ହେଇ, ବାବାଜୀ ଆସୁଛନ୍ତି ।

ବାବାଜୀଙ୍କର ପ୍ରବେଶ

(ଶୀବ ଟ ୦ ୫ ଓ ଜେମସ୍ ଟ ୦ ୮ ପ୍ରଣାମୀ ଦେଇ ପ୍ରଣାମ କଲାରୁ)

ବାବାଜୀ—ମଙ୍ଗଳ ହଉ ବାବା, କୁଆଡ଼େ ଆସିବା ହେଲେ ?

ଶିବ—ଆପଣଙ୍କର ଚରଣ ସେବାକୁ ଆସିଲୁ ।

ବାବାଜୀ—ଆପଣଙ୍କର ନିବାସ ?

ଶିବ— ବଙ୍ଗ ଦେଶ ଆମର ମାତୃଭୂମି, କିନ୍ତୁ ଆମ ପିତାଙ୍କର ଏଠାରେ ଗୃହସ୍ଥି ହବାରୁ ସେହି ସମ୍ବନ୍ଧରୁ ଏ ଦେଶରେ ରହିଅଛୁଁ । ଆମର ମଧ୍ୟ ଗୃହସ୍ଥି ଅଛି ।

ବାବାଜୀ—ଏ ବାବୁ କଣ ଏହିପରି ଗୃହସ୍ଥି ରୂପରେ ଏଠାରେ ରହନ୍ତି ?

ଶିବ— ଆଜ୍ଞା ନା, ସେ ଏ ଦେଶୀୟ ହିନ୍ଦୁଆ, ତାଙ୍କର ଗୃହସ୍ଥି ଥିଲା କି ନାହିଁ

Digitised by srujanika@gmail.com

ବାବାଜୀ—କେମନ୍ତ ! ସେ ଓଡ଼ିଆ, ଠିକ୍ ବଙ୍ଗାଳୀ ପରି ଦୁଶ୍ଚରିତ୍ର !
ବର୍ଣ୍ଣରେ କଣ ?

ଶିବ— ସେ କିରସ୍ତାନ ।

ବାବାଜୀ—ଆପଣ ହିନ୍ଦୁ ପରା ?

ଶିବ—ଆଜ୍ଞା ।

ଜେମସ—ନାହିଁ ମହାରାଜ ସେ ହିନ୍ଦୁ ନୁହେଁ ନା ମୁସଲମାନ୍ ନୁହେଁ, କିରସ୍ତାନ ନୁହେଁ ନା ବ୍ରହ୍ମଜ୍ଞାନୀ ନୁହେଁ । ତାହାର କିଛି ଠିକ୍ ନାହିଁ ।

ଶିବ— ନାହିଁ ମହାରାଜ, ମୁଁ ହିନ୍ଦୁ, ସେ କଣ ଜାଣେ ? ଆପଣମାନେ କିରସ୍ତାନଙ୍କ ପ୍ରତି ବିରକ୍ତ ଥାନ୍ତି । ସେ କିରସ୍ତାନ ବୋଲି ମୁଁ କହିବାରୁ, ସେ ମୋ ଉପରେ ଚଡ଼ି ଏପରି କହୁଛି ।

ବାବାଜୀ—ନାହିଁ, କିରସ୍ତାନଙ୍କ ପ୍ରତି କାହିଁକି ବିରକ୍ତ ହେବା ? ସେମାନଙ୍କ ମଧ୍ୟରେ ସୁଦ୍ଧା ଜ୍ଞାନୀ ଓ ଧର୍ମଶୀଳ ବ୍ୟକ୍ତି ଥାନ୍ତି ।

ଜେମସ୍—ହଁ ମହାରାଜ, ମୁଁ କିରସ୍ତାନ ହେଲେ କଣ ହେଲା, ମୁଁ ସବୁ ମାନେ; ମୁଁ ସେପରି ହାଡ଼୍ କିରସ୍ତାନ ନୁହେଁ । (ଯୋଡ଼ହସ୍ତ ହୋଇ) ମହାରାଜ ! ଆମେ କିଛି କାମନାରେ ଆସିଛୁ ।

ବାବାଜୀ—ଦୁଇ ଏକଦଣ୍ଡ ପୂର୍ବେ ଆପଣମାନେ ତୋଟାର ସେ ପାଖକୁ ଆସିଥିଲେ କି ?

ଜେମସ୍—ଆଜ୍ଞା, ଆପଣଙ୍କ ଦର୍ଶନକୁ ଆସୁଥିଲୁ, ପୁଣି ଟିକିଏ ନଦୀ ଦେଖିବାକୁ ଚାଲିଗଲୁ ।

ବାବାଜୀ—ଆମ ଦ୍ୱାରା ତୁମର କି କାମନା ସିଦ୍ଧ ହୋଇପାରେ ?

ଜେମସ୍—ଆପଣଙ୍କ ମହିମାରେ ସବୁ ହୋଇପାରେ ।

Digitised by srujanika@gmail.com

ବାବାଜୀ—ଆମେ ତ ମନୁଷ୍ୟ ମାତ୍ର, ଆମର କି ମହିମା !

ଶିବ—ମହାରାଜ ! ତା କହିଲେ ଆମେ କି ମାନିବୁଁ ? ସିଦ୍ଧ ପୁରୁଷ ସାଧୁଙ୍କର ମହିମା ହୁଏ । ଏହା ଅନେକ ଶୁଣା ଅଛୁ ଓ ଦେଖା ଅଛୁ ।

ବାବାଜୀ—କଣ ଦେଖିଚ କହିଲ ?

ଶିବ—ବର୍ଷେ ହେବ, ଜଣେ ପରମହଂସ ଆମ ଘରଠାରେ ପ୍ରବେଶ ହେଲେ, ତାଙ୍କର ଭୋଜନର ଆୟୋଜନ ହେଲାରୁ ସେ ଆସନରେ ବସି ଆପଣା ତାଳୁ ଉପରେ ହାତମାରି ଦିଅନ୍ତେ ମୂର୍ତ୍ତିଏ ଶାଳଗ୍ରାମ ତାଙ୍କ ପାଟି ଭିତରୁ ବାହାରି ପଡ଼ିଲେ । ସେ ଶାଳଗ୍ରାମଙ୍କୁ ପୂଜାକରି ଭୋଗ ଦେଇ ମୁଖ ମଧ୍ୟରେ ରଖି ଦିଅନ୍ତେ ଶାଳଗ୍ରାମ ତାଙ୍କର ମସ୍ତିଷ୍କ ଅର୍ଥାତ୍ ମଗଜ ମଧ୍ୟକୁ ଚାଲିଗଲେ । ସେ ପ୍ରତିଦିନ ଏହିପରି କରନ୍ତି । ମୋର ଦାଦା (ଭାଇ) ପ୍ରାୟ ନାସ୍ତିକ, ବାବାଜୀଙ୍କ ଉପରେ ବଡ଼ ଚଡ଼ନ୍ତି କିନ୍ତୁ ପରମହଂସଙ୍କର ଏପରି ମହିମା ଦେଖି ତାଙ୍କୁ ଅତି ସମ୍ମାନ କଲେ ଓ ବସ୍ତ୍ର ଇତ୍ୟାଦି ବିଦାକି ଦେଲେ । ମନୁଷ୍ୟର ମହିମା ନ ହୁଏ କିପରି ?

ବାବାଜୀ—ଆମେ ସେପରି ସିଦ୍ଧ ପୁରୁଷ ନୋହୁଁ । ଆମେ ତ ଭଣ୍ଡ ବାବାଜୀ, ଆମର କି ମହିମା ?

ଶିବ—ଏଡ଼େ ମୂର୍ଖ କିଏ ଅଛୁ ଯେ, ସେ କହିବ ଆପଣ ଭଣ୍ଡ ବାବଜୀ; ଆପଣଙ୍କର କିଛି ମହିମା ନାହିଁ ।

ବାବାଜୀ—ତୁମ୍ଭେମାନେ କହିଚ କିମ୍ବା ତୁମ ମନରେ ଏପରି ବୈଗୁଣ୍ୟ ଜନ୍ମିଛି ।

ଶିବ—ଆମ ମନରେ ଏପରି ବୈଗୁଣ୍ୟ ଥିଲେ କି ରାତି କାଳରେ ଏତେ ବାଟ ଆସିଥାନ୍ତୁ ?

Digitised by srujanika@gmail.com

ବାବାଜୀ—ଏଠାକୁ ଆସିବା ଉତ୍ତରେ ବୈଗୁଣ୍ୟ ଜାତ ହେଲା । ଆମକୁ
ତାହା ଗୋଚର ହୋଇଚ ।

ଶିବ—(ଜେମସ୍ ପ୍ରତି) ଦେଖ, ମୁଁ କଣ କହୁଥିଲି ? ଏବେ ସମ୍ଭାଳ ।
ତୁ ଯେଉଁଠି ଥିବୁ, ସବୁ ବିଗାଡ଼ିବୁ । (ବାବାଜୀ ପ୍ରତି) ହଁ
ମହାରାଜ ଏ ବାବୁ ସେପରି କିଛି କଥା ଏଠାରେ କହି
ଥିଲେ କିନ୍ତୁ ମୁଁ ତତ୍‌କ୍ଷଣାତ୍ ଠୋକି ଦେଇଛି । ସେ
କିରସ୍ତାନ, ତାଙ୍କର ସେତେଦୂର ଜ୍ଞାନ ନାହିଁ । କିରସ୍ତାନ
ମାନେ ସାଧୁ ସନ୍ଥଙ୍କ ଗୁଣ କଣ ଜାଣନ୍ତି ? ତାଙ୍କ କଥା
ଧର୍ତ୍ତବ୍ୟ ନୁହେଁ । ଯାହାହେଉ ଆମର ଦୋଷ ହେଇଛି,
ଦୟା ବହି ଦୋଷ କ୍ଷମା କରନ୍ତୁ ।

ଜେମସ୍—(କରଯୋଡ଼) ମହାରାଜ ମୁଁ ବଡ଼ ଅପରାଧ କରିଚ ।
ଆପଣ ଦୟାଶୀଳ ଓ ଅତି ମହାନ୍ ଏ କ୍ଷୁଦ୍ର ଜୀବର ଦୋଷ
କ୍ଷମା ନ କଲେ ଆଉ କିଏ କ୍ଷମା କରିବ ? "ଦଣ୍ଡିବା ଶକ୍ତି
ଯାର ଥାଇ-ସେ ପୁଣି କ୍ଷମା ଆଚରଇ ।" ( ପାଦତଳେ
ପଡ଼ି ) ମୋ ଦୋଷ କ୍ଷମା କରନ୍ତୁ ମହାରାଜ !

ବାବାଜୀ—ଉଠ ଉଠ ବାବା, ଆମେ ତୁମ ଦୋଷ କ୍ଷମା କଲୁଁ ।
ତୁମମାନଙ୍କର କି କାମନା ?

ଶିବ—ଆପଣ କଣ ତାହା ଜାଣି ନଥିବେ ଯେ, ଆମେ କହିବୁ
କାହିଁକି ?

ବାବାଜୀ—ହଁ, ତୁମ କାମନା ବିଷୟ ମଧ୍ୟ ଆମକୁ ଗୋଚର
ହୋଇଚ । ତୁମର ପିତା ବାତ ରୋଗରେ ଅତି ପୀଡ଼ିତ
ଥିବାରୁ ତାଙ୍କର ଆରୋଗ୍ୟ ସକାଶେ ତୁମର କାମନା ।
ଏ ବାବୁଙ୍କର ଚାକିରିର କାମନା ।

Digitised by srujanika@gmail.com

ଜେମସ୍—( ଶିବପ୍ରତି ) ଅହୋ ! ମହାରାଜଙ୍କର ଏପରି ମହିମା ! ମୁଁ ଚଣ୍ଡାଳ କଣ କହୁଥିଲି !

ଶିବ—ଆରେ ! ଏତ ସାମାନ୍ୟ କଥା, ଆଜି ଯେ ପ୍ରସଙ୍ଗ ଶୁଣିଲେଁ ତାହା କେଡ଼େ ଚମତକାର !

ବାବାଜୀ—କଣ ଶୁଣିଚ କହିଲ । ସଂକ୍ଷେପରେ କହିବ ।

ଶିବ—ଆପଣ ମଲା ରନ୍ଧା କୁକୁଡ଼ାକୁ ବଞ୍ଚାଇ ଦେବା ହେଲେ ସେ ପୁଣି ଜଣେ ମନୁଷ୍ୟର ପ୍ରାଣ ନେବାକୁ ବସିଲା । ଏହା କି ସାମାନ୍ୟ କଥା ?

ବାବାଜୀ—ଆଉ ଆମେ ସହି ପାରିବୁ ନାହିଁ । ଏହିକ୍ଷଣି ଦୁଇ ଜଣ ମୂର୍ଖ ସ୍ତ୍ରୀ ଯେପରି କହୁଥିଲେ, ତୁମେ ବିଦ୍ୟାବନ୍ତ ବ୍ୟକ୍ତି ହୋଇ ସେହି ପରି କହୁଚ । ବୁଦ୍ଧି ଓ ଜ୍ଞାନ ପାଇଁ ବିଦ୍ୟା ଶିକ୍ଷା, କିନ୍ତୁ ତୁମମାନଙ୍କର ଜ୍ଞାନ ବୁଦ୍ଧି କିଛିହିଁ ଦେଖୁ ନାହୁଁ । "ଯାହା ନ ଦେଖିବ ଦୁଇ ନୟନେ । ପରତେ ନଯିବ ଗୁରୁ ବଚନେ ।" ଏପରି ଅସମ୍ଭବ କଥା ଶୁଣିଲା ମାତ୍ରକେ ତହିଁରେ ବିଶ୍ୱାସ କଲ, ପୁଣି ତା କହୁଚ, ବଡ଼ ଆଶ୍ଚର୍ଯ୍ୟ ! ବୁଝିଲ, ତାହା ସମ୍ପୂର୍ଣ୍ଣ ମିଥ୍ୟା । ମନୁଷ୍ୟର ଅଲୌକିକ ମହିମା କଦାପି ହୋଇ ନପାରେ ।

ଜେମସ୍—ତେବେ ଆପଣ ଆମ କାମନା କପରି ଜାଣି ପାରିଲେ ? ଆମର ନାମ ସୁଦ୍ଧା ଏପର୍ଯ୍ୟନ୍ତ କହି ନାହୁଁ କମ୍ବା ଆମ ମନ-କଥା ଅନ୍ୟ କାହାରିଠାରେ ପ୍ରକାଶ କରି ନାହୁଁ । ଏ ଅବସ୍ଥାରେ ଆପଣ ମହିମା ବା କର୍ଣ୍ଣ-ପିଶାଚ ବିଦ୍ୟାବଳେ ଆମ ମନ କଥା ଜାଣିଥିବେ, ସନ୍ଦେହ ନାହିଁ ।

ବାବାଜୀ—କର୍ଣ୍ଣପିଶାଚ ବିଦ୍ୟା ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା । ଯେ ଦୁଇ ଜଣ ବେଶ୍ୟା ଆସିଥିଲେ ସେମାନେ କହୁଥିଲେ କି ଜଣେ

Digitised by srujanika@gmail.com

ବଙ୍ଗାଳୀ ବାବୁ ଆସିବେ ତାଙ୍କର ପିତା ବାତ ରୋଗରେ ଅତି ପୀଡ଼ିତ ଅଛନ୍ତି । ଏ ବାବୁ ତୁମର ପରିଚୟ ଦେଲା-ବେଳେ କହିଥିଲେ ଯେ ତୁମର ଗୃହକର୍ତ୍ତା ଥିଲା, ବର୍ତ୍ତମାନ ନାହିଁ । ଏତିକ ସଙ୍କେତରୁ ଆମେ ବୁଦ୍ଧି ବଳରେ ତୁମ କାମନା କଥା ଅନୁମାନ କରି କହିଲୁଁ ।

ଜେମସ୍—ଆଚ୍ଛା, ମୋ ମନର ବୈଗୁଣ୍ୟ ବିଷୟ କପରି ଜାଣିଲେ ? ତାହାତ ଦୁଇ କାନରୁ ଅଧିକ ହୋଇନାହିଁ କମ୍ବା ତହିଁର କଛି ସଙ୍କେତ ପାଇ ନାହାନ୍ତି । ଆପଣ ମତେ ଭୁଲେଇଲେ କ ମୁଁ ଭୁଲିବି ? ଦୋହି ମହାରାଜ ! ଆମ ଉପରେ ଟିକିଏ ପ୍ରସନ୍ନ ହଉନ୍ତୁ ।

ବାବାଜୀ—ତୁମର ମନର ବୈଗୁଣ୍ୟ କଥା ମଧ୍ୟ ଆମେ ଅନୁମାନ କରି କହିଲୁଁ । ତୁମେ ଯେତେବେଳେ ତୋଟାର ସେ ପାର୍ଶ୍ୱକୁ ଆସିଥିଲ, ସେତେବେଳେ ଆମ ନିକଟରେ ସ୍ତ୍ରୀ ଲୋକ ଅବଶ୍ୟ ଦେଖିଥିବ । ପୁନର୍ବାର ଆସିଲା ବେଳକୁ କାହାରିକୁ ନ ଦେଖିଲ । ଆମର ଆଚରଣ ତୁମକୁ ଜଣା ନାହିଁ ଓ ତୁମର ମନ ଦୁର୍ବଳ ଓ ଅପରିଷ୍କୃତ । ଏ ଅବସ୍ଥାରେ ତୁମ ମନରେ ବୈଗୁଣ୍ୟ ଜନ୍ମିଥିବ, ଏହା ଭାବି ଆମେ କହିଥିଲୁଁ । ଦୈବାଂ ତାହା ଠିକ୍ ଘଟିଲା । ଏହି ପ୍ରକାରରେ ଶଠ ସାଧୁମାନେ ଲୋକଙ୍କୁ ଭଣ୍ଡନ୍ତି । ଏହା ତୁମକୁ ପ୍ରତ୍ୟକ୍ଷ ଦେଖାଇବା ପାଇଁ ଆମେ ପ୍ରଥମେ କପଟ କରି ଏପରି ଭଙ୍ଗିରେ କହିଥିଲୁଁ । ଏହି ପ୍ରକାର ସବୁ ଜାଣିବ । ମହିମା, କର୍ଣ୍ଣପିଶାଚ ବିଦ୍ୟା ସମସ୍ତ ମିଥ୍ୟା ।

ଶିବ—ଆଚ୍ଛା, ସେ ପରମହଂସ ମୂର୍ତ୍ତିଏ ଶାଳଗ୍ରାମ ମୁଖରୁ ବାହାର କରନ୍ତି କପରି ?

Digitised by srujanika@gmail.com

ବାବାଜୀ—ବାଜୀକର କେଳା ମୁଖରୁ ଅବର ଓ ଠଙ୍କା ପଇସା ବାହାର କରେ କପରି ? ଜଣେ ଇଙ୍ଗରେଜ ବାଜୀକର ଟୋପି ମଧ୍ୟରୁ ଏତେ ଗୁଣ୍ଡିଏ ପେଣ୍ଡୁ ବାହାର କଲ ଯେ ସେ ସବୁ ପୁଣି ଟୋପିରେ ପୂରେଇଲ୍ ବେଳକୁ ତହିଁରେ ସ୍ଥାନ ନ ହେଲ । ସେ ପରମହଂସ ମୁଖରୁ ଗୋଟିଏ ଶାଳଗ୍ରାମ ବାହାର କରିବାର କି ଆଶ୍ଚର୍ଯ୍ୟ ? ଏହା କୁହୁକ ଅଟେ, ମହିମା ନୁହେ । ତାହାର ଏପରି ମହିମା ଥିଲେ ସେ ଦ୍ୱାର ଦ୍ୱାର ବୁଲନ୍ତା ନାହିଁ ।

ଶିବ—ଆଜ୍ଞା, ତାହା କୁହୁକ ହୋଇପାରେ ।

ଜେମସ୍—ହଁଉ, କୁହୁକ ହେଲେ କଣ ହେଲ୍, ମନ୍ତ୍ର ବଳ ତ ହେଲ୍ । ମନ୍ତ୍ରଯୋଗେ କୁହୁକ ହୁଏ ଓ ମହିମା ମଧ୍ୟ ହୁଏ ।

ବାବାଜୀ—ଓହୋ ! ଏ ବାବୁଙ୍କର ତ ଭାରି ଭ୍ରମ । କୁହୁକ ମନ୍ତ୍ର ବଳରେ ହୁଏ ନା, କିମ୍ବା ମନ୍ତ୍ରର କିଛି ହିଁ ବଳ ନାହିଁ । ମନ୍ତ୍ରର ବଳ ଥିଲେ ବାଜୀକର କେଳା ଦୁଇ ଗୃର ଅଣା ପାଇଁ ଦ୍ୱାର ଦ୍ୱାର ନ ବୁଲି ମନ୍ତ୍ର ବଳରେ ଠଙ୍କା କଉଡ଼ି ଟାଣି ଆଣୁଥାନ୍ତା । ବାସ୍ତବରେ କେତେ କୁହୁକ ଚତୁରତା ଓ ଚଞ୍ଚଳତା ଦ୍ୱାରା ହୁଏ, କେତେକ ଦ୍ରବ୍ୟ ଗୁଣରେ ହୁଏ, କେତେକ କଳ କୌଶଳେ ଓ ଯନ୍ତ୍ର ସହାୟତାରେ ହୁଏ । ଇଙ୍ଗରେଜମାନେ ମନ୍ତ୍ର ମାନନ୍ତି ନାହିଁ କିମ୍ବା ଜାଣନ୍ତି ନାହିଁ, ସେମାନେ କିପରି କେଳାଙ୍କଠାରୁ ଅଧିକ ଚମତ୍କାର କୁହୁକ ଦେଖାନ୍ତି ? ଆମେ ଗୋଟିଏ କୁହୁକ ତୁମକୁ ବୁଝାଇ ଦେଉଚୁଁ ଶୁଣ । ରବର ନାମରେ ଏକ ପ୍ରକାର ଅଠାବତ୍ ଦ୍ରବ୍ୟ ଅଛି ତାହା ଟାଣିଲେ ବଢ଼ଇ, ଚପିଲେ ଯାକି ହୁଅଇ । ତହିଁର ପୋଲ୍ ପେଣ୍ଡୁ ଚପା ହୋଇ ଟୋପିର ଲୁଗା ମଧ୍ୟରେ

Digitised by srujanika@gmail.com

ପଶିଥାଏ, ସେ ପେଣ୍ଡୁରେ ରନ୍ଧ୍ର ଥାଏ, ତାହା ଲୁଗା ମଧ୍ୟରୁ ବାହାର କଲେ ବାୟୁ ସହାୟତାରେ ତାହା ଫୁଲି ନିଦା ପେଣ୍ଡୁ ପ୍ରାପ୍ତ ହଏ । ସେ ପରମହଂସ କଲାରଙ୍ଗର ସେହି ପରି ରବର ପେଣ୍ଡୁକୁ ପାଟି ମଧ୍ୟରେ ପୂର୍ବରୁ ଯାକି ରଖିଥିଲ, ତୁମ ସାକ୍ଷାତରେ ତୁଣ୍ଡରୁ ବାହାର କଲାରୁ ତାହା ଫୁଲି ଶାଳଗ୍ରାମ ତୁଲ୍ୟ ଦୃଶ୍ୟ ହେଲ, ପୁଣି ତାହା ମୁହଁ ମଧ୍ୟରେ ପୂରେଇ କଳରେ ଯାକି ରଖିଲ, ପଶ୍ଚାତ୍ ବାହାର କରି ଗଣ୍ଠିରି ମଧ୍ୟରେ ରଖିଥିବ । ଏହି ପ୍ରକାର ସୂତ୍ରରେ ସବୁ କୁହୁକ ହୁଏ । ବୁଝିଲ ?

ଶିବ—ହଁ ମହାରାଜ ! ବୁଝିଲୁଁ ।

ବାବାଜୀ—କୌଣସି ଧର୍ମରେ ତୁମର ବିଶ୍ୱାସ ହଉନାହିଁ । ସର୍ବକର୍ତ୍ତା ଈଶ୍ୱରଙ୍କଠାରେ ମତି ହଉନାହିଁ, ଅସମ୍ଭବ କଥାରେ ବିଶ୍ୱାସ ହଉଛି ଓ ଅଳୀକ ଆମୋଦ ପ୍ରମୋଦରେ ମତ୍ତ ରହୁଛ, ବଡ଼ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ । (ଜେମସ୍ ପ୍ରତି) ତୁମେ ହିନ୍ଦୁ ଧର୍ମର ସାର କଥାରେ ଅବିଶ୍ୱାସ କରି ସେ ଧର୍ମ ତ୍ୟାଗ କଲ, ମାତ୍ର ଅସାର କଥାରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି, ଅଜ୍ଞାନତା ଓ କୁସଂସ୍କାର ଲେଶ ମାତ୍ର ଯାଇନାହିଁ । ଜ୍ଞାନ, ଧର୍ମ ଶିକ୍ଷା କରି ମନୁଷ୍ୟ ଜନ୍ମ ସଫଳ କର । ଏଥିରେ ତୁମମାନଙ୍କର ପ୍ରକୃତ ମଙ୍ଗଳ ହେବ । ଆଚ୍ଛା, ବର୍ତ୍ତମାନ ଆସ । ତୁମର ଦଣ୍ଡବଛି ଫେରି ନିଅ ।

ଶିବ—ଆପଣଙ୍କୁ ଦେଇଛୁଁ, ଆଉ କାହିଁକି ଫେରିନେବୁଁ ।

ବାବାଜୀ—ଟଙ୍କା କଉଡ଼ିରେ ଆମର କିଛି କାର୍ଯ୍ୟ ନ ଥାଏ, ଆମର ତା କଣ ହବ ? ତୁମର କିଛି କାର୍ଯ୍ୟରେ ଆସିପାରେ ।

Digitised by srujanika@gmail.com

ନଷ୍ଟ ପ୍ରୟୋଜନରେ ଦେବା ନେବାର ଉଚିତ ନୁହେଁ । ଆମେ ନବୁ ନାହିଁ, ତୁମେ ଫେରି ନିଅ ।

ଜେମସ୍—(ସ୍ୱଗତ) ବାବାଜୀ ତ ଆମ ପାଦ୍ରି ସାହେବ ପରି ବୁଝେଇଲେ, କୁସଂସ୍କାର ବିଷୟରେ ସାହେବ ଯାହା କହନ୍ତି ତାହା ସତ ଅଟେ ।

ଶିବ ଓ ଜେମସ୍—( ପ୍ରଣାମି ଫେରାନେଇ ) ଆଜ୍ଞା, ମହାରାଜ ! ଆମେ ଆସିଚୁଁ । ଦଣ୍ଡବତ ।

ବାବାଜୀ—ମଙ୍ଗଳ ହଉ, ଧର୍ମରେ ମତି ଓ ଈଶ୍ୱରଙ୍କ ଠାରେ ଭକ୍ତି ହଉ ।

[ ଶିବ ଓ ଜେମସ୍‌ଙ୍କର ପ୍ରସ୍ଥାନ ]

( ଆନନ୍ଦ ପୂଝାରୀର ପ୍ରବେଶ )

ବାବାଜୀ—କିରେ ବାବା, ପୁଣି କାହିଁକି ?

ପୂଝାରୀ—ମହାରାଜ ! ଆଜି ମୁଁ ବଡ଼ ଅପରାଧ କରିଚି, ଆପଣ ଆସିଲାବେଳୁଁ, ମୋ ମନ ଯେପରି ସନ୍ତାପିତ ହେଉଚି ତାହା ମୋ ମନଇ ଜାଣେ । ଆପଣଙ୍କୁ ଭୋଜନ ନ କରାଇଲେ ମୋ ମନ ସ୍ଥିର ହବ ନାହିଁ । ଠାକୁରଙ୍କର ପ୍ରସାଦ ଆଣିଚି, ଆପଣ ଅନୁଗ୍ରହ କରି ଏହା ଭୋଜନ କରିବା ହଉନ୍ତୁ । ନ କଲେ ମୁଁ ଅତି ଦୁଃଖିତ ହେବି, ମରଣ ତୁଲ୍ୟ ତ ହବ, ଅଧିକ କଣ କହିବି ?

ବାବାଜୀ—ଆମ ପାଇଁ ପ୍ରସାଦ ଆଣିଚୁ । ଆଚ୍ଛା ଆଚ୍ଛା, ତୋର ଏପରି ସୁମତିରେ ଆମେ ଅତି ସନ୍ତୁଷ୍ଟ ହେଲୁଁ । କିନ୍ତୁ ଆମେ ତୋତେ ଗୋଟିଏ ଗୁପ୍ତ ପ୍ରସଙ୍ଗ ପଚାରିବା, ତୁ ସତ୍ୟ କହିବାର ପ୍ରତିଜ୍ଞା କଲେ ଆମେ ପ୍ରସାଦ ପାଇବା; ନଚେତ୍ ଗ୍ରହଣ କରିବା ନାହିଁ ।

Digitised by srujanika@gmail.com

ପୃଛାରୀ—ମହାରାଜ ! ମୁଁ ଯାହା ଜାଣୁଥିବି ଅବଶ୍ୟ କହିବି ।
ଆପଣ ଭୋଜନରେ ବସନ୍ତୁ । କଥାବାର୍ତ୍ତା ହବ, ଭୋଜନ
ବେଳେ ଗପ ହେଲେ ବଡ଼ ସୁଖ ହୁଅଇ ।

ବାବାଜୀ—ସତ, ଆଗୁ କଣ ଆଣିଚୁ ଆଣ୍ ।

( ବାବାଜୀ ଭୋଜନରେ ବସିଲନ୍ତି )

ପୃଛାରୀ—ଏ ସ୍ଥାନଟି ଅତି ଉତ୍ତମ, ବଡ଼ ନିରୋଳା, ଲୋକଙ୍କର
ଅଧିକ ଗତାୟତ ନାହିଁ, ଆପଣଙ୍କୁ ଭଲ ହୋଇଥିବ ।

ବାବାଜୀ—ନାହିଁ ବାବା, ତୋର ଯୋଗେ ଦୁଇ ଗୁର ଲୋକ ଆସି
ଆମକୁ ବିରକ୍ତ କଲେଣି ।

ପୃଛାରୀ—ମୋ ଯୋଗେ କପରି ମହାରାଜ !

ବାବାଜୀ—ତୁ ଉପହାସରେ ଆମର ମହିମା କଥା ଯାହା କହିଥିଲୁ,
ଲୋକେ ତାହା ସତ ବୁଝି ଆମ ଠାକୁ ଆପଣା କାମନା ସିଦ୍ଧି
ପାଇଁ ଆସିଥିଲେ । ଭଲ, ଏପରି ମିଥ୍ୟା କଥା କପରି ରଟାଇ
ଦେଲୁ ?

ପୃଛାରୀ—ମହାରାଜ ! ମୁଁ କାହାରିକୁ ଏ ପ୍ରସଙ୍ଗ କିଛି କହି ନାହିଁ ।
ଦାମା ସେ କଥା ଶୁଣି ଅଧିକରେ କାହାରିକୁ କହିଥିବ,
ସେ ବ୍ୟକ୍ତି ତହିଁରେ ଆଉ କିଛି ବ୍ୟତିକ୍ରମ କରିଥିବ,
ଏହି ପ୍ରକାରରେ ସେ କଥା ସତ୍ୟ ପ୍ରାୟ ଉଠିଥିବ । ମୂର୍ଖ
ଲୋକେ କୌଣସି କଥା ଠିକ୍ କରି ବୁଝିବେ ନାହିଁ ନା ଠିକ୍
କରି କହିବେ ନାହିଁ । ଝାଡ଼ାବାନ୍ତି ରୋଗ ଉପସ୍ଥିତ ହେଲେ
ନାନାଦି ଅସମ୍ଭବ କଥା ବାହାରେ, କାଳସୀମାନେ
ଠାକୁରାଣୀ ଲାଗିବାର ଛଳ କରି ନାନାଦି କଥା କହି ଆଗୁ
ପଣେ ଉପାର୍ଜନ କରନ୍ତି ବା ମାନ୍ୟ ପାଆନ୍ତି । ଖଲ ଲୋକେ
କିଛି ଲଭାଶାରେ ବା କୌତୁକ ଦେଖିବା ପାଇଁ ନାନାଦି

Digitised by srujanika@gmail.com

ଆଜ୍ଞା ପତ୍ରିକା ବାହାର କରନ୍ତି । ପ୍ରାୟ ସମସ୍ତେ ତାଙ୍କଠାରେ ବିଶ୍ୱାସ କରି ତଦନୁସାରେ କାର୍ଯ୍ୟ କରନ୍ତି । ଅନ୍ୟ ଇତର ଲୋକଙ୍କ କଥା ଛେଡ଼ିକି ଥାଉ, କେତେକ ବାବୁ ଭାୟା ମଧ୍ୟ ଏ ସବୁ ମାନନ୍ତି, କିନ୍ତୁ ମୁଁ ମାନେ ନା । ମୁଁ ଦୁଷ୍ଟ ହେଲେ କଣ ହେଲା ? ମୋର ବୁଦ୍ଧି ଅଛି, ସାହସ ଅଛି ମୁଁ ମୁଦ୍ରା ଧରି କେତେ କାଳଶୀଙ୍କୁ ଭଣ୍ଡାର କରି ଦେଇଛି ।

ବାବାଜୀ—ଲୋକେ ଏପରି ଅବୋଧ, ବଡ଼ ଦୁଃଖର ବିଷୟ । ବାବୁଙ୍କର ସବୁ କୁଶଳ ତ ?

ପୂଝାରୀ—ଆଜି ବାବୁଙ୍କର ଅନନ୍ତ ଶଯ୍ୟା କାଲିକୁ ଯେପରି ହବ । ଆଜି ସେ ନିଶ୍ଚିନ୍ତ, ଆମେ ନିଶ୍ଚିନ୍ତ । ହଁ ସବୁ କୁଶଳ ।

ବାବାଜୀ—ତୋର ଅନ୍ନଦାତାକୁ ଉପହାସ କରୁଚୁ !

ପୂଝାରୀ—ନାହିଁ ଉପହାସ କରୁ ନାହିଁ ଯେ । ମୁଁ କେତେବେଳେ କେମନ୍ତେ ଟିକିଏ ରଙ୍ଗରେ କଥା କହି ଦିଏଁ । ବାବୁଙ୍କ ସଙ୍ଗରେ ମଧ୍ୟ ଦୁଃଖ ସୁଖ ପଡ଼େ, ହସ କୌତୁକ ହୁଏ । ଆମ୍ଭ ବାବୁ, ଯେପରି ଗୁଣବନ୍ତ ସେହିପରି ଶାନ୍ତ ଓ ଦୟାବନ୍ତ, ରାଗ ଅହଙ୍କାର ଟିକିଏ ନାହିଁ । ଆପଣ କି ଗୁପ୍ତ କଥା ପଚାରିବାର କହୁଥିଲେ ?

ବାବାଜୀ—ସତ କହିବୁଟି କି କପଟ କରିବୁ ତ ନାହିଁ ?

ପୂଝାରୀ—ନାହିଁ ମହାରାଜ, କପଟ କରିବି ନାହିଁ । ଥରେ ହୁଡ଼ିଲି ବୋଲି କି ସବୁଥର ହୁଡ଼ିବି ? ଲୋକ ଦେଖି ବ୍ୟବହାର କରିବାକୁ ହୁଏ ନା ?

ବାବାଜୀ—"ଲୋକ ଦେଖି ବ୍ୟବହାର କରିବାକୁ ହୁଏ"—ଏଥିର ଅର୍ଥ କଣ ?

Digitised by srujanika@gmail.com

ପୂଝାରୀ—ଭଲ ଲୋକ ସଙ୍ଗରେ ଭଲ ବ୍ୟବହାର, ମନ୍ଦ ଲୋକ ସହିତ ମନ୍ଦ ବ୍ୟବହାର । ଯେ ମୋର ମନ୍ଦ କଲା ମୁଁ ତାକୁ କାହିଁକି ଛାଡ଼ିବି ? ମୁଁ ମଧ ତାହାର ମନ୍ଦ କରିବି ।

ବାବାଜୀ—ନା ନା, ଏହା ଉଚିତ୍ ନୁହେଁ, ଯେଉଁ ବ୍ୟକ୍ତି ତୋହର ମନ୍ଦ କଲା, ସେ ଦୋଷୀ ହେଲା । ସେ ତହିଁର ଦଣ୍ଡ ଇହକାଳ ବା ପରକାଳରେ ନିଶ୍ଚୟ ପାଇବ । ତୁ ଯେବେ ତାହାର ମନ୍ଦ କଲୁ ତୁ ମଧ ସେହିପରି ଦୋଷୀ ହେଲୁ , ସେହିପରି ଦଣ୍ଡ ପାଇବୁ । ତେବେ ତୋର ଲାଭ ହେଲା କଣ ? କାହାରି ପ୍ରତି ଅଯଥାର୍ଥ ବ୍ୟବହାର କରିବାର ଉଚିତ ନୁହେଁ ।

ପୂଝାରୀ—ସତ । ସେତେ ଜ୍ଞାନ ଆମର ନ ହେବାରୁ ତ ଏପରି ଦଶା । ଗୁପ୍ତ କଥାଟି କଣ କହିବା ହେଉନ୍ତୁ ।

ବାବାଜୀ—ତୁ ଗାରୁଡ଼ି ବିଦ୍ୟା ଜାଣୁ ?

ପୂଝାରୀ—ହଁ ମହାରାଜ, ମୁଁ ଆଗୁ ଜାଣେ ।

ବାବାଜୀ—ହନୁସିଂହର ଝିଅଠାରୁ ତୁ ଭୂତ ଛଡ଼ାଇଥିବାର ଆମେ ଶୁଣିଚୁ । ତହିଁର ପ୍ରକୃତ କଥା କହନ୍ତ ?

ପୂଝାରୀ—ମହାରାଜ ! "ଷଟକର୍ଣ୍ଣ ମନ୍ତ୍ରଭେଦ" ଏପରି ନିଷେଧ ଅଛି ମୁଁ ତାହା କହିବ ନାହିଁ, ତାହା ପ୍ରକାଶ ହେଲେ ମୋ ବୃତ୍ତି ମରିଯିବ । ମୋ ଦୋଷ କ୍ଷମାକର ।

ବାବାଜୀ—ଆମେ ନିଶ୍ଚୟ କହୁଚୁ , ତୋ କଥା କଦାପି ପ୍ରକାଶ କରିବୁ ନାହିଁ । କାଲି ତ ଆମେ ଏଠାରୁ ଗୁଳିଯିବା, କହିବା ଅବା କାହା ଆଗରେ ? ଗୁଣି ବୃତ୍ତିଟି ଠକ ବୃତ୍ତି, ଆମେ ଏହା ଜାଣୁ । ଏଥିଲାଗି "ଷଟ୍ କର୍ଣ୍ଣ ମନ୍ତ୍ରଭେଦ" ନିଷେଧ ବିଧିଟି ହେଇଚି । ତୁ କପଟି ଠକୁ , ଏତିକ ଜାଣିବାର

Digitised by srujanika@gmail.com

ଆମର ଇଚ୍ଛା । ତୁ ଯେତେବେ ପ୍ରତିଜ୍ଞା ଲଙ୍ଘନ କରିବୁ ତେତେବେ ଆମ୍ଭେ ଆଉ ଭୋଜନ କରିବୁ ନାହିଁ ।

ପୂର୍ଣ୍ଣାଗ୍ରୀ—ମୁଁ କହୁଚି, ମହାରାଜ ଭୋଜନ କରନ୍ତୁ ଆପଣଙ୍କୁ ଦୋହି ପରମେଶ୍ୱରଙ୍କର, କଦାପି ପ୍ରକାଶ କରିବେ ନାହିଁ । ହନୁଫିହର ଭାର୍ଯ୍ୟା ସଙ୍ଗେ ମୋର ପ୍ରଣୟ ଅଛି । ମୋର ନାମ ବାହାର ହବା ସକାଶେ ମୋହର ଶିକ୍ଷାରେ ସେ ଛଟା କରିଥିଲା, ଗୁଣିମାନେ ଝାଡ଼ିଲା ବେଳକୁ ସେମାନଙ୍କ ଉପରେ ଚଢ଼ିବସିଲା । ମୋର ଜଣେ ସଙ୍ଗୀ ଅଛି, ସଙ୍ଗୀ ନ ଥିଲେ ଗୁଣି ବିଦ୍ୟା ଭଲ ଚଳଇ ନାହିଁ । ସେ ହନୁଫିହ ନିକଟରେ ମୋର ଭାରି ପ୍ରଶଂସା କରିବାରୁ ହନୁ ମୋତେ ଡାକିଲା । ମୁଁ ଯାଇଁ ତାହାର ଭାର୍ଯ୍ୟାକୁ ଝାଡ଼ିଲା ମାତ୍ରକେ ସେ ଭଲ ହୋଇଗଲା ; ତହୁଁ ମୋର ନାମ ଖ୍ୟାତ ହେଲା । ଏବେ ଯୋଉଁଠି ଭୂତ ଲଗୁଛି ଆଗେ ମୋତେ ଡାକିବା; ପଡୁଚି । ଭୂତ ତ ମିଛ, ସେମାନେ ଆପଣାର କିଛି ଅଭିପ୍ରାୟରେ ଛଟା କରିଥାନ୍ତି, କିଛି ନାସରେ ଆସ୍ଥିତ ହୁଅନ୍ତି । ଛଟା ନଥିଲେ ବାତ ପିତ୍ତ ବା ଅନ୍ୟ କିଛି ରୋଗ ଥାଏ, ମାତ୍ର ଏହା କ୍ୱଚିତ ଘଟେ ।

ବାବାଜି—ତେବେ ତୁହି ଭୂତ ହୋଇ ଲଗିଲୁ , ତୁହି ଗୁଣିଆ ହୋଇ ଝାଡ଼ିଲୁ ? ଏତିକରେ ତୋର ନାମ ବାହାରିଲା, ନା, ଆଉ କିଛି ଉପାୟ କରିଥିଲୁ ?

ପୂର୍ଣ୍ଣାଗ୍ରୀ—ଆଉ କିଛି କରିଥିଲି—ଜଣକୁ ତିନିଟଙ୍କା ଦେଇ କରଗତ କଲି । ଖଣ୍ଡେ ଭଙ୍ଗା ଛୁଞ୍ଚ, ନଖ ଓ ଚେରକୁ ବାଳରେ ଗୁଡେଇ ତାକୁ ଦେଇ କହିଲି କି ଯେତେବେଳେ ମୋ ନିକଟରେ ଅନେକ ଲୋକ ଥିବେ ତୁ ତେତେବେଳେ

Digitised by srujanika@gmail.com

ମୋଠାକୁ ଏହାକୁ ଘେନ ଆସି କହବୁ—ପୃଛାଣ୍ଟ ! ଆପଣ କାଲି ଯେ ପାଣି ମନ୍ତ୍ରି ଦେଇଥିଲେ ସେ ପାଣି ପିଇବାର ଘଣ୍ଟାକରେ ବାନ୍ତ ହୋଇ ଏ ଔଷଧ ମୋ ପେଟରୁ ବାହାରି ପଡ଼ିଲା । ଆଜି ମୋ ଦେହ ବାର ପଣରେ ଭଲ ହୋଇଛି, ମୁଁ ରୋଗ ବୁଝି କେତେ ଔଷଧ କଲି କିଛି ଧରିଲା ନାହିଁ । ଏହି କିମିଆ ତ ମୋତେ ଖାଉଥିଲା, ଔଷଧ ଗୁଣ କରନ୍ତା କୁଆଡ଼ୁ ? ମୋ ପ୍ରାଣ ଉପରେ ପଡ଼ିଥିଲା ଆପଣଙ୍କ ଯୋଗେ ପ୍ରାଣ ପାଇଲି । ଏହା କହି ମୋତେ ଟଙ୍କାଟିଏ ଦେଇ ଗୋଡ଼ତଳେ ପଡ଼ିବୁ, ବାକି ଦୁଇ ଟଙ୍କା ତୋହୋର । ସେ ଠିକ୍ ଏହିପରି କଲା । ଦେଖିବା ଲୋକେ ଚକିତ ହୋଇ ମୋର ବଡ଼ ପ୍ରଶଂସା କଲେ, ମୋ ନାଁ ବାଜିଗଲା ।

ବାବାଜୀ—ଆଚ୍ଛା, ବଳି ମାହାନ୍ତ ଘରେ ଭୂତର ଉତ୍ପାତ ବୃତ୍ତାନ୍ତ କହିଲୁ ?

ପୃଛାଣ୍ଟ—ବଳି ମାହାନ୍ତ ସଙ୍ଗେ ମାଗୁଣି ମାହାନ୍ତର ଘୋର ବିବାଦ । ବଳି ଘରେ ଭୂତ ବା ଗୀର ବାଉଁଶର ଉତ୍ପାତ କରେଇବା ପାଇଁ ମାଗୁଣି ମୋତେ ଦଶ ଟଙ୍କା ଯାଚିଲା । ତହୁଁ ମୁଁ ବଳିର ଦାସୀକୁ କରଗତ କରି ତାହା ଦ୍ୱାରା ଓ ମୋହୋର ମନ୍ତ୍ରୀ ଦ୍ୱାରା ତାହା ଘରେ ନାନାଦି ଉପଦ୍ରବ କରେଇଲି । ଏଥି ମଧ୍ୟରେ ମୋର କପାଳ ସୁଯୋଗକୁ ଦିନେ ସଞ୍ଜରେ ବଳିର ବଡ଼ ପୁଅ ନନ୍ଦ ବାଉଳା ରୋଗରେ ଅଚେତନ ଅବସ୍ଥାରେ ଦୁଇ ପା ବାଟ ଚାଲିଯାଇ, ଗୋଟିଏ ଗାଡ଼ିଆରେ ପଡ଼ିଯିବାରୁ ତାହାର ଚେତନା ହେଲା । ଏ ରୋଗର ଲକ୍ଷଣ ଏହି ପ୍ରକାର, କିନ୍ତୁ ଲୋକେ ବୁଝିଲେ ଭୂତ ତାକୁ ଉଠେଇ ନେଇ ଗଡ଼ିଆରେ ମାଡ଼ି ଦେଲା । ବଳି ବଡ଼

Digitised by srujanika@gmail.com

କାତର ହୋଇ ମୋତେ ପନ୍ଦର ଟଙ୍କା ଯାଚିବାରୁ ଲୋକ ଦେଖିବାକୁ ପୂଜା କରି କୁକୁଡ଼ା ବଳି ଦେଲି । ଡାକ୍ତରଠାରୁ ଔଷଧ ମାଗିଆଣି ତାହାର ପୁଅକୁ ଖୁଆଇଲି, ସବୁ ଶାନ୍ତ ହୋଇଗଲା । ହିଷ୍ଟିରି ସ୍ତ୍ରୀଙ୍କ ରୋଗ ମଧ୍ୟ ଏହିପରି ଭୂତ ବା ଜୀନର ଉତ୍ପାତ ହୋଇଥାଏ । ଜଣେ ବଙ୍ଗାଳୀ ବ୍ରାହ୍ମଣୀ ଆପଣାର ମନ୍ଦ କାମନାର ସୁବିଧା ପାଇଁ ଜୀନ ଉତ୍ପାତ ଏପରି ଭଙ୍ଗିରେ ରଚନା କଲା ଯେ, ଭଦ୍ରକରେ ତାହାର ଘର ଲୋକେ ଜୀନ ସକାଶେ ଗୋଟିଏ ଘର ଛାଡ଼ି ଦେଲେ । ବର୍ଷେକାଳ ଏହିପରି ଚାଲିଗଲା, ଦୈବାତ୍ ଦିନେ ଜୀନ ଭୂତ (ବିଟ ପୁରୁଷ) ସେ ସ୍ତ୍ରୀର ସ୍ୱାମୀ ଦ୍ୱାରା ଧରାପଡ଼ିବାରୁ ଉତ୍ପାତ ଶାନ୍ତ ହେଲା ।

ବାବାଜୀ—ଆଉ କଣ ଜାଣୁ କହିଲୁ ?

ପୂଜାରୀ—ମୋର ତ ସବୁ ବିଦ୍ୟା ନେବ, ମୁଁ ଆଉ କରିବି କଣ ?

ବାବାଜୀ—ଅରେ, ଆମେ କାହିଁକି ତୋର ବିଦ୍ୟା ନେବା ? ଶୁଣିବାକୁ କୌତୁକ ଲାଗୁଛି, କହ କହ ।

ପୂଜାରୀ—ଏ ଦେଶରେ ଉତ୍ତମ ବଇଦ ନ ଥିବାରୁ ରୋଗ ବିଷୟରେ ଘୋର ଭ୍ରମ ଅଛି । ରକ୍ତପିତ୍ତ ରୋଗରେ ରକ୍ତବାନ୍ତି ହେଲେ କିମ୍ବା କୌଣସି ବାତ ରୋଗରେ ଦେହରେ ଛୁଞ୍ଚି ମାଇଲା ପରି ଜଣାଗଲେ, ଲୋକେ ତାକୁ ବାଣ ଫିଙ୍ଗିବାର ବୋଲି ବିଶ୍ୱାସ କରନ୍ତି । ବାତ ବା ମନ୍ଦାଗ୍ନି ରୋଗରେ ରୋଗୀ ଅତି କ୍ଷୀଣ ଓ ଦୁର୍ବଳ ହେଲେ ତାକୁ କେହି ସୁଙ୍ଘି ମନ୍ଦରଙ୍ଗା ବା କଟରାଲଗା କମିଆ କରିଥିବାର ଲୋକେ ମନେ କରନ୍ତି । କୌଣସି ରୋଗ ଚିହ୍ନା ନ ଗଲେ କିମ୍ବା ଚିକିତ୍ସା ଦୋଷରେ ଦେହ ବିକୃତଭାବ ଧଇଲେ ରୋଗୀକୁ କେହି

Digitised by srujanika@gmail.com

କଷ୍ଟ ଯାଦୁ ଟୁଣୀ କରି ଥିବାର ବିଶ୍ୱାସ ହୁଏ । ଏ ସ୍ଥଳେ ଆମର ଉପାୟ ହୁଏ । କୌ କୌ ସ୍ଥଳେ ଆମେ ରୋଗୀ ପେଟରୁ ଯାଦୁ ଔଷଧ ବାହାର କରି ଦେଖାଇ ଦେଉ଼ଁ ।

ବାବାଜୀ—ଏହା କି ପ୍ରକାର ହୁଏ ?

ମୂର୍ଖାଗ୍ରୀ—ଟିକିଏ ଚେର ଓ ନଖକୁ ବାଳରେ ଗୁଡ଼େଇ ପୂର୍ବରୁ ପାଟି ମଧ୍ୟରେ ଯାକି ରଖୁଁ । କିଛୁ ପୂଜା କରି ରୋଗୀ ପେଟରେ ଗୋଟିଏ ନଳଟିଏ ବସେଇ ମାଡ଼ି ଦେଉଁ ଓ ନଳ ଉପରେ ହଠାତ୍ ଫୁଙ୍କି ଦେଉଁ, ଫୁଙ୍କ ସହିତ ସେ କୃତ୍ରିମ ଔଷଧ ନଳ ମଧ୍ୟରେ ଯାଇ ତଳେ ପଡ଼େ । ଲୋକେ ବୁଝନ୍ତି ମନ୍ତ୍ରବଳରେ ଔଷଧ ପେଟରୁ ବାହାରି ପଡ଼ିଲା । କୌ କୌ ସ୍ଥଳେ କେବଳ ପୂଜା କରୁଁ, ଏଣେ ବୈଦ୍ୟ ଚିକିତ୍ସା ମଧ୍ୟ ହେଉଥାଏ । ଦୈବାତ୍ କେହି କେହି ଭଲ ହେଲେ ଗୁଣିର ନାମ ହୁଏ । ମାତ୍ର କେବଳ ଗୁଣି ଉପରେ ନିର୍ଭର କରି ଅନେକ ଲୋକ ମରି ପଡ଼ନ୍ତି । କିନ୍ତୁ ଜଣେ ବାବୁଙ୍କୁ ମୁଁ ଭଲ କରିଚି । ତାଙ୍କୁ ଜ୍ୱର ରୋଗରେ ବଇଦ ଅତି ଗରମ ଔଷଧ ଖୁଆଇବାରୁ ଜ୍ୱର ଛଣାହେଲା ମାତ୍ର ଗରମ ଯୋଗେ ଅରୁଚି, କଣ୍ଠ ଶୁଷ୍କ, ଦେହର ଦାହ ଇତ୍ୟାଦିରେ ବାବୁ ଶଯ୍ୟାଗତ ହେଲେ । ବଇଦର ବୁଦ୍ଧି ବଶା ହେଲା । ସେ କହିଲା ନାଡ଼ିରେ ଜର ନାହିଁ, ଏ ସବୁ କିମିଆର ଫିସାଦ । ତହୁଁ ବାବୁ ମୋତେ ଡାକିଲେ । ମୁଁ ଗରମ କଥା ବୁଝି ପାରିଲି ମାତ୍ର ତାହା ପ୍ରକାଶ ନ କରି, ବାବୁଙ୍କୁ କାଠ ପାଣି ପିଆଇଲି । ମନ୍ଦା ହଳଦୀ ଲଗାଇବାକୁ ଦେଲି ଓ ପୂଜା କଳସ ଜଳରେ ସ୍ନାନ କରାଇଲି । ଏହି ଶୀତଳ ଉପଚାରରେ ବାବୁ ଭଲ ହେଲେ । ଆହାର ଦୋଷରେ ଅଜୀର୍ଣ୍ଣ ହେଲେ, ଭୋଜନରେ କାହାରି

Digitised by srujanika@gmail.com

ମନ୍ଦ ଦୃଷ୍ଟି ହୋଇ ଥିବାର ଓ ବାଇ ଯୋଗେ ଅଥବା ଧାତୁ ଗୁଣେ ପ୍ରସବ ବେଦନା ଅଧିକ ହେଲେ ତାକୁ କେହି ବନ୍ଧ ଥିବାର ବିଶ୍ୱାସ ହୁଏ । ଏ ସ୍ଥଳେ ପାଣି ମନ୍ତ୍ରିଦେଇଁ, ପାଣିଯୋଗେ ଅବା ସ୍ୱଭାବରେ ଭଲ ହେଲେ ମନ୍ତ୍ରର ନାମ ହୁଏ । ସବୁ ମନ୍ତ୍ର ଏହି ପ୍ରକାର, ମାତ୍ର ସାପ ମନ୍ତ୍ର ମତେ କିଛି ଠିକ୍ ବୋଧ ହୁଏ, କାରଣ ମୁଁ କେବେ କେବେ କେବଳ ମନ୍ତ୍ର ଯୋଗେ ବିଷ ଉତ୍ତରିବା ଦେଖିଛି ।

ବାବାଜୀ—ନା ନା, ତାହା ମଧ୍ୟ ଠିକ୍ ନୁହେଁ । ତୁମ୍ଭର କଥା ଟେବେ ଭୂ ବୁଝି ନାହିଁ । ଯେଉଁ ସ୍ଥଳରେ କେବଳ ମନ୍ତ୍ର ଯୋଗେ ବିଷ ଉତୁରେ, ସେ ସ୍ଥଳେ ଆଦୌ ବିଷ ନ ଥାଏ । ପୃଥିବୀରେ ସବ ସୁଦ୍ଧା ୨୬୪ ଜାତିର ସର୍ପ ଅଛନ୍ତି । ତହିଁ ମଧ୍ୟରେ କେବଳ ୫୮ ଜାତିର ବିଷ ଅଛି । ବାକି ସର୍ପର ବିଷ ନାହିଁ । ବିଷାକ୍ତ ସର୍ପ ମଧ୍ୟ କୁପିତ ନହୋଇ କାମୁଡ଼ିଲେ କିମ୍ବା ତାହାର ବିଷ ଦନ୍ତ ଝଡ଼ ଯାଇଥିଲେ, ବିଷ ଚଢ଼ଇ ନାହିଁ । ଏପରି ଦଂଶନ ସ୍ଥଳେ କେବଳ ଭୟରେ ଦଂଶିତ ବ୍ୟକ୍ତିକୁ ବିଷ ଜ୍ୱାଳା ଜଣାଯାଏ ଓ କେହି କେହି ମୂର୍ଚ୍ଛା ହୋଇପଡ଼ନ୍ତି । ବୁହୁ ଗୁପଡ଼ା, ଆଉଁସିବା, ଫୁଙ୍କ ଓ ପାଣି ଯୋଗେ ଭୟ ଭାଙ୍ଗେ ଓ ଚେତନା ହୁଏ କିନ୍ତୁ ମନ୍ତ୍ରର ନାମ ହୁଏ ।

ପୃଚ୍ଛାକ—ହଁ, ଏଇଟା ହବ, ଠିକ୍ କଥା । ମନ୍ତ୍ରର ବଳ ଥିଲେ ଝାଡ଼ୁ ଝାଡ଼ୁ ବିଷ ଚଢ଼ନ୍ତା ନାହିଁ, ନା କେହି ମରନ୍ତେ ନାହିଁ ।

ବାବାଜୀ—ଆଉ କଣ ଜାଣୁ ?

ପୃଚ୍ଛାକ—କଞ୍ଚା କଣିକୁ ଚିରି ଦୁଇ ଫାଳକୁ ଚିରା ପାଖ ଭିତରକୁ କରି ଦୁଇ ଜଣ ଦୁଇ ମୁଣ୍ଡ ଧରିଲେ ଦୁଇ ଫାଳ ଆପଣା

Digitised by srujanika@gmail.com

ସୁଖେ ଟାଣି ହୋଇ ମଝିରେ ଲାଗିଯାଏ । ସ୍ୱଭାବରେ ଏପରି ହୁଏ, କିନ୍ତୁ ମୁଁ ଏହା କେତେକ ଉପାୟରେ ପ୍ରୟୋଗ କଲେ ଲୋକେ ବୁଝନ୍ତି ମନ୍ତ୍ର ବଳରେ ଦୁଇ ଫାଳ ଲାଗିଯାଏ । ମାମଲତକାରଠାରୁ ପୂଜା ଖର୍ଚ୍ଚ ନେଇ ମକଦ୍ଦମାର ଅବସ୍ଥା ଦୃଷ୍ଟିରେ ଡିଗ୍ରି ହେବାର ସମ୍ଭବ ଦେଖିଲେ, ଜୟ ହେବାର କହେଁ; ନଚେତ୍ କିଛି କଷ୍ଟ ଲେଖିବାର କହେଁ । ତାଳ-ସୁପାରି ଲଢ଼େଇରେ ଯେଉଁ କାଣ୍ଡ ହୁଏ ଯେ ସବୁ ଦୁଇ ଗୁଣୀଙ୍କ ଯୋଗ ସାଜସରେ ହୁଅଇ । ଜାଣିବା ବ୍ୟକ୍ତି ଯାହାପାଏ ତାହା ଦୁହେଁ ପଶ୍ଚାତ୍ ବାଣ୍ଟି ନଅନ୍ତି । ଏହିପରି ମୁଁ ଯେତେ ଜାଣେ ସେ ସବୁ କହିଲେ ରାତି ପାହିଯିବ । ଆପଣ ତ ଜାଣନ୍ତି, ମନ୍ତ୍ର ଯୋଗେ ଭଲମନ୍ଦ କିଛି ହୋଇ ନପାରେ । ମୁଁ ଅଧିକ କଣ କହିବି । ଏତିକି କହୁଚି ଏହା ପ୍ରକାଶ କରି ମୋ ଦାନାରେ ଧୂଳି ଦେବେ ନାହିଁ ।

ବାବାଜୀ—କଳିକାଳର ବ୍ରାହ୍ମଣ ଗାୟତ୍ରୀ ଗୁଡ଼ ଗାରଡ଼ ଶିଖିବାର କଥାଟି ଠିକ୍ ଅଟେ ।

ପୂଜାରୀ—ମୁଁ ଗାୟତ୍ରୀ ଶିଖି ନାହିଁ କି ?

ବାବାଜୀ—କଣ ଶିଖିଚୁ କହିଲୁ ?

ପୂଜାରୀ—ମହାରାଜ ! ଆପଣଙ୍କଠାରେ କଣ କପଟ କରିବି ? ଗାୟତ୍ରୀ ପଦେ ମନେ ପଡ଼ୁଚି, ପଦେ ମନେ ପଡ଼ୁ ନାହିଁ । ପିଲାଦିନେ ଗାୟତ୍ରୀ ଓ ପୂଜା ମନ୍ତ୍ରଗୁଡ଼ାଏ ଶିଖିଥିଲି, ବର୍ତ୍ତମାନକୁ ଅନେକ ପାସୋରି ଗଲିଣି ।

ବାବାଜୀ—ତେବେ ଠାକୁର ପୂଜା କରୁ କପରି ?

ପୂଜାରୀ—ମାରି ଚାଳି, ଉଠା ଥାଳି । ନାକ କାନ ଛୁଇଁ, ଘଣ୍ଟି ବଜାଇଲେ ହେଲା । ଠାକୁରଙ୍କୁ ବେଶ କରିଦେଲେ

Digitised by srujanika@gmail.com

ଲୋକେ ଦେଖି ପ୍ରେମରେ ଗଡ଼ଯାନ୍ତ, ମନ୍ତ୍ର କଥା କଏ ବୁଝୁଚି ? ଅନେକ ପୂଜାରୀଙ୍କ ପୂଜା ଏହି ପ୍ରକାର ।

ବାବାଜୀ—ତୁ ବୁଦ୍ଧ ଠକଟିଏ । ହଁ, "ରଜା ଖାଏ ଚଣ୍ଡି, କେଳା ଖାଏ ଭଣ୍ଡି ।"

ପୂଜାରୀ—ମୁଁ ଠକ କପରି ? ଗୁଣି ବ୍ୟବସାୟ ତ ଏହି ପ୍ରକାର, ମୁଁ ତ ଗୁରୁଠାରୁ ଏହିପରି ଶିକ୍ଷା ପାଇଚି । ଅନ୍ୟ ଲୋକ ପରି ଗୁଣି ବିଦ୍ୟାରେ ମୋର ବିଶ୍ବାସ ଥିବାରୁ, ତାର ସାଧନା କରିବାର ମୋର ବଡ଼ ଇଚ୍ଛା ହେଲା । ତହୁଁ ମୁଁ ଜଣେ ପ୍ରଧାନ ଗୁଣୀକୁ ଗୁରୁ କଲି । ସେ ମୋତେ ଏହି ପ୍ରକାର ଶିକ୍ଷାଦେଇ କହିଥିଲେ ମନ୍ତ୍ର, ଭୂତ, ଘାର, ବାଉଁଶ ସବୁ ମିଛ । ସେପରି ଲୋକଙ୍କୁ କହିବାକୁ ହୁଏ । ମୁଁ ତ ଏକା ନୁହେଁ । ସକଳ ଗୁଣୀଙ୍କର କାଣ୍ଡ ଉଣା ଅଧିକରେ ଏହି ପ୍ରକାର । ଆମେ ତ ବଳେ ବଳେ କାହାରିଠାକୁ ଯାଉ ନା, ଲୋକେ ଆମକୁ ନେହୁରା କରି ଡାକନ୍ତି । କଉଡ଼ି କଣ କାହାରିକୁ ପୀଡ଼ା ହୋଇଚି ?

ବାବାଜୀ—ଅଜ୍ଞାନତା, ଭ୍ରମ ଓ କୁସଂସ୍କାର ହେତୁ ଲୋକଙ୍କର ଗୁଣି ବିଦ୍ୟାରେ ବିଶ୍ବାସ ଥିବାରୁ ସେମାନେ ଗୁଣୀଙ୍କୁ ନେହୁରା କରନ୍ତି, ନଚେତ୍ ପଗ୍ଭରନ୍ତେ ନାହିଁ । ତୁ ଯେବେ ଜାଣିଶୁଣି ସେମାନଙ୍କୁ ଭଣ୍ଡିଲୁ ତେବେ ତୁ ଠକ ହେଲୁ ନାହିଁ ?

ପୂଜାରୀ—ଏକ ପ୍ରକାର ହେଉଚି ।

ବାବାଜୀ—ଏ ବୃତ୍ତି ଛାଡ଼ି ଦେଲେ ମୋ ନିର୍ବାହ ଚଳିବ କପରି ? ବାବୁଙ୍କଠାରୁ ଦେଢ଼ଟଙ୍କା ଦରମାହା ପାଏଁ । ସେଥିରେ କି ମୋ କୁଟୁମ୍ବ ପୋଷା ଯିବେ ? ଆପଣ ପିନା ତିନି ଦଉଡ଼ି କାଟି ଦେଇ ବସିଚନ୍ତି । ମୋ ବେକରେ ପାଞ୍ଚ ପ୍ରାଣୀ ବନ୍ଧା ।

Digitised by srujanika@gmail.com

ବାବାଜୀ—ତେବେ କଷ୍ଟ ସଦୁପାୟ କରି କଉଡ଼ି ଉପାର୍ଜନ କର, ଅସତରେ ରହନା ।

ପୂଜାରୀ—ବୁଝିଲି ନାହିଁକି ମହାରାଜ ! ଯେ ସତରେ ରହିଲା, ସେ ମରି ପଡ଼ିଲା । ଯେ ଅସତ୍‌ରେ ରହିଲା, ତାହାର କଉଡ଼ି ମାଡ଼ି ଗଲା ।

ବାବାଜୀ—ନା ନା, ଏହା ବଡ଼ ଭ୍ରମ ଅଟେ । ସତରେ ପଣେ ଭଲ, ଅସତ୍‌ରେ କାହାଣେ ଭଲ ନୁହେଁ । "ଅସତ୍ ଧନ ଫଳେ ବହୁତ, ଯିବା ବେଳେ ଯାଏ ମୂଳ ସହିତ ।"

ପୂଜାରୀ—ତାହା ମୁଁ ଜାଣେ ନାହିଁକି ? ସେ ତ ପଛର କଥା, ବର୍ତ୍ତମାନକୁ ଲୋଭ ସମ୍ଭାଳିବାର କଠିଣ, ପୁଣି ମୁଁ ଜାତିରେ ବ୍ରାହ୍ମଣ ।

ବାବାଜୀ—ତେବେ ଲୋଭଇ ତୋ ଦେହକରେ ବନ୍ଧା, ପାଞ୍ଚପ୍ରାଣୀ ନୁହେଁ । ଅଚ୍ଛା କି ଇଚ୍ଛାରେ ତୋର ଲୋଭ ହୁଏ ?

ପୂଜାରୀ—କିପରି ପଣେ ଲଭ କରି ସୁଖରେ ରହିବି, ଏହି ମୋହର ଇଚ୍ଛା ।

ବାବାଜୀ—ଏ ଇଚ୍ଛା ମନ୍ଦ ନୁହେଁ ବରଂ ଗୃହୀଙ୍କ ପକ୍ଷରେ ଏହା ଉଚିତ । କିନ୍ତୁ ଅନ୍ୟାୟ ରୂପେ ଲାଭ କରିବାର ଉଚିତ ନୁହେଁ । କଥାରେ କହନ୍ତି "ଅନ୍ୟାୟରେ କଉଡ଼ାଏ ନେଲେ କାହାଣେ ନଷ୍ଟ ହୁଏ ।" ଅତଏବ ପରକୁ ଠକିଲେ ଲଭ ନାହିଁ, କେବଳ ଅଲଭ । ମିଥ୍ୟା, ପ୍ରବଞ୍ଚନା, ଅପହରଣ ଇତ୍ୟାଦି ଅସତ୍ ଉପାୟରେ ଅର୍ଥ ଲଭ ହୁଏ ସତ, କିନ୍ତୁ ପରିଶେଷେ ସେ ସବୁରୁ ଅନେକ ଅନର୍ଥ ଜାତ ହୁଏ । ସେ ସବୁ ପାପ ଅଟେ, ପାପର ଅଳିକ ସୁଖ କ୍ଷଣ କାଳର କିନ୍ତୁ ତହିଁର ଅସୀମ ଅସୁଖ କାଳ କାଳର । ଯଦି ଲଭ

Digitised by srujanika@gmail.com

ଓ ସୁଖର ଇଚ୍ଛା ଅଛି ତେବେ ଯେପରି ଇହକାଳ ଓ ପର କାଳରେ ଲାଭ ଓ ସୁଖ ହୁଏ ସେପରି କରିବାର ଉଚିତ । ସଂସାର କେତେ କାଳର ? ତୁ ତୃଣିବ୍ୟବସାୟରେ କେତେକାଳ ଆଉ ରହିଥିବୁ । "ନାନୃତାତ୍ ପାତକଂ ପରଂ" । ଅତଏବ ମିଥ୍ୟାଠୁ ବଳି ପାତକ ନାହିଁ । ଏ ସବୁ ଛାଡ଼ି ଦେଇ ପରିଶ୍ରମ ଓ ଯତ୍ନ କଲେ ସଦୁପାୟରେ ଯଥେଷ୍ଟ ଉନ୍ନତି ଓ ଧନ ଅର୍ଜନ ହୋଇପାରେ ।

ମୁଜାସ୍ମ—ହଁ । ଏହା ଠିକ୍‌କଥା, ଦେଖି ଯେମନ୍ତେ ହବ । ଆପଣଙ୍କଠାରୁ ଅନେକ ଜ୍ଞାନ ପାଇଲାଇଁ ।

—ସ ମା ପ୍ତ—

ମୁଦ୍ରାକର:—ହମିଦୁରହମାନ୍, ନଡ଼ପ୍ରେସ କଟକ-୨

Digitised by srujanika@gmail.com